NITIDIN
ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
14 FEBRUARY 2026
ଶନିବାର
୧୪ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 269 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୬୯ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

● ୨୦ ବର୍ଷ ପରେ ବାଂଲାଦେଶରେ ବିଏନ୍‌ପି ସରକାର

# ତାରିକ୍ ରେହମାନ୍ ନୂଆ ପ୍ରଧାନମନ୍ତ୍ରୀ

ଢ଼ାକା, ୧୩।୨/ଏଜେନ୍ସି:



ବାଂଲାଦେଶ ସାଧାରଣ ନିର୍ବାଚନ ଫଳାଫଳ ସାମ୍ନାକୁ ଆସିଛି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯାଇଛି । ଫଳାଫଳ ଅନୁସାରେ ତାରିକ୍ ରେହମାନ୍‌ଙ୍କ ଦଳ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି) ନେତୃତ୍ୱାଧୀନ ମେଣ୍ଟକୁ ଭାରି ବହୁମତ ମିଳିଛି । ବାଂଲାଦେଶର ମୋଟ୍ ୨୯୯ ନିର୍ବାଚିତ ଆସନ ମଧ୍ୟରୁ ବିଏନ୍‌ପି ନେତୃତ୍ୱାଧୀନ ମେଣ୍ଟକୁ ୨୧୨ ଆସନ ମିଳିଛି । ଅନ୍ୟପକ୍ଷେ ମହମ୍ମଦ ୟୁନୁସ୍ ସମର୍ଥିତ ଜମାତ୍-ଏ-ଇସଲାମି (ଜେଇଆଇ) ନେତୃତ୍ୱାଧୀନ ମେଣ୍ଟ ମାତ୍ର ୭୭ ଆସନ ଜିତିବାରେ ସଫଳ ହୋଇଛି । ରିପୋର୍ଟ ଲେଖାହେବା ସୁଦ୍ଧା ଆହୁରି ୨ଟି ଆସନ (ଚଟଗାଓଁ-୨ ଏବଂ ଚଟଗାଓଁ-୪)ରେ ଫଳାଫଳ ଘୋଷଣା ହେବାକୁ ଯଦିଓ ବାକି ରହିଛି କିନ୍ତୁ ଏହାର ପ୍ରଭାବ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାର ସାମାନ୍ୟତମ ସମ୍ଭାବନା ମଧ୍ୟ ନାହିଁ । ବାଂଲାଦେଶରେ ସରକାର ଗଠନ କରିବା ପାଇଁ ୧୫୦ ଆସନର ଆବଶ୍ୟକତା ଥିବା ବେଳେ ବିଏନ୍‌ପି ନେତୃତ୍ୱାଧୀନ ମେଣ୍ଟ ଆବଶ୍ୟକତା ଠାରୁ ଯଥେଷ୍ଟ ଅଧିକ ଆସନ ହାତେଇବାରେ ସଫଳ ହୋଇଛି । ଏଥିସହ ବାଂଲାଦେଶରେ ଦୀର୍ଘ ୨୦ ବର୍ଷ ପରେ ବିଏନ୍‌ପି ଏକ ନିର୍ବାଚିତ ତଥା ସ୍ଥାୟୀ ସରକାର ଗଠନ କରିବା ପାଇଁ ମଧ୍ୟ ସ୍ପଷ୍ଟ ଜନାଦେଶ ପାଇଛି । ଅନ୍ୟପକ୍ଷେ ମୋଟ୍ ୧୧ଟି ଦଳକୁ ନେଇ ଗଠିତ କଟ୍ଟରପନ୍ଥୀ ଜମାତ୍-ଏ-ଇସଲାମି ନେତୃତ୍ୱାଧୀନ ମେଣ୍ଟ ନିର୍ବାଚନରେ ବଡ଼ ଧରଣର ପରାଜୟ ବରଣ କରିଛି । ଏପରିକି ଶେଖ୍ ହସିନାଙ୍କ ସରକାରର ପତନ କରିଥିବା ଛାତ୍ର ସଂଗଠନ ଦଳ 'ନ୍ୟାସନାଲ୍ ସିଟିଜେନ୍ ପାର୍ଟି (ଏନ୍‌ସିପି) ମଧ୍ୟ ଶୋଚନୀୟ ପରାଜୟ ବରଣ କରିଛି ।

ଚଟଗାଓଁ-୨ ଏବଂ ଚଟଗାଓଁ-୪ ଆସନରେ ଫଳାଫଳ ଘୋଷଣାକୁ ଦେଶର ନିର୍ବାଚନ ଆୟୋଗ ସ୍ଥଗିତ ରଖିଛନ୍ତି । କାରଣ ଏହି ଦୁଇ ଆସନରୁ ଯେଉଁ ଦୁଇ ପ୍ରାର୍ଥୀ ବିଜୟୀ ହେବାର ସମ୍ଭାବନା ଅଧିକ ରହିଥିବା ଅନୁମାନ କରାଯାଉଛି ସେମାନଙ୍କ ବିରୋଧରେ ବିଭିନ୍ନ ଅପରାଧିକ ମାମଲା ରୁଜୁ ରହିଛି । ବାଂଲାଦେଶ ସୁପ୍ରିମକୋର୍ଟରେ ଏମାନଙ୍କ ବିରୋଧରେ ମାମଲା ବିଚାରାଧୀନ ଥିବାରୁ ନିର୍ବାଚନ ▶▶ ୫

**ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ**

**ଭାଇ ବୋଲି ସମ୍ବୋଧନ କଲେ ମମତା**

**ବିଏନ୍‌ପିକୁ ସମର୍ଥନ ଦେଲେ ସଂଖ୍ୟାଲଘୁ ହିନ୍ଦୁ ସମୁଦାୟ**

**ଜମାତ୍-ଏ-ଇସଲାମୀକୁ ଦେଶବାସୀଙ୍କ ପ୍ରତ୍ୟାଖ୍ୟାନ**

'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# 'ମୋ ପାଇଁ ଭକ୍ତର ସନ୍ତୋଷ ହିଁ ସର୍ବଶ୍ରେଷ୍ଠ ପୁରସ୍କାର'

ଭୁବନେଶ୍ୱର,ନବରଙ୍ଗପୁର, ୧୩।୨/ଏନ୍‌ଏନ୍‌ଏସ୍:






ଯେଉଁ ଦିନ ପ୍ରତିଟି ଗରିବ ଲୋକ ବିନା କୌଣସି ବାଧାରେ ମହାପ୍ରଭୁଙ୍କ ଚକାନୟନ ସହ ଆଖି ମିଳାଇ ପାରିବ ଏବଂ ଶ୍ରଦ୍ଧାରେ ଲୁହ ଝରାଇବ, ସେହିଦିନ ହିଁ ମୋର ମୁଖ୍ୟମନ୍ତ୍ରୀ ପଦ ସାର୍ଥକ ହେବ । ମୋ ପାଇଁ ସେହି ଭକ୍ତର ସନ୍ତୋଷ ହିଁ ହେବ ସର୍ବଶ୍ରେଷ୍ଠ ପୁରସ୍କାର । ଶୁକ୍ରବାର ଏଭଳି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନବରଙ୍ଗପୁର ଠାରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରି ଶ୍ରୀ ମାଝୀ ଏହା କହିଛନ୍ତି । ଏହାଛଡ଼ା ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ, ତେଣୁ ତାଙ୍କ ଦର୍ଶନ ପାଇଁ କୌଣସି ବାଧା ରହିବା ଉଚିତ ନୁହେଁ । ପ୍ରତିଟି ଓଡ଼ିଆ ଯେପରି ଜୀବନରେ ଅନ୍ତତଃ ଥରେ ସମ୍ମାନର ସହ ମହାପ୍ରଭୁଙ୍କ ଦର୍ଶନ ପାଇବେ, ଏହି ଚିନ୍ତାଧାରା ରଖି ଆମ ସରକାର 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ କରିଛନ୍ତି ।

ଶୁକ୍ରବାର ରାଜ୍ୟର ନବରଙ୍ଗପୁର, ଭଦ୍ରକ, ବାରିପଦା, ସମ୍ବଲପୁର, ଏବଂ ବ୍ରହ୍ମପୁରଠାରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ହୋଇଛି । ୫ଟି ଜିଲ୍ଲାରୁ ପ୍ରାୟ ୫୦୦ ଶ୍ରଦ୍ଧାଳୁ ତୀର୍ଥଯାତ୍ରୀ ଏସ୍କର୍ଟ ଅଫିସରଙ୍କ ସହିତ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଯୋଜନାରେ ଚଳିତ ବର୍ଷ ରାଜ୍ୟର ୫ ହଜାର ହିତାଧିକାରୀ ଏବଂ ଆସନ୍ତା ୪ ବର୍ଷ ମଧ୍ୟରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ▶▶ ୫

**୫ ସ୍ଥାନରୁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ**

**୪ ବର୍ଷରେ ମହାପ୍ରଭୁଙ୍କ ଦର୍ଶନ କରିବେ ୧ ଲକ୍ଷରୁ ଉର୍ଦ୍ଧ୍ୱ**

## ୪୪୬ କୋଟିର ୧୭୭ ପ୍ରକଳ୍ପ ଶୁଭାରମ୍ଭ

**୧୧୨ଟି ଉଦ୍‌ଘାଟିତ ଓ ୬୫ଟିର ଭିତ୍ତିପ୍ରସ୍ତର**

ମୁଖ୍ୟମନ୍ତ୍ରୀ ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ପାଇଁ ୪୪୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୭୭ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିରେ ୬୮ କୋଟି ଟଙ୍କା ମୂଲ୍ୟର ୧୧୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୩୭୮ କୋଟି ଟଙ୍କା ମୂଲ୍ୟର ୬୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି । ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡ଼କ, ସେତୁ, ହଷ୍ଟେଲ, ବନ ସୁରକ୍ଷା ସମିତି, ଅଙ୍ଗନବାଡ଼ି କେନ୍ଦ୍ର ଆଦି ଏହି ସବୁ ପ୍ରକଳ୍ପ ଗୁଡ଼ିକ ନବରଙ୍ଗପୁରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ▶▶ ୫

## ମେଡିକାଲ୍ କଲେଜ୍ ପାଇଁ ଭିତ୍ତିପ୍ରସ୍ତର

**ରହିବ ୧୦୦ ଏମ୍‌ବିବିଏସ୍ ସିଟ୍ ଓ ୪୨୦ ଶଯ୍ୟା**

ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁ ଆକାଂକ୍ଷିତ ମେଡିକାଲ୍ କଲେଜର ମଧ୍ୟ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । ନବରଙ୍ଗପୁରର ପାତାଲଗୁଡାଠାରେ ୫୦ ଏକରରୁ ଉର୍ଦ୍ଧ୍ୱ ଜାଗା ଉପରେ ପ୍ରତିଷ୍ଠା ହେବାକୁ ଥିବା ଏହି ମେଡିକାଲ୍ କଲେଜ ଓ ହସ୍ପିଟାଲରେ ୧୦୦ ଏମ୍‌ବିବିଏସ୍ ସିଟ୍ ଓ ୪୨୦ଟି ଶଯ୍ୟା ରହିବ । ଏହି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପରେ ଜିଲ୍ଲାବାସୀ ଉନ୍ନତ ମାନର ଚିକିତ୍ସା ସୁବିଧା ପାଇଁ ଆଉ ଜିଲ୍ଲା ବାହରକୁ ଯିବେ ନାହିଁ, ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଜିଲ୍ଲା ଭିତରେ ହିଁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, ▶▶ ୫

# ଖଡ଼ଗେ ଉଠାଇଲେ ଓଡ଼ିଶା ପ୍ରସଙ୍ଗ

**ଦଳିତ ଅଙ୍ଗନବାଡ଼ି ସହାୟିକା ନିଯୁକ୍ତି ବିବାଦର ତଦନ୍ତ ଦାବି**

ରାଜନଗର,୧୩।୨/ଏନ୍‌ଏନ୍‌ଏସ୍:



କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡ଼ିଆମାଳ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଦଳିତ ଜାତିର ଜଣେ ଯୁବତୀ ସହାୟିକା ନିଯୁକ୍ତି ପାଇବା ପରେ ବିବାଦ ଲାଗି ରହିଛି । ଗାଁଲୋକେ ପିଲାମାନଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଛାଡୁ ନାହାନ୍ତି କି ଶୁଖିଲା ଖାଦ୍ୟ ନେଉନାହାନ୍ତି । ଫଳରେ ଅଢ଼େଇ ମାସରୁ ଉର୍ଦ୍ଧ୍ୱ ହେବ କେନ୍ଦ୍ରର କାର୍ଯ୍ୟ ଠପ୍ ହୋଇଯାଇଛି । ଯାହାକୁ ନେଇ ରାଜ୍ୟସଭାରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଓଡ଼ିଶାରେ ଘଟିଥିବା ଜାତିଗତ ଭେଦଭାବ ଘଟଣାକୁ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଓଡ଼ିଶାରେ ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହୋଇଛି । କାର୍ଯ୍ୟ କ୍ଷେତ୍ରରେ ଜାତିଗତ ବୈଷମ୍ୟ ସମ୍ବିଧାନିକ ଅଧିକାରର ଉଲ୍ଲଙ୍ଘନ ବୋଲି ଅଭିଯୋଗ କରି କେନ୍ଦ୍ର ସରକାର ହସ୍ତକ୍ଷେପ କରିବା ସହ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି । ଶ୍ରୀ ଖଡ଼ଗେଙ୍କ ଏହି ଦାବି ପରେ ଏହି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିବା ସହ ଚର୍ଚ୍ଚାର ଖୋରାକ ଯୋଗାଇଛି । ଏହି କ୍ରମରେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମା, ରାଜନଗର ବ୍ଲକ କଂଗ୍ରେସ ▶▶ ୫

## ବୋର୍‌ୱେଲ୍‌ରେ ପଡ଼ି ଶିଶୁକନ୍ୟା ମୃତ

ପୁରୀ,୧୩।୨/ଏନ୍‌ଏନ୍‌ଏସ୍:

ସଦର ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି । ବୋର୍‌ୱେଲ୍‌ରେ ପଡ଼ି ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଛି । ମୃତ ଶିଶୁ ଜଣକ ସ୍ଥାନୀୟ ନରେନ୍ଦ୍ର କୋଣ ମଙ୍ଗଳାସାହି ଅଞ୍ଚଳର ଅଜୟ ନାୟକଙ୍କ ଦେଢ଼ ବର୍ଷ ବୟସର ଶିଶୁକନ୍ୟା ସମାୟିରା ନାୟକ ବୋଲି ଜଣାପଡ଼ିଛି । ପ୍ରକାଶ ଯେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ୨ଶହ ଶଯ୍ୟା ବିଶିଷ୍ଟ କୋଠା ନିର୍ମାଣ ହେଉଛି । ଏହି କୋଠା ପାଇଁ ପାଣି ଯୋଗାଇବାକୁ ବୋରୱେଲ ଖୋଳା ହେଉଛି । ତେବେ ସମାୟିରା ରାୟବାହାଦୂର ଲେନ୍‌ରେ ଥିବା ମାମୁଁ ଘରକୁ ବୁଲିବାକୁ ଯାଇଥିଲାବେଳେ ▶▶ ୫

# ପତ୍ନୀହନ୍ତାକୁ ଫାଶୀ ଦଣ୍ଡାଦେଶ

**ଏସିଡ୍ ପକାଇ ଦ୍ୱିତୀୟ ସ୍ତ୍ରୀକୁ କରିଥିଲା ହତ୍ୟା**

ବାଲେଶ୍ୱର,୧୩।୨/ଏନ୍‌ଏନ୍‌ଏସ୍:




ବାଲେଶ୍ୱରରେ ବହୁଚର୍ଚ୍ଚିତ ଏସିଡ୍ ମାଡ଼ ଘଟଣାରେ ଶୁକ୍ରବାର ରାୟ ଆସିଛି । ରାୟ ଶୁଣାଇଛନ୍ତି ବାଲେଶ୍ୱର ସ୍ପେଶାଲ କୋର୍ଟ (ସ୍ୱତନ୍ତ୍ର ଅନୁସୂଚିତ ଜାତି ଏବଂ ଜନଜାତି) ଜଜ୍ ଅବଦୁଲ୍ ସମିମ୍ ଅଖତର । ଦୋଷୀ ଚନ୍ଦନ ରଣାଙ୍କୁ ମିଳିଛି ଫାଶୀ ଦଣ୍ଡାଦେଶ ।

ସୂଚନା ମୁତାବକ ପାରିବାରିକ ବିବାଦକୁ ନେଇ ଗତ ୨୦୨୩ ମସିହାରେ ଚନ୍ଦନ ରଣା ବାଲେଶ୍ୱର ସହର ନିକଟ ଭୀମପୁରା ଗ୍ରାମରେ ଥିବା କାର୍ତ୍ତିକ ସିଂ(ଶ୍ୱଶୁର)ଙ୍କ ଘରକୁ ଯାଇ ତାଙ୍କର ଦ୍ୱିତୀୟ ସ୍ତ୍ରୀ ବନୀତା ସିଂଙ୍କୁ ଏସିଡ୍ ପକାଇ ହତ୍ୟା ଉଦ୍ୟମ କରିଥିଲା । ପରେ ବନୀତା ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ୬ ଦିନ କାଳ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଥିଲେ । ଏହି ଏସିଡ୍ ମାଡ଼ରେ ବନୀତାଙ୍କ ବଡ଼ ଭଉଣୀ ଏବଂ ପୁତୁରା ମଧ୍ୟ ଆହତ ହୋଇଥିଲେ ।ବନିତା ସିଂଙ୍କ ଉପରକୁ ଏସିଡ୍ ଫୋପାଡ଼ି ଚନ୍ଦନ ▶▶ ୫

## ୬ଙ୍କୁ ଦଳିଦେଲା ଦନ୍ତା

ରାଞ୍ଚି,୧୩।୨/ଏଜେନ୍ସି:



ଝାଡ଼ଖଣ୍ଡ ହଜାରିବାଗ ଜିଲ୍ଲା ଗଣ୍ଡୱାର ଗାଁରେ ଦନ୍ତା ଆତଙ୍କ ଦେଖାଦେଇଛି । ହାତୀ ଆକ୍ରମଣରେ ଗୋଟିଏ ପରିବାରର ୪ ଜଣଙ୍କ ସମେତ ୬ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ଜଣେ ଶିଶୁ ଗୁରୁତର ହୋଇଥିବା ବେଳେ ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ଘରେ ଶୋଇଥିବାବେଳେ ଶୁକ୍ରମାର ଭୋର୍ ସମୟରେ ଏହି ଅଘଟଣ ଘଟିଛି । ମୃତକମାନେ ହେଲେ ସୁମନ କୁମାରୀ(୨୬), ସବିତା ଦେବୀ(୨୫), ଧନେଶ୍ୱର ରାମ(୫୨), ସୁରଜ ରାମ(୫୦), ଅନୁରାମ ରାମ(୧) ଓ ସଞ୍ଜନା କୁମାର(୩) । ଗତ କିଛି ଦିନ ଧରି ହାତୀ ପଲ ଧନଜୀବନ ନଷ୍ଟ କରୁଥିବାର ଅନେକ ଖବର ମିଳିଛି । ସ୍ଥାନୀୟ ବାସିନ୍ଦା ଏହି ହାତୀମାନଙ୍କୁ ଘଉଡାଇବା ପାଇଁ ପ୍ରଶାସନ ନିକଟରେ ଦାବି କରିଆସୁଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ସମାଧାନ ମିଳିନାହିଁ । ସ୍ଥାନୀୟ ବାସିନ୍ଦା କହିଛନ୍ତି ଯେ ୧୮ରୁ ଅଧିକ ଏକ ହାତୀପଲ ଏଠାରେ ସକ୍ରିୟ ଅଛନ୍ତି, ଘର ଏବଂ ଫସଲ ନଷ୍ଟ କରୁଛନ୍ତି ।

## ବଦଳିଲେ ୫ ଓଏଏସ୍

ଭୁବନେଶ୍ୱର,୧୩।୨/ଏନ୍‌ଏନ୍‌ଏସ୍:




ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ଓଏଏସ୍‌ସ୍ତରରେ ଅଦଳବଦଳ କରାଯାଇଛି । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାର ପୂର୍ବତନ ବିଡିଓ ସୌମ୍ୟଶ୍ରୀ ପାଣୀଗ୍ରାହୀଙ୍କୁ ପୁରୀ ଉପ ଜିଲ୍ଲାପାଳଭାବେ ଅବସ୍ଥାପିତ କରାଯାଇଛି । ସେହିପରି କଟକ ଆଠଗଡ଼ର ପୂର୍ବତନ ବିଡିଓ ପ୍ରଦୀପ କୁମାର ସାହୁଙ୍କୁ ଅନୁଗୁଳ ଉପଜିଲ୍ଲାପାଳ, କେନ୍ଦୁଝର ଜମ୍ପୁଆର ପୂର୍ବତନ ତହସିଲଦାର ସଜତ୍ ମାର୍କେଙ୍କୁ ସମ୍ବଲପୁର ସ୍ଥିତ କୁଚିଣ୍ଡା ଉପଜିଲ୍ଲାପାଳ, କଟକ ଟିଗିରିଆର ତହସିଲଦାର ଅକ୍ଷୟ କୁମାର ପରିଡ଼ାଙ୍କୁ ନିଆଳି ବିଡିଓ ଏବଂ କଟକ ନିଆଳିର ବିଡିଓ ଧର୍ମ ରଞ୍ଜନ ପଣ୍ଡାଙ୍କୁ ଟିଗିରିଆ ତହସିଲଦାର ଭାବେ ଅବସ୍ଥାପିତ କରାଯାଇଛି ।

# ପିଏମ୍‌ଓର ନୂଆ ଠିକଣା 'ସେବା ତୀର୍ଥ'

**୧୪୦ କୋଟି ଦେଶବାସୀଙ୍କ ଆକାଂକ୍ଷାକୁ ପୂରଣ କରିବ: ମୋଦୀ**






ନୂଆଦିଲ୍ଲୀ, ୧୩।୨/ଏଜେନ୍ସି:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ନୂଆଦିଲ୍ଲୀରେ ନବନିର୍ମିତ ସେବା ତୀର୍ଥ ଭବନ କମ୍ପ୍ଲେକ୍ସକୁ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ସେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ନୂତନ କୋଠାଗୁଡ଼ିକ ଔପନିବେଶିକ ଐତିହ୍ୟରୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନକୁ ଚିହ୍ନିତ କରିବା ସହ ଏକ ଆଧୁନିକ ଭାରତର ଆଶାକୁ ପ୍ରତିଫଳିତ କରୁଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଥିବା ଏହି ନୂତନ କମ୍ପ୍ଲେକ୍ସ ଯାହାକି ଏବେ ସେବା ତୀର୍ଥ ଭାବେ ପରିଚିତ ହୋଇଛି, ୧୪୦ କୋଟି ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବ । ଭାରତକୁ ଶତାବ୍ଦୀ ଧରି ଉପନିବେଶବାଦୀ ଶିକୁଳି ତଳେ ରଖିବା ଲକ୍ଷ୍ୟରେ ଦକ୍ଷିଣ ବ୍ଲକ୍ ଏବଂ ନର୍ଥ ବ୍ଲକ୍ ନିର୍ମାଣ କରାଯାଇଥିଲା । କିନ୍ତୁ ଏବେ ଏହା ଶେଷ ହୋଇଛି । ସେବା ତୀର୍ଥରେ ପିଏମ୍‌ଓ ସହ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ ସଚିବାଳୟ ଭଳି ୩ଟି ବିଲ୍ଡିଂକୁ ଅନ୍ତର୍ଭୁକ୍ତ କରାଯାଇଛି । କର୍ତ୍ତବ୍ୟ ଭବନ ୧ ଏବଂ ୨ ଉଦଘାଟନ କରିବା ପରେ ମୋଦୀ କହିଥିଲେ ଯେ ସେବା ତୀର୍ଥ ଏବଂ କର୍ତ୍ତବ୍ୟ ଭବନଗୁଡ଼ିକ ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ନିର୍ମିତ ।

ମୋଦୀଙ୍କ କହିବାନୁସାରେ ଆଜିର ଏହି ଦିନ ଭାରତର ବିକାଶ ଯାତ୍ରାରେ ଏକ ନୂତନ ଆରମ୍ଭ ହେଉଛି । ଆଜି ଆମେ ସମସ୍ତେ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ କରିବାର ସଂକଳ୍ପ ସହିତ ସେବା ତୀର୍ଥ ଏବଂ କର୍ତ୍ତବ୍ୟ ଭବନରେ ପ୍ରବେଶ କରୁଛୁ । ଆମର ଲକ୍ଷ୍ୟ ହାସଲ କରିବାର ଦିବ୍ୟ ଆଶୀର୍ବାଦ ଆମକୁ ମିଳିଛି ବୋଲି ସେ କହିଛନ୍ତି । ସୂତରାଂ 'ଏହି ବିଲ୍ଡିଂରେ ଏଣିକି ପ୍ରବେଶ କରିବା ସମୟରେ, ପ୍ରତ୍ୟେକ ଅଧିକାରୀ ଏବଂ କର୍ମଚାରୀଙ୍କୁ ଚିନ୍ତା କରିବା ▶▶ ୫

**ସେବା ତୀର୍ଥ ସହ କର୍ତ୍ତବ୍ୟ ଭବନ-୧ ଏବଂ ୨ର ଉଦ୍‌ଘାଟନ**

**ସେବା ତୀର୍ଥରେ ପିଏମ୍‌ଓ ସହ ରହିଛି ୨ ସଚିବାଳୟ**

ଭାରତରେ ପ୍ରଥମ

# 'ଇ-ଲୋକଭବନ ଓଡ଼ିଶା ଆପ୍' ଶୁଭାରମ୍ଭ



ଭୁବନେଶ୍ୱର,୧୩।୨/ଏନ୍‌ଏନ୍‌ଏସ୍:

ଶୁକ୍ରବାର ଲୋକଭବନ ପାଇଁ ସ୍ୱୟଂଚାଳିତ ସାକ୍ଷାତ ବ୍ୟବସ୍ଥା 'ଇ-ଲୋକଭବନ ଓଡ଼ିଶା ଆପ୍' ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି । ଏହା ରାଜ୍ୟପାଳଙ୍କ ସେକ୍ରେଟାରୀଏଟ ସହିତ ନାଗରିକଙ୍କ ସମ୍ପର୍କକୁ ସୁଗମ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ସୁରକ୍ଷିତ ୱେବ୍-ଆଧାରିତ ପ୍ଲାଟଫର୍ମ । ଏହି ପଦକ୍ଷେପ ସହିତ ଲୋକଭବନରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସାକ୍ଷାତ ଏବଂ ପରିଦର୍ଶକ ପରିଚାଳନା ବ୍ୟବସ୍ଥା ପ୍ରଚଳନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବରେ ଉଭା ହୋଇଛି । ଡିଜିଟାଲ ପ୍ଲାଟଫର୍ମର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଦୃଷ୍ଟିକୋଣର ଅଂଶ ସ୍ୱରୂପ ଏବଂ ନବସୃଜନ, ସ୍ୱଚ୍ଛତା ପ୍ରତି ଲୋକଭବନର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଗତ ଏକ ବର୍ଷ ମଧ୍ୟରେ ଲୋକଭବନ ଅନେକ ଭବିଷ୍ୟତମୁଖୀ ପଦକ୍ଷେପ ଗ୍ରହଣ କରିଛି । ସୌରଶକ୍ତି ମାଧ୍ୟମରେ ଏହାର ଶକ୍ତି ଆବଶ୍ୟକତା ପୂରଣ ▶▶ ୫

## ଅସହ୍ୟ ଯନ୍ତ୍ରଣାରେ ଛଟପଟ ପୂର୍ବତନ ବିଧାୟକ ବିକ୍ରମ

# ସ୍ୱାସ୍ଥ୍ୟାବସ୍ଥା ଖରାପ ସତ୍ତ୍ୱେ ଜେଲ୍ ଖାଦ୍ୟ ଦିଆଯାଉଥିବା ଅଭିଯୋଗ

**ବ୍ରହ୍ମପୁର,୧୩।୨/ଏନ୍ଏନ୍ଏସ୍:** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାରେ ଗିରଫ ହୋଇ ଜେଲ୍‌ରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଛି । ତାଙ୍କୁ ଚିକିତ୍ସା ପାଇଁ ଚଳିତ ମାସ ୧୦ ତାରିଖ ଦିନ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଜେନେରାଲ ସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି । ପୂର୍ବତନ ବିଧାୟକ ଶ୍ରୀ ପଣ୍ଡାଙ୍କ ଗଲ୍‌ବ୍ଲାଡରରେ ଷ୍ଟୋନ ଥିବା ଜଣାପଡିଥିବା ବେଳେ ବର୍ତ୍ତମାନ ମଳକଣ୍ଟକରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ଜେଲ କର୍ତ୍ତୃପକ୍ଷ ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ଅସହ୍ୟ ଯନ୍ତ୍ରଣା ସହିତ ରକ୍ତସ୍ରାବ ମଧ୍ୟ ହେଉଛି । ଏଭଳି ସ୍ଥିତିରେ ତାଙ୍କୁ ମେଡ଼ିକାଲରୁ ପୁଣି ଜେଲ ନେବାକୁ ହେଉଥିବା ନିଷ୍ପତ୍ତିକୁ ଆପତ୍ତି କରିଛନ୍ତି ବିକ୍ରମଙ୍କ ଓକିଲ ଆଇନଜୀବୀ ଦୀପକ ପଟ୍ଟନାୟକ । ଆଜି ପୂର୍ବାହ୍ନରେ ସେ ଏମ୍‌କେସିଜି ମେଡିକାଲରେ ପହଞ୍ଚି ବିକ୍ରମ ପଣ୍ଡାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପଚାରି ବୁଝିଥିଲେ । ପୂର୍ବତନ ବିଧାୟକ ଶ୍ରୀ ପଣ୍ଡା ପାଇଲ୍ସ ପାଇଁ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିବା କହିଛନ୍ତି । ଏଭଳି ସ୍ଥଳେ ମେଡିକାଲର ଖାଦ୍ୟ ଦେବା ବଦଳରେ ବିକ୍ରମଙ୍କୁ ଜେଲର ଖାଦ୍ୟ



ହିଁ ଖାଇବାକୁ ଦିଆଯାଉଛି । ଯାହାକୁ ନେଇ ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି । ଏଭଳି ଖାଦ୍ୟ ତାଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି କହିଛନ୍ତି । ଡାକ୍ତରଙ୍କ କର୍ତ୍ତବ୍ୟ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇ ସୁସ୍ଥ କରିବା, କିନ୍ତୁ ଡାକ୍ତର ଯଦି କୌଣସି ପ୍ରକାର ରାଜନୈତିକ ଚାପରେ ତାଙ୍କୁ ମେଡିକାଲରୁ ଡିସଚାର୍ଜ କରିବାକୁ ଚେଷ୍ଟା କରନ୍ତି, ତାହେଲେ ଏହା ଖରାପ ବୋଲି କହିଛନ୍ତି ଆଇନଜୀବୀ ଦୀପକ ପଟ୍ଟନାୟକ । ଅପରପକ୍ଷରେ ବିକ୍ରମ ପଣ୍ଡାଙ୍କୁ ମେଡିକାଲରୁ ଡିସଚାର୍ଜକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଏମ୍‌କେସିଜି ମେଡିକାଲ ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ । ବହୁ ବିଭାଗର ମୁଖ୍ୟଙ୍କୁ ନେଇ ଏକ ମେଡିକାଲ କମିଟି ଗଠନ କରାଯାଇଛି । ସେମାନେ ବିକ୍ରମ ପଣ୍ଡାଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ସମ୍ପୂର୍ଣ୍ଣ ଯାଞ୍ଚ କରିବା ସହ ସମସ୍ତ ତଦନ୍ତ କରି ଯାହା ରିପୋର୍ଟ ପ୍ରଦାନ କରିବେ ସେହି ଅନୁସାରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ମେଡିକାଲ ଅଧିକ୍ଷକ କହିଛନ୍ତି । ତେବେ ଏନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯିବ ବୋଲି ବିକ୍ରମଙ୍କ ଓକିଲ ଶ୍ରୀ ପଟ୍ଟନାୟକ କହିଛନ୍ତି । ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଡିସ୍‌ଚାର୍ଜକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ ମେଡ଼ିକାଲ କମିଟି ଏବଂ ଅଦାଲତ ଏ ଦିଗରେ କି ନିଷ୍ପତ୍ତି ନେବେ ତାକୁ ନେଇ ରହିବ ଏବେ ସମସ୍ତଙ୍କ ନଜର ।

## ଶ୍ରୀଶ୍ରୀ ଚନ୍ଦ୍ରକକ୍ଳେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ପ୍ରସ୍ତୁତି

# ରାତି ୧୨ରେ ଉଠିବ ମହାଦୀପ



**ଆସିକା,୧୩।୨/ଏନ୍ଏନ୍ଏସ୍:** ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବାକୁ ଥିବା ମହାଶିବରାତ୍ରୀ ପର୍ବ ପାଳନ ପାଇଁ ଆସିକା ତଥା ଏହାର ଆଖପାଖ ଅଞ୍ଚଳର ଶୈବପୀଠ ଗୁଡିକ ବର୍ତ୍ତମାନ ଠାରୁ ଚଳଚଞ୍ଚଳ ହୋଇଉଠିଥିବା ଦେଖିବାକୁ ମିଳିଛି । ଆସିକା ବ୍ଲକ ଅଧିନସ୍ଥ ଗଙ୍ଗାପୁର ଶାସନ ଗ୍ରାମର ପୂଣ୍ୟତୋୟା ଋଷିକୁଲ୍ୟା ନଦୀତଟରେ କେଉଁ ଆବହମାନ କାଳରୁ ପୂଜା ପାଇ ଆସୁଥିବା ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଚନ୍ଦ୍ରକକ୍ଳେଶ୍ୱରଙ୍କ ମନ୍ଦିରରେ ପୂର୍ବବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଜାଗର ଯାତ୍ରାକୁ ବିଧିବିଧାନ ଅନୁଯାୟୀ ମହାଆଡମ୍ବର ସହକାରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ଲାଗି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଇଛି । ଆସିକା ବ୍ଲକ ଅଧୀନସ୍ଥ ଗଙ୍ଗାପୁର ଶାସନ ଗ୍ରାମର ଆଧ୍ୟାତ୍ମିକପ୍ରେମୀ ଶିରିସ କୁମାର ମିଶ୍ର, ଗଣେଶ୍ୱର ଦାଶ, ଧନେଶ୍ୱର ସେନାପତି, ବସନ୍ତ କୁମାର ମୁନି, ଶଙ୍କର୍ଷଣ ମୁନି, ଶ୍ୟାମସୁନ୍ଦର ପାତ୍ର, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଶିବପ୍ରସାଦ ପାତ୍ରଙ୍କ ସମେତ ଗ୍ରାମବାସୀ, ଯୁବପିଢୀ ଏକମନ ଏକପ୍ରାଣରେ ଶ୍ରୀଶ୍ରୀ ଚନ୍ଦ୍ରକକ୍ଳେଶ୍ୱରଙ୍କ ଆଗାମୀ ଜାଗର ଯାତ୍ରାକୁ ରିତୀନିତୀ ଅନୁଯାଇ ସମ୍ପନ୍ନ କରିବା ଲାଗି ଆଗେଇ ଆସିଥିବା ଦେଖିବାକୁ ମିଳିଛି । ଆସନ୍ତା ୧୫ ତାରିଖରେ ହେବାକୁ ଥିବା ମହାଶିବରାତ୍ରୀ ଅବସରରେ ଶ୍ରୀଶ୍ରୀ ଚନ୍ଦ୍ରକକ୍ଳେଶ୍ୱର ମହାପ୍ରଭୁଙ୍କ ଶୈବପୀଠରେ ଭୋର ୩ଘଟିକାରୁ ପହଡ ଖୋଲିବା ପରେ ଠାକୁରଙ୍କ ଅବକାଶ ଓ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ପରେ ଶ୍ରଦ୍ଧାଳୁଭକ୍ତ ମାନେ ପ୍ରଭୁଙ୍କୁ ଦର୍ଶନ କରିବେ ବୋଲି ଜଣାପଡିଛି । ଗଙ୍ଗାପୁର ଶାସନ ଗ୍ରାମର ପବିତ୍ର ଋଷିକୁଲ୍ୟା ନଦୀତଟରେ କେଉଁ ଆବାହମାନ କାଳରୁ ପୂଜା ପାଇଆସୁଥିବା ଶ୍ରୀ ଶ୍ରୀ ଚନ୍ଦ୍ରକକ୍ଳେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ମହାଶିବରାତ୍ରୀ ଅବସରରେ ଅନୁଷିତ ହେବାକୁ ଥିବା ଜାଗରଯାତ୍ରା କାର୍ଯ୍ୟକ୍ରମକୁ ବିଧିବିଧାନ ଅନୁଯାୟୀ ମହାଆଡମ୍ବରରେ ପାଳନ କରିବା ଲାଗି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଇଛି । ଐତିହ୍ୟ, ସଂସ୍କୃତି ସଂପନ୍ନ ଓ ଭାଇଚାରାର ଗ୍ରାମ ରୂପେ ପରିଚିତ ଥିବା ଆସିକା ବ୍ଲକ ଅଧୀନସ୍ଥ ଗଙ୍ଗାପୁର ଶାସନ ଗ୍ରାମ ନିକଟରେ କେଉଁ ଆବାହମାନ କାଳରୁ ପୂଜା ପାଇଆସୁଥିବା ଶ୍ରୀ ଶ୍ରୀ ଚନ୍ଦ୍ରକକ୍ଳେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର ମହାଶିବରାତ୍ରୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ହୋମଯଜ୍ଞ, ଅନ୍ନଯଜ୍ଞ ଓ ଘୃତଯଜ୍ଞ କାର୍ଯ୍ୟକ୍ରମକୁ ବିଧିବିଧାନ ଅନୁଯାୟୀ ମହାଆଡମ୍ବରରେ ପାଳନ କରିବା ଲାଗି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଲକ୍ଷ୍ୟ କରାଯାଇଛି । ମୁକ୍ତିର ପଥ ପ୍ରଦର୍ଶକ ରୂପେ ଶ୍ରଦ୍ଧାଳୁ ଭକ୍ତଙ୍କ ମଧ୍ୟରେ ବିଶ୍ୱାସ ରହିଥିବା ବାବା ଚନ୍ଦ୍ରକକ୍ଳେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁ ଭକ୍ତ ଯଦି ଭକ୍ତି ସହକାରେ ପୂଜାର୍ଚ୍ଚନା କରିଥାଏ ତେବେ ବାବା ଚନ୍ଦ୍ରକକ୍ଳେଶ୍ୱର ଆଶିଷ ପ୍ରଦାନ କରିଥାନ୍ତି । ବାବା ଚନ୍ଦ୍ରକକ୍ଳେଶ୍ୱରଙ୍କ ମହିମା ଅପାର ହୋଇଥିବାରୁ ଏହି ପୀଠକୁ ବର୍ଷ ତମାମ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ୭୪ ବରିଷ୍ଠ ନାଗରିକ





**ଛତ୍ରପୁର,୧୩।୨/ଏନ୍ଏନ୍ଏସ୍:** ଓଡ଼ିଆ ଜାତି ଓ ଜାଗୃତିର ପ୍ରାଣକେନ୍ଦ୍ର ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ଓଡ଼ିଶାର ପ୍ରତ୍ୟକ ବ୍ୟକ୍ତି ମୁଖ୍ୟତଃ ଆମର ବରିଷ୍ଠ ନାଗରିକ ଅର୍ଥାତ ଆମର ଗୁରୁଜନମାନେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ସବୁବେଳେ ବ୍ୟାକୁଳ ହୋଇ ରହିଥାନ୍ତି । ମହୋଦଧିରେ ସ୍ନାନ, ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ ହେଉଛି ପ୍ରତି ଓଡ଼ିଆର ସର୍ବଶ୍ରେଷ୍ଠ ଧନ ଓ ମାନ । ଆଜି ସେହି ପୁଣ୍ୟ ପୟୋଧିତ ଭୂମିକୁ ଯାଇ ମହାପ୍ରଭୁଙ୍କ ସହଜ ଓ ସାବଲୀଳ ଦର୍ଶନ ପାଇଁ ରାଜ୍ୟ ସରକାର ନେଇ ଆସିଛନ୍ତି ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା । ଆଜି ରାଜ୍ୟର ୫ ଟି ଜିଲ୍ଲାରେ ଏକା ସାଥିରେ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଛି । ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ମହତ୍ୱାକାଂକ୍ଷୀ ଯୋଜନାର ଶୁଭ ଉଦଘାଟନ କରିଥିବାବେଳେ ଗଂଜାମ ଜିଲ୍ଲାର ଛତ୍ରପୁରର ଅନସ୍ଲୋ ମିନି ଷ୍ଟାଡିୟମଠାରୁ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା ଏହି ଯୋଜନା ଅନ୍ତର୍ଗତ ତୀର୍ଥଯାତ୍ରୀ ବସର ଶୁଭାରମ୍ଭ କରିଛନ୍ତି । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ମାଟିର ମଣିଷ । ସାଧାରଣ ଲୋକଙ୍କର ମନର କଥା ଜାଣିଛନ୍ତି ବୋଲି ମନ୍ତ୍ରୀ କହିଥିଲେ । ଆଜି ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ ଟି ଜିଲ୍ଲାର ୫୪୦ ଜଣ ବରିଷ୍ଠ ନାଗରିକ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସୁଯୋଗ ପାଇଛନ୍ତି । ସେଥି ମଧ୍ୟରୁ ଗଞ୍ଜାମ ଜିଲ୍ଲାରୁ ୭୪ ଜଣ ବରିଷ୍ଠ ନାଗରିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସୁଯୋଗ ପାଇଛନ୍ତି । ଚଳିତ ବର୍ଷ ପ୍ରାୟ ୫ ହଜାର ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନା ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ୬୦ ରୁ ୭୫ ବୟସ ମଧ୍ୟରେ ଆର୍ଥିକ ଦୁର୍ବଳ ଶ୍ରେଣୀର ବରିଷ୍ଠ ନାଗରିକ ଏବଂ ୭୫ ବୟସ ମଧ୍ୟରେ ସମସ୍ତ ବିଧବାମାନଙ୍କୁ ଶ୍ରୀକ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିବାର ଦୀର୍ଘକାଳୀନ ସ୍ୱପ୍ନ ପୂରଣ କରିବାରେ ସାହାଯ୍ୟ କରିବ ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ । ଏହି ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀମାନଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ବସରେ ଯାତ୍ରା କରିବାର ସୁବିଧା ସହ ରହିବା ପାଇଁ ପୁରୀର ବୃନ୍ଦାବତୀ ନିବାସରେ ସମସ୍ତ ବ୍ୟବସ୍ଥା, ମହାପ୍ରସାଦ ସେବନ ଏବଂ ପ୍ରତିଦିନ ଚାରି ଓଳି ନିରାମିଷ ଭୋଜନର ବ୍ୟବସ୍ଥା କରାଯାଇଥିବା ନେଇ ନେତାମାନେ କହିଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଜେନାଙ୍କ ସମେତ ଖଲ୍ଲିକୋଟ ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ, ଓଡିଶା ରାଜ୍ୟ ସଡକ ପରିବହନ ନିଗମର ମୁଖ୍ୟ ପରିଚାଳକ ଶ୍ରୀ ସଂଜୟ ବିଶ୍ୱାଳ,ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଓ୍ୱାସନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରମୋଦ କୁମାର ପୃଷ୍ଟି, ସମେତ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା, ଛତ୍ରପୁର ଉପଜିଲ୍ଲାପାଳ ଶ୍ରୀ ଶିବାଶିଷ ବରାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ହାଁସଦା ଓ ଜିଲ୍ଲାପାଳ ପ୍ରଶାସନ, ପର୍ଯ୍ୟଟନ ଓ ପରିବହନ ବିଭାଗର ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ୭ବର୍ଷ ପରେ ବି ଅସମ୍ପୂର୍ଣ୍ଣ ଅଙ୍ଗନବାଡ଼ି କେନ୍ଦ୍ର



**କନ୍ଧମାଳ,୧୩।୨/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସୁମେରବନ୍ଧ ପଂଚାୟତ ଅନ୍ତର୍ଗତ କିଲେରପଙ୍ଗା ଗ୍ରାମରେ ନୂତନ ଭାବେ ନିର୍ମାଣ ହେଉଥିବା ଅଙ୍ଗନବାଡି କେନ୍ଦ୍ରକୁ ୭ବର୍ଷ ବିତି ଯାଇଥିଲେ ହେଁ ଏଯାଏ କାମ ସମ୍ପୂର୍ଣ୍ଣ ହୋଇନଥିବା ଅଭିଯୋଗ ହେଉଛି । ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ବାବଦକୁ ମୋଟ ୮ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁରୀ ହୋଇଥିବା ବେଳେ କାର୍ଯ୍ୟ ଅବଧିକୁ ୭ ବର୍ଷ ବିତିଗଲାଣି । ଏବେବି ଅଙ୍ଗନବାଡି କେନ୍ଦ୍ରରେ ଚୂନ ମାରିବା, ରଙ୍ଗ ମାରିବା, ପାଇଖାନା, ମଇଳା ଟାଙ୍କି ଭଳି ଅନେକ କାମ ଅସମ୍ପୂର୍ଣ୍ଣ ରହିଛି । ଫଳରେ ଅଙ୍ଗନବାଡି କେନ୍ଦ୍ରରେ ପଢୁଥିବା କୋମଳମତି ଶିଶୁ, ପ୍ରସୂତି ଓ ଗର୍ଭବତୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ଏ ସମ୍ପର୍କରେ କାର୍ଯ୍ୟ ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ବିଭାସ ପୁଟିଙ୍କୁ ପଚାରିବାରୁ ସେ ସମ୍ପୂର୍ଣ୍ଣ ବିଲ ସବ୍‌ମିଟ କରିଥିବା କହିଛନ୍ତି ଓ ବିଲ୍ ପାସ ହେବା ପରେ ବଳକା କାମ ଶେଷ ହେବ ବୋଲି କହିଛନ୍ତି । ଠିକ ସେମିତି ଠିକାଦାରଙ୍କ ସାନ ଭାଇ ଦିଲୀପ କୁମାର ସାହୁ ଯିଏକି ଉକ୍ତ ଅଙ୍ଗନବାଡି ଗୃହ କାମ କରୁଛନ୍ତି ତାଙ୍କୁ ପଚାରିବାରୁ ସେ ମଧ ସମାନ ଉତ୍ତର ଦେଇଛନ୍ତି । ସେ କହିଛନ୍ତି ପଇସା ନମିଳିବା ହେତୁ ଅଧା କାମ ଛାଡି ଦେଇଛନ୍ତି ଓ ପଇସା ମିଳିଲେ କାମ ସମ୍ପୂର୍ଣ୍ଣ କରିବେ । ତେବେ ଏହି ୮ ଲକ୍ଷ ୨୦ହଜାର ଟଙ୍କା ଅଟକଳ ମୂଲ୍ୟରେ ନିର୍ମାଣ ହେଉଥିବା ଅଙ୍ଗନବାଡି କେନ୍ଦ୍ର କେତେ ବର୍ଷରେ ସମ୍ପୂର୍ଣ୍ଣ ହେବ ତାହା ଦେଖିବାକୁ ବାକି ରହିଲା ।

## ବାଲି ଚୋରାଚାଲାଣ ବନ୍ଦ ଦାବି ଜୋର୍ ଧରିଲା

# ବିଜେଡି ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ଆସିକା,୧୩।୨/ଏନ୍ଏନ୍ଏସ୍:** ଆସିକା ରାଜସ୍ୱ ବିଭାଗ କାର୍ଯ୍ୟାଳୟ ଅଧୀନସ୍ଥ ଋଷିକୁଲ୍ୟା ଓ ବଡନଦୀର ଲିଜ୍ ହୋଇନଥିବା କେତେକ ବାଲିଘାଟରୁ ବେଆଇନ ତଥା ବେଧଡକ ଭାବେ ଚାଲିଥିବା ବାଲି ଚୋରାଚାଲାଣକୁ ରୋକିବା ପାଇଁ ଦାବି କରିଛି ବିଜୁ ଜନତା ଦଳ । ଏନେଇ ଦଳ ପକ୍ଷରୁ ବିଶାଳ ବାଇକ୍ ର୍‍ୟାଲି ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବ ଜନତା ଦଳର ଗଞ୍ଜାମ ଜିଲ୍ଲା ସଭାପତି ନଚିକେତା ସ୍ୱାଇଁ ଏବଂ ବରିଷ୍ଠ ବିଜେଡି ନେତା ତଥା କେନ୍ଦୁପଦର ଗ୍ରାମ ପଞ୍ଚାୟତର ସରପଞ୍ଚ ଭବାନୀ ଶଙ୍କର ମଲିକଙ୍କ ନେତୃତ୍ୱରେ ଶତାଧୀକ ଯୁବପିଢି ଏକ ବାଇକ୍ ର୍‍ୟାଲିରେ କେନ୍ଦୁପଦର ଗ୍ରାମ ଛକ ନିକଟରୁ ବାହାରି ଗହଙ୍ଗୁ, ଫାପଲପୁର, ଧନିଜା, ବଡଖୋଲି, ଚେରମାରିଆ ସମେତ ବିଭିନ୍ନ ବାଲିଘାଟକୁ ପରିଦର୍ଶନ କରିଥିଲେ । ଆସିକାରେ ଚାଲିଥିବା ବେଆଇନ ବାଲି ଚୋରାଚାଲାଣକୁ ବନ୍ଦ ଦିଗରେ ପ୍ରଶାସନ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଶାଣିତ କରାଯିବ ବୋଲି ଜିଲ୍ଲା ଯୁବ ବିଜେଡି ସଭାପତି ଶ୍ରୀ ସ୍ୱାଇଁ କହିଥିଲେ । ବିଜେଡି ପକ୍ଷରୁ ଅନୁଷ୍ଠିତ ବାଇକ୍ ରାଲି ପାଇଁ ପ୍ରଶାସନ ନିକଟରୁ ଅନୁମତି ନିଆଯାଇନଥିବା ଯୋଗୁଁ ପୋଲିସ ପ୍ରଶାସନ ପକ୍ଷରୁ ରାସ୍ତାରେ ଅଟକାଯାଇଥିଲା । ପ୍ରଶାସନ ନିୟନ୍ତ୍ରଣ କରିବା ଦିଗରେ ପ୍ରଶାସନର ନୀରବତାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । କେଉଁ ଅଦୃଶ୍ୟ ଶକ୍ତିର ଆଶୀର୍ବାଦରେ ଫଂଜ ନଇଁଲେ ଚୋରା



ଯଦି ବେଳ ଥାଉ ଥାଉ ଆସିକାରେ ଚାଲିଥିବା ବେଆଇନ ବାଲି ଚୋରାଚାଲାଣକୁ ରୋକିବା ଦିଗରେ ପଦକ୍ଷେପ ନନିଏ ତେବେ ଚୋରା ବାଲିମାଫିଆଙ୍କ ପ୍ରାଦୁର୍ଭବା ଆହୁରୀ ବଢିବ ବୋଲି ନେତାମାନେ ଅଭିଯୋଗ କରିଥିଲେ । ବାଲି ଚୋରା ବାଲିଚାଲାଣ ଯୋଗୁଁ ସରକାର କୋଟି କୋଟି ରାଜସ୍ୱ ହରାଉଥିଲେ ବି ଏହାକୁ ବାଲିମାଫିଆମାନେ ସକ୍ରିୟ ହୋଇ ବିଳମ୍ବିତ ରାତ୍ରରୁ ଭୋର୍ ପର୍ଯ୍ୟନ୍ତ ଲିଜ୍ ହୋଇନଥିବା ବାଲିଘାଟରୁ ଟ୍ରକ୍, ଟ୍ରାକ୍ଟର ଓ ହାଇୱାରେ ବାଲି ଚୋରାଚାଲାଣ ହେଉଛି ତାହାର ତଦନ୍ତ କରି କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିଲା । ବାଇକ୍ ରାଲିରେ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ ।

# ମହାଶିବରାତ୍ରୀ ପାଇଁ ସଜେଇ ହେଉଛି ବିଭିନ୍ନ ଶୈବପୀଠ

**ବାଲିଗୁଡା, ୧୩।୨/ଏନ୍ଏନ୍ଏସ୍:** ଆଉ ଦିନକ ପରେ ଆସୁଛି ମହାଶିବରାତ୍ରୀ ବା ଜାଗର ଯାତ୍ରା । ଏ ନେଇ କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଶୈବପୀଠ ଗୁଡିକରେ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ଜାଗର ଯାତ୍ରାକୁ ସୁରୁଖୁରୁରେ କିପରି ପାଳନ କରିବେ ସେ ନେଇ ସମସ୍ତ ଶୈବ ପୀଠ ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ସହ କାର୍ଯ୍ୟସୂଚୀ ମଧ୍ୟ ପ୍ରକାଶ ପାଇଛି । ଟାଉନର ବିରୁପାକ୍ଷ, ରାମେଶ୍ୱର, ଧବଳେଶ୍ୱର, ଜାଲେଶପଙ୍ଗାର ଜଳେଶ୍ୱର, ଚକାପାଦର ବିରୁପାକ୍ଷ, ଟିକାବାଲି ନିକଟସ୍ଥ ଡୁଙ୍ଗିର ପ୍ରସିଦ୍ଧ ଶୈବ ପୀଠ ସମେତ ଅନ୍ୟ ଶୈବପୀଠରେ ନାମଯଜ୍ଞ, ଅନ୍ନଯଜ୍ଞ, ଘୃତ ଯଜ୍ଞ ଆୟୋଜନ ହେଉଥିବା ବେଳେ ଆଉ କେତେକ ଶୈବ ପୀଠ ଗୁଡିକରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି । ଏ ବର୍ଷ ଶୈବପୀଠ ଗୁଡିକରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଥିବାରୁ ଶ୍ରଦ୍ଧାଳୁ କିପରି ଶାନ୍ତି ଶୃଙ୍ଖଳାର ସହ ମହାଦେବଙ୍କ ଦର୍ଶନ କରିବେ ଓ ଯଥା ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା ସହ ଠିକ୍ ସମୟରେ ଯେପରି ମହାଦୀପ ଉଠିବ ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ତଦାରଖ ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଛି । ଏଥିସହ ମନ୍ଦିର ଗୁଡ଼ିକର ସୌନ୍ଦର୍ଯ୍ୟକରଣ ପାଇଁ ଆଲୋକୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତେବେ ଶ୍ରଦ୍ଧାଳୁମାନେ ଜାଗର ପାଳନ ପାଇଁ ଉତ୍କଣ୍ଠା ସହ ଅପେକ୍ଷା କରିଥିବା ଜଣାଯାଇଛି ।



# ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ କୁଷ୍ଠ ସଚେତନତା ଅଭିଯାନ





**ଫୁଲବାଣୀ,୧୩।୨/ଏନ୍ଏନ୍ଏସ୍:** ଫୁଲବାଣୀ ପବ୍ଲିକ୍ ଇଂରାଜୀ ମିଡିୟମ୍ ସ୍କୁଲ ଠାରେ ସ୍ପର୍ଶ କୁଷ୍ଠ ରୋଗ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି । ସ୍ୱାସ୍ଥ୍ୟ ବିଭାଗର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା କୁଷ୍ଠ ରୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଠିକ୍ ତଥ୍ୟ ଦେବା ସହ ସମାଜରେ ସଚେତନତା ସୃଷ୍ଟି କରିବା । କାର୍ଯ୍ୟକ୍ରମରେ ଏଡିପିଏଚ୍ଓ ଲେପ୍ରୋସି ଡ଼.ଜ୍ୟୋସ୍ନାରାଣୀ ସେଠୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ କୁଷ୍ଠ ରୋଗର ଲକ୍ଷଣ, କାରଣ, ନିରାକରଣ ଓ ଚିକିତ୍ସା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧନଞ୍ଜୟ ସେଠୀ, କାର୍ଯ୍ୟକ୍ରମରେ ସପନା ଭୂମିକା ଗ୍ରହଣ କରିଥିବା ଷଷ୍ଠ ଶ୍ରେଣୀ ଛାତ୍ରୀ ନିକିତା ମହାନ୍ତି ସମସ୍ତଙ୍କୁ କୁଷ୍ଠ ରୋଗ ବିଷୟରେ ସଚେତନ କରାଇଥିଲେ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ରୁଦ୍ର ପ୍ରସାଦ ହୋତା, ବିଦ୍ୟାଶ୍ରୀ ପଲକ୍ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ଶେଷ ଭାଗରେ ଏନ୍.ଏମ୍.ଏସ୍.ଆଇ.ସି. ତାପସ୍ କୁମାର ହୋତା ଧନ୍ୟବାଦ ଜଣାଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ବିଦ୍ୟାଳୟର ଏ.ଓ. ସନ୍ତୋଷ କୁମାର ପଣ୍ଡା, ରୂପକ୍ ରନ ମହାନ୍ତି ଏ.ସି. କୋର୍ଡ଼ିନେଟର ଉପେନ୍ଦ୍ର କୁମାର ପଣ୍ଡା କମଳକାନ୍ତ ବେହେରା ସକ୍ରିୟ ସହଯୋଗ କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ଓ ବିଦ୍ୟାଳୟ ଏହି ସଂଯୁକ୍ତ ପ୍ରୟାସ କୁଷ୍ଠ ନିରାକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ପରିଗଣିତ ।

# ଫୁଲବାଣୀ ମେଡିକାଲ୍ କଲେଜ୍ ପାଇଁ ଆସିଲା ଏଣ୍ଡୋସ୍କୋପି ଓ କୋଲୋନୋସ୍କୋପି ମେସିନ୍

**ଫୁଲବାଣୀ,୧୩।୨/ଏନ୍ଏନ୍ଏସ୍:** ନବନିର୍ମିତ ଫୁଲବାଣୀ ସରକାରୀ ମେଡିକାଲ କଲେଜକୁ ରାଜ୍ୟ ସରକାର ପ୍ରଦାନ କରିଛନ୍ତି ଏଣ୍ଡୋସ୍କୋପି ଓ କୋଲନୋସ୍କୋପି ମେସିନ । ଏ ନେଇ ସୂଚନା ଦେଇଛନ୍ତି ସିଡିଏମଓ ଡ. ସନ୍ତୋଷ କୁମାର ପାଢ଼ୀ । ସୂଚନାଯୋଗ୍ୟ, ପୂର୍ବରୁ ଫୁଲବାଣୀରେ ଏହି ସୁବିଧା ଉପଲବ୍ଧ ନ ଥିବାରୁ ପେଟ ଜନିତ ବିଭିନ୍ନ ରୋଗର ନିଦାନ ପାଇଁ ରୋଗୀଙ୍କୁ ବ୍ରହ୍ମପୁର କିମ୍ବା ଭୁବନେଶ୍ୱର ଯିବାକୁ ପଡୁଥିଲା । ଏଥିପାଇଁ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା । ଏହି ମେସିନ ଦ୍ୱାରା ରୋଗୀର କ୍ଷୁଦ୍ର ଅନ୍ତଃନଳୀ ଜନିତ ରୋଗ ଚିହ୍ନଟ କରାଯାଇପାରିବ ବୋଲି ଡ. ପାଢ଼ୀ କହିଛନ୍ତି । ଖୁବଶୀଘ୍ର ମାମୋଗ୍ରାଫି ଓ ଏମ ଆର ଆଇ ମେସିନ ମଧ୍ୟ ଆସିବ ବୋଲି ସିଡିଏମଓ ସୂଚନା ଦେଇଛନ୍ତି । ମାମୋଗ୍ରାଫି ଯନ୍ତ୍ର ଦ୍ୱାରା ମହିଳା ମାନଙ୍କର ସ୍ତନ କର୍କଟର ପ୍ରଥମ ଅବସ୍ଥା ସମ୍ପର୍କରେ ଜାଣି ହେବ ଓ ଏମ ଆର ଆଇ ଦ୍ୱାରା ଶାରୀରର ଯେ କୌଣସି ଅଙ୍ଗର ନିଦାନ କରି ହେବ । ସରକାରୀ ମେଡିକାଲ କଲେଜରେ ଲୋକେ କମ ଖର୍ଚ୍ଚରେ ଏସବୁ ସୁବିଧା ପାଇ ପାରିବେ ବୋଲି ସିଡିଏମଓ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଗତ ନଭେମ୍ବର ମାସରୁ ଫୁଲବାଣୀ ମେଡିକାଲ କଲେଜରେ ଶିକ୍ଷାଦାନ ଆରମ୍ଭ ହୋଇଛି । ତେବେ ବର୍ତ୍ତମାନ ସୁଦ୍ଧା ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇନାହିଁ । ତେଣୁ ବର୍ତ୍ତମାନ ଏହି ମେସିନ ଜିଲ୍ଲା ମୂଖ୍ୟ ଚିକିତ୍ସାଳୟରେ ସ୍ଥାପନ କରାଯାଇଛି । ମେଡିକାଲ କଲେଜ ହସ୍ପିଟାଲ ମଧ୍ୟ ଖୁବଶୀଘ୍ର ଖୋଲିବ ବୋଲି ସିଡିଏମଓ ସୂଚନା ଦେଇଛନ୍ତି ।









ନବରଙ୍ଗପୁରଠାରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନା ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

## ମୁଖ୍ୟ ସଚିବଙ୍କ ପାରାଦୀପ ଗସ୍ତ

# ବନ୍ଦର କାର୍ଯ୍ୟ ସହ ବ୍ଲୁ ଫ୍ଲାଗ ବିଚ୍‌ର କଲେ ସମୀକ୍ଷା

**ପାରାଦୀପ,୧୩।୨/ଏନ୍‌ଏନ୍‌ଏସ୍:** ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଶୁକ୍ରବାର ଏକ ଦିନିକିଆ ଗସ୍ତରେ ଆସି ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର କାର୍ଯ୍ୟ ଏବଂ ଦୀର୍ଘକାଳୀନ ସମ୍ପ୍ରସାରଣ ଯୋଜନା ସମୀକ୍ଷା କରିଥିଲେ। ଏହି ଅବସରରେ ବନ୍ଦର ନିଷିଦ୍ଧାଞ୍ଚଳରେ ଥିବା ୱେଟ ବେସିନ ଠାରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ତାଙ୍କୁ ସ୍ୱାଗତ କରିଥିଲେ ଏବଂ ସିଆଇଏସଏଫ ୟୁନିଟ୍ ଦ୍ୱାରା ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପରେ ଶ୍ରୀମତୀ ଗର୍ଗ ବର୍ଥ ପ୍ରସ୍ତୁତି, ଜାହାଜ ଟ୍ରାଫିକ୍ ପରିଚାଳନା ପ୍ରଣାଳୀ ଏବଂ ସାମୁଦ୍ରିକ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଏକ ଲଞ୍ଚରେ ଯାତ୍ରା କରିଥିଲେ। ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଆମେରିକୀୟ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ଲକ୍ଷ୍ୟ ରଖି ଓଡ଼ିଶାର ମହତ୍ୱାକାଂକ୍ଷୀ ଅର୍ଥନୈତିକ ରୋଡମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ସେ ରପ୍ତାନି, ଜାହାଜ ନିର୍ମାଣ ଏବଂ ବନ୍ଦର-ନେତୃତ୍ୱାଧୀନ ବିକାଶ ଓ ଅଭିବୃଦ୍ଧିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଓଡ଼ିଶାର ଉପକୂଳକୁ ଏକ ରଣନୈତିକ ଲାଭ ଭାବରେ ଉଲ୍ଲେଖ କରିଥିଲେ। ସେ 'ପାରାଦୀପ ବନ୍ଦର ୨.୦' ଦୃଷ୍ଟିକୋଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ୫୦୦ ଏମ୍‌ଟିପିଏ ଅତିକ୍ରମ କରିବା, ପଶ୍ଚିମ ଡକ୍ ଗଭୀର କରିବା ଏବଂ ଏକ ଉତ୍ସର୍ଗୀକୃତ ସବୁଜ ହାଇଡ୍ରୋଜେନ୍ ବର୍ଥ ବିକାଶ ଅନ୍ତର୍ଭୁକ୍ତ। ସେହିପରି ପ୍ରକୃତିର ବିରଳ ଅବଦାନ ବଙ୍ଗୋପସାଗର ଉପକୂଳର ପାରାଦୀପ ଠାରୁ ୭ କିଲୋମିଟର ସମୁଦ୍ର କୂଳ ବେଳାଭୂମିରେ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ ଉପରେ ଶ୍ରୀମତୀ ଗର୍ଗ ସମୀକ୍ଷା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ କିଲୋମିଟର ପାଇଁ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ସମସ୍ତ ପ୍ରୟାସ ଜାରି ରହିଛି। ଏହା ସହିତ ବିଭିନ୍ନ କୋଣରୁ ପାରାଦୀପର ମ୍ୟୁନିସିପାଲିଟି ହେଉ କିମ୍ବା ବନ୍ଦରନଗରୀର ବିକାଶ ପାଇଁ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦଙ୍କ ସହିତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କ ସହ ବିସ୍ତୃତ ଆଲୋଚନା କରାଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି।



ପାରାଦୀପ ବ୍ଲୁ ଫ୍ଲାଗ ବିଚ୍ ନିର୍ମାଣ ହେବାପରେ ପର୍ଯ୍ୟଟନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନା କରିବା ସହିତ ଗୋଆ ବିଚ୍ ଭଳି ପାରାଦୀପ ବେଳାଭୂମିକୁ ଦେଶ ବିଦେଶର ପର୍ଯ୍ୟଟକମାନଙ୍କ ଆଗମନ ହେବ। ଯାହା ଫଳରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ଲୋକେ ସ୍ୱାବଲମ୍ବୀ ହେବା ସହିତ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଦେଶ ବିଦେଶରେ ସୁନାମ ଅର୍ଜନ କରିବ। ରାଜ୍ୟ ସରକାର ଯେଉଁଭଳି ପୁରୀ, ପାରାଦୀପ ଓ ଭୁବନେଶ୍ୱରକୁ ଇକୋନୋମିକାଲ କରିଡର ନିର୍ମାଣ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ଏହା ପାରାଦୀପ ବିକାଶରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। ଏହି ଅବସରରେ ଜଗତସିଂପୁରର ଜିଲ୍ଲାପାଳ ଜେ.ସୋନାଲ, ଆଇଏଏସ୍, ଏବଂ ଜଗତସିଂପୁରର ପୁଲିସ ଅଧୀକ୍ଷକ ଅଙ୍କିତ କୁମାର ବର୍ମାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଶ୍ରୀମତୀ ଗର୍ଗଙ୍କ ସହିତ ଆଲୋଚନାରେ ଯୋଗ ଦେଇଥିଲେ।

# ପରଲୋକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା

## ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା, କେନ୍ଦ୍ରମନ୍ତ୍ରୀଙ୍କ ଶୋକ





**ଭୁବନେଶ୍ୱର,୧୩।୨/ଏନ୍‌ଏନ୍‌ଏସ୍:** ଆଉ ଇହଜଗତରେ ନାହାନ୍ତି ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ପୂର୍ବତନ ସାଂସଦ କାହ୍ନୁଚରଣ ଲେଙ୍କା। ମୃତ୍ୟୁ ବେଳକୁ ତାଙ୍କୁ ୮୬ ହୋଇଥିଲା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଶେଷନିଶ୍ୱାସ ତ୍ୟାଗ କରିଛନ୍ତି। ୨ ମାର୍ଚ୍ଚ ୧୯୩୯ରେ କଟକରେ ଜନ୍ମ ଗ୍ରହଣ କରିଥିବା କାହ୍ନୁଚରଣ ଲେଙ୍କା ଛାତ୍ର ଜୀବନରୁ ରାଜନୀତି ପ୍ରତି ଆଗ୍ରହୀ ଥିଲେ। ପରେ ସକ୍ରିୟ ରାଜନୀତିରେ ପ୍ରବେଶ କରି ସଫଳ ହୋଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ପିଭି ନରସିଂହ ରାଓଙ୍କ ସରକାରରେ(୧୯୮୮-୯୪) ସେ ରେଳ ଏବଂ କୃଷି ରାଷ୍ଟ୍ର ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏହି ସମୟରେ ଖୋର୍ଦ୍ଧାରୋଡ୍-ବଲାଙ୍ଗିର ରେଳପଥ ଏବଂ ବହୁ ନୂଆ ପ୍ରକଳ୍ପ ପାଇଁ ଅର୍ଥ ବରାଦ ହୋଇଥିଲା। ସେ ମଧ୍ୟ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୫-୨୦୦୦ ଯାଏଁ ଚୌଦ୍ୱାର ବିଧାୟକ ଥିଲେ। ସେତେବେଳେ ମନ୍ତ୍ରୀ ମଧ୍ୟ ଥିଲେ। ଜଣେ ଜନପ୍ରିୟ ନେତା ଭାବେ କାହ୍ନୁଚରଣଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ଜଣେ ସୁସଂଗଠକ, ରାଜନୀତିଜ୍ଞ, ସମାଜସେବୀ ଓ ସାହିତ୍ୟିକ ଭାବେ ସେ ଓଡ଼ିଶାରେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଯାଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଥିବା ସମୟରେ ପୂର୍ବତଟ ରେଳବାଇର ଉନ୍ନତିଠାରୁ ଆରମ୍ଭ କରି ଅନେକ ଦିଗରେ ସେ ବହୁ କାର୍ଯ୍ୟ କରିଯାଇଛନ୍ତି। ତାଙ୍କ ମୃତ୍ୟୁରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସାମାଜିକ ଗଣମାଧ୍ୟମ ଏକ୍ସରେ ଶ୍ରୀ ମାଝୀ କହିଛନ୍ତି ଯେ, କାହ୍ନୁଚରଣ ଲେଙ୍କା ଦେହାନ୍ତ ବିଷୟରେ ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟ୍ୱିଟ କରି ଲେଖିଛନ୍ତି ଯେ 'ବିଶିଷ୍ଟ ରାଜନେତା, ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ପରଲୋକ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘଦିନର ରାଜନୈତିକ ଜୀବନରେ ଲୋକଙ୍କ ସେବା ତଥା ଉନ୍ନତି ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି'।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରରେ ମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳ ଓଡ଼ିଶାବାସୀଙ୍କ ପାଇଁ ସ୍ମରଣୀୟ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେହିପରି ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀପୃଥ୍ୱୀରାଜ ହରିଚନ୍ଦନ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ, ଜଣେ ସାଧାରଣ କୃଷକ ପରିବାରରୁ ଆସି କାହ୍ନୁଚରଣ ଲେଙ୍କା ଓଡ଼ିଶାରେ ବିଧାୟକ ଓ ମନ୍ତ୍ରୀ ହେବା ତାଙ୍କ ଲୋକପ୍ରିୟତା ଓ ସମାଜମନସ୍କ କାର୍ଯ୍ୟର ପରିଚୟ ଦିଏ।

# ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମିଶ୍ରଣ ପର୍ବ



**ଭୁବନେଶ୍ୱର,୧୩।୨/ଏନ୍‌ଏନ୍‌ଏସ୍:** ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ ସଦର ନିର୍ବାଚନମଣ୍ଡଳୀର କନ୍ଦରପୁର ୫ନଂ. ଜୋନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ମାହାଲି, ଧରିଣା ସରପଞ୍ଚ ରତ୍ନାକର ରାଉତ, ବାବୁଜଙ୍ଗ ସରପଞ୍ଚ ସ୍ୱାଧୀନ ଭୂୟାଁ, ମଣିଜଙ୍ଗା ସରପଞ୍ଚ ସାରଦା ମହାନ୍ତି, ମହମ୍ମଦପୁର ସରପଞ୍ଚ ପ୍ରତିଭା ବେହେରା, ନେମାଳ ସରପଞ୍ଚ ସଂସ୍ମିତା ମହାନ୍ତି, ପାଲଡା ସରପଞ୍ଚ ଚିନ୍ମୟୀ ବେହେରା, ଦଶପଡା ସରପଞ୍ଚ ମିନତୀ ସେଠୀ, ଦଶପଡା ନାୟବ ସରପଞ୍ଚ ଯମୁନା ମୁର୍ମୁ, ପ୍ରହରାଜପୁର ସରପଞ୍ଚ ଅବ୍‌ଦୁଲ୍ ୱାହିଦ୍ ଖାନ, ମଣିଜଙ୍ଗା ନାୟବ ସରପଞ୍ଚ ସୁଲୋଚନା ସେଠୀ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ଜନପ୍ରତିନିଧି ଏବଂ ୱାର୍ଡ ମେମ୍ବର ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆଜି ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ଦ୍ୱାରା କେବଳ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ନୁହେଁ କି କଟକ ଜିଲ୍ଲା ନୁହେଁ ବରଂ ରାଜ୍ୟରେ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି।ଏହାଛଡ଼ା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମ ସମସ୍ତଙ୍କୁ ମିଳିମିଶି କଠିନ ପରିଶ୍ରମ କରିବାକୁ ହେବ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମକୁ ସଂକଳ୍ପ ନେବାକୁ ହେବ ବୋଲି ଶ୍ରୀ ସାମଲ କହିଛନ୍ତି। ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ଏହି ଅବସରରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି, ଅଶୋକ ମିଶ୍ର, ରାଜ୍ୟ ସମ୍ପାଦକ ସରୋଜ କର, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ବରିଷ୍ଠ ନେତା ହୃଷିକେଶ ଜେନା ଏବଂ ମଣ୍ଡଳ ସଭାପତିମାନେ ଉପସ୍ଥିତ ଥିଲେ ।

## ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଚେନ୍ନାଇ ଗସ୍ତ

# ସୁଲଭ ବାସଗୃହ କ୍ଷେତ୍ରରେ ବିଶ୍ୱସ୍ତରୀୟ ଶ୍ରେଷ୍ଠ ପ୍ରୟୋଗର ଅନୁଧ୍ୟାନ



**ଭୁବନେଶ୍ୱର,୧୩।୨/ଏନ୍‌ଏନ୍‌ଏସ୍:** ସୁଲଭ ବାସଗୃହ ଏବଂ ସହରୀ ବିକାଶ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ବିଶ୍ୱସ୍ତରୀୟ ଶ୍ରେଷ୍ଠ ପ୍ରୟୋଗର ବ୍ୟବହାର ତଥା ଅଭିଜ୍ଞତା ହାସଲ ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଚେନ୍ନାଇ ଗସ୍ତ କରିଛନ୍ତି। ବିଶ୍ୱ ବ୍ୟାଙ୍କ ଏବଂ ଏସିୟାନ ଡେଭେଲପମେଣ୍ଟ ବ୍ୟାଙ୍କ ସହାୟତାରେ ପରିଚାଳିତ ସୁଲଭ ବାସଗୃହ ଏବଂ ସହରୀ ଆବାସ ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ତାମିଲନାଡୁରେ କାର୍ଯ୍ୟକାରୀ ହେଉଥିବା ସୁଲଭ ବାସଗୃହ ପ୍ରଦାନର ସଫଳ ମଡେଲ, ସଂସ୍ଥାଗୁଡ଼ିକର ସୁଦୃଢ଼ିକରଣ, ଅଭିନବ ଆର୍ଥିକ ରୂପରେଖ ଏବଂ ସ୍ଥାୟୀ ସହରୀ ଆବାସିକ ବିକାଶକୁ ବୁଝିବା ଉପରେ ଏହି ଗସ୍ତରେ ପ୍ରାଧାନ୍ୟ ଦିଆଯାଇଥିଲା। ଏହି ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀ ଏବଂ ଓଡ଼ିଶା ଅର୍ବାନ ହାଉସିଂର ଅଧିକାରୀମାନେ ତାମିଲନାଡୁ ଅର୍ବାନ ହାବିଟାଟ୍ ଡେଭଲପମେଣ୍ଟ ବୋର୍ଡ ଏବଂ ଚେନ୍ନାଇ ମେଟ୍ରୋପଲିଟାନ ଡେଭଲପମେଣ୍ଟ ଅଥରିଟିର ବରିଷ୍ଠ ଅଧିକାରୀମାନଙ୍କ ସହ ନୀତିଗତ ରୂପରେଖ, ପ୍ରକଳ୍ପ ପରିଚାଳନା ଏବଂ କାର୍ଯ୍ୟାନ୍ୱୟନ କୌଶଳ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରତିନିଧି ଦଳକୁ ବିଶ୍ୱ ବ୍ୟାଙ୍କ ସହାୟତାରେ ପ୍ରାୟ ୨୦୦ ମିଲିୟନ୍ ଡଲାର ବ୍ୟୟରେ ପରିଚାଳିତ 'ହାଉସିଂ ଆଣ୍ଡ ହାବିଟାଟ୍ ଡେଭଲପମେଣ୍ଟ ପ୍ରୋଜେକ୍ଟ' ବିଷୟରେ ସୂଚନା ଦିଆଯାଇଥିଲା। ଏହି ପ୍ରକଳ୍ପ ସଂସ୍ଥାଗୁଡ଼ିକୁ ମଜବୁତ କରିବା ଏବଂ 'ତାମିଲନାଡୁ ସେଲ୍‌ଟର ଫଣ୍ଡ' ମାଧ୍ୟମରେ ସୁଲଭ ବାସଗୃହର ସୁବିଧା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଉଛି। ଏହା ଆର୍ଥିକ ଅନଗ୍ରସର ଶ୍ରେଣୀଙ୍କ ପାଇଁ ବେସରକାରୀ ପୁଞ୍ଜି ବିନିଯୋଗ ଏବଂ ସ୍ଥାୟୀ ବାସଗୃହ ସମାଧାନ ପାଇଁ ଏକ ସାମାଜିକ ପାଣ୍ଠି ମଡେଲ ଭାବେ କାର୍ଯ୍ୟ କରୁଛି। ଏହି ଗସ୍ତରେ ଏଡିବି ସହାୟତାରେ ପ୍ରାୟ ୧୫୦ ମିଲିୟନ ଡଲାର ବିନିଯୋଗରେ ଚାଲୁଥିବା ଅନ୍ୟ ଏକ ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା, ଯାହାର ଲକ୍ଷ୍ୟ ହେଉଛି ପ୍ରାୟ ୬,୦୦୦ ବାସଗୃହ ନିର୍ମାଣ କରିବା। ଏହି ଯୋଜନାରେ ବିପଦପୂର୍ଣ୍ଣ ଅଞ୍ଚଳରୁ ପରିବାରମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ବିଜୁଳି-ଦକ୍ଷ ଗୃହ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍କୁଲ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ସାମାଜିକ ସୁବିଧା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପରେ ଶ୍ରୀମତୀ ପାଢ଼ୀ ଆଇଆଇଟି ମାଡ୍ରାସ ପରିଦର୍ଶନ କରି "ପ୍ରଯୁକ୍ତିବିଦ୍ୟା, ନୀତି ଏବଂ ଜନସେବାର ସମନ୍ୱୟ" ଶୀର୍ଷକ ଏକ ବକ୍ତୃତା ପ୍ରଦାନ କରିଥିଲେ। ସେଠାରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ ସହରୀ ଗୃହ ସମସ୍ୟା, ସ୍ୱଚ୍ଛତା ଏବଂ ଜନସଂଖ୍ୟା ବୃଦ୍ଧି ଭଳି ଆହ୍ୱାନର ସମାଧାନ ପାଇଁ ଡାଟା-ଭିତ୍ତିକ ପ୍ରଶାସନ, କୃତ୍ରିମ ବୁଦ୍ଧିମତା ର ପ୍ରୟୋଗ ଏବଂ ନୈତିକ ନେତୃତ୍ୱର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଜନସେବା ଓ ସିଭିଲ୍ ସର୍ଭିସ କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଉତ୍ସାହିତ କରି ସେ କହିଥିଲେ ଯେ, ଆଧୁନିକ ପ୍ରଶାସନରେ ବୈଷୟିକ ଦକ୍ଷତା ସହିତ ମାନବିକତା, ନୈତିକତା ଏବଂ ଭାବନାତ୍ମକ ବୁଦ୍ଧିମତା ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏହି କାର୍ଯ୍ୟକ୍ରମଟି ଏକ ପ୍ରଶ୍ନୋତ୍ତର ଅଧିବେଶନ ଏବଂ ସିଭିଲ୍ ସର୍ଭିସ ପରୀକ୍ଷା ପ୍ରସ୍ତୁତି ନେଇ ମାର୍ଗଦର୍ଶନ ସହିତ ଶେଷ ହୋଇଥିଲା। ତାମିଲନାଡୁର ଏହି ଅଭିଜ୍ଞତା ଏବଂ ଆଲୋଚନା ଆଗାମୀ ଦିନରେ ସମାବେଶୀ ଏବଂ ସ୍ଥାୟୀ ସହରୀ ବିକାଶ ଯୋଜନା ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ଶ୍ରୀମତୀ ପାଢ଼ୀ ମତ ବ୍ୟକ୍ତ କରିଛନ୍ତି।





# ମାଡାଗାସ୍କରରେ 'ଗେଜାନି' ତାଣ୍ଡବ

**ଆଣ୍ଟାନାରିଭୋ,୧୩।୨/ଏଜେନ୍ସି:** ମାଡାଗାସ୍କରର ମୁଖ୍ୟ ବନ୍ଦର ସହର ଟୋଆମାସିନାରେ ସାମୁଦ୍ରିକ ଝଡ଼ 'ଗେଜାନି'ର ପ୍ରଳୟଙ୍କାରୀ ତାଣ୍ଡବ ଦେଖିବାକୁ ମିଳିଛି। ଘଣ୍ଟା ପ୍ରତି ୨୭୦ରୁ ଉର୍ଦ୍ଧ୍ୱ ବେଗରେ ଗତି କରିଥିବା ଗେଜାନୀ ପ୍ରଭାବରେ ୩୧ଜଣ ନାଗରିକଙ୍କର ମୃତ୍ୟୁ ହୋଇଥିବା ବେଳେ ୩୬ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେହିପରି ଅନେକ କିଛି ଲୋକ ନିଖୋଜ ଥିବା ନେଇ ମଧ୍ୟ ରିପୋର୍ଟ ହୋଇଛି। ରାସ୍ତାଘାଟ, ବଡ଼ବଡ଼ ଗଛ, ବିଲ୍ଡିଂ, କୋଠାଘର ଆଦି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ବିଦ୍ୟୁତ ସରବରାହ ମଧ୍ୟ ବିପର୍ଯ୍ୟସ୍ତ ହୋଇପଡିଛି। ସ୍ଥିତିକୁ ଦୃଷ୍ଟିରେ ରଖି ୬,୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ତେବେ କୋଠା ଭୁଶୁଡ଼ି ପଡ଼ିବା ଯୋଗୁ ବହୁ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି ଜାତୀୟ ବିପଦ ଏବଂ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ରାଷ୍ଟ୍ରପତି ମାଇକେଲ ରାଣ୍ଡ୍ରିଆନିରିନା କ୍ଷୟକ୍ଷତି ଆକଳନ କରିବା ପାଇଁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ତେବେ ଚଳିତ ବର୍ଷ ମାଡାଗାସ୍କରରେ ଏହା ଦ୍ୱିତୀୟ ଘୂର୍ଣ୍ଣିବାତ୍ୟା। ୧୦ ଦିନ ପୂର୍ବରୁ ଘୂର୍ଣ୍ଣିଝଡ଼ ଫିଟିଆ' ଯୋଗୁ ୧୪ ଜଣ ପ୍ରାଣ ହରାଇଥିଲେ ଓ ୩୧,୦୦୦ ରୁ ଅଧିକ ଲୋକ ବାସହରା ହୋଇପଡିଥିଲେ।

### ସରିଲା ବଜେଟ୍ ଅଧିବେଶନର ଝଡ଼ପୂର୍ଣ୍ଣ ପ୍ରଥମାର୍ଦ୍ଧ

# ମାର୍ଚ୍ଚ ୯ ପର୍ଯ୍ୟନ୍ତ ସଂସଦ ମୁଲତବୀ

**ନୂଆଦିଲ୍ଲୀ,୧୩।୨/ଏଜେନ୍ସି:** ସଂସଦର ଉଭୟ ଗୃହକୁ ମାର୍ଚ୍ଚ ୯ ତାରିଖ ଯାଏ ମୁଲତବୀ ଘୋଷଣା କରାଯାଇଛି। ଏଥିସହ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ମଧ୍ୟ ସମାପ୍ତ ହୋଇଛି। ତେବେ ଆସନ୍ତା ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବ ଯାହାକି ଏପ୍ରିଲ୍ ୨ ତାରିଖ ଯାଏ ଜାରି ରହିବ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଏସମ୍ପର୍କରେ ସୂଚନା ଦେଇଛନ୍ତି। ସେ ଲୋକସଭାକୁ ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଅନ୍ୟପକ୍ଷେ ରାଜ୍ୟସଭା ଅଧକ୍ଷ ମଧ୍ୟ ଗୃହକୁ ମାର୍ଚ୍ଚ ୯ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପ୍ରକାଶ, ବ୍ୟାପକ ହଙ୍ଗାମା ମଧ୍ୟରେ ଗତ ଗୁରୁବାର ଦିନ ଲୋକସଭାରେ ଶିଳ୍ପ ସମ୍ପର୍କ ସଂହିତା (ସଂଶୋଧନ) ବିଲ୍, ୨୦୨୬' ପାରିତ କରିବାରେ ସରକାର ସଫଳ ହୋଇଛନ୍ତି।

୨୦୨୦ ଭାରତ-ଚୀନ ବିବାଦ ଉପରେ

**ଲୋକସଭାରେ 'ଶିଳ୍ପ ସମ୍ପର୍କ ସଂହିତା (ସଂଶୋଧନ) ବିଲ୍-୨୦୨୬' ପାରିତ**



କହିଛନ୍ତି, ବଜେଟ୍ ଅଧିବେଶନର ପର୍ଯ୍ୟାୟ-୧ ଶୁକ୍ରବାର ଶେଷ ହୋଇଛି। ବିରୋଧୀ ଦଳ ସଂସଦର ଉଭୟ ଗୃହକୁ ବୃଥାରେ ପ୍ରଭାବିତ କରିବାକୁ ଚେଷ୍ଟା କରିଛନ୍ତି। ବିରୋଧୀଙ୍କ ହଙ୍ଗାମା, ବ୍ୟାପକ ହୋହଲ୍ଲା ତଥା ନାରାବାଜି ଯୋଗୁ ଲୋକସଭାରେ ରାଷ୍ଟ୍ରପତିଙ୍କ ବଜେଟ୍ ଅଭିଭାଷଣ ଉପରେ ଆଲୋଚନା ମଧ୍ୟ ସମ୍ଭବ ହୋଇପାରିନଥିଲା। ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ବାରମ୍ବାର ଦେଖିବାକୁ ମିଳିଥିଲା। ତେବେ ଶୁକ୍ରବାର ବଜେଟ୍ ଅଧିବେଶନର ୧୨ଶ କାର୍ଯ୍ୟଦିବସ ଥିବା ବେଳେ ବିରୋଧୀମାନେ ଗୃହକୁ ଅଚଳ କରି ରଖିଥିଲେ। ଲୋକସଭାରେ ଗୃହକାର୍ଯ୍ୟ ଆଜି ଆରମ୍ଭ ହେବାମାତ୍ରେ ବିରୋଧୀ ସାଂସଦମାନେ "କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଇସ୍ତଫା ଦିଅନ୍ତୁ ଦାବି ପୂର୍ବକ ନାରାବାଜି କରିବା ଆରମ୍ଭ କଲେ, ଯାହାଫଳରେ ମାତ୍ର ପାଞ୍ଚ ମିନିଟ୍ ମଧ୍ୟରେ ଗୃହକୁ ଅପରାହ୍ଣ ୧୨ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ସେହିପରି ୧୨ଟାରେ ପୁନଃ ଅଧିବେଶନ ଆରମ୍ଭ ହେବା ମାତ୍ରେ ବିରୋଧୀମାନେ ପୁନର୍ବାର ସମାନ ଆଚରଣ ପ୍ରଦର୍ଶନ କରିଥିଲେ। ତେବେ ବିରୋଧୀଙ୍କ ହୋହଲ୍ଲା ସତ୍ତ୍ୱେ ଲୋକସଭାରେ ଶିକ୍ଷା ଏବଂ ଆଇନ ମନ୍ତ୍ରଣାଳୟ ସହ ଜଡିତ କିଛି ବିଲ୍ ଆଗତ କରାଯାଇଥିଲା। ଏହା ପରେ, ଅଧକ୍ଷା ସନ୍ଧ୍ୟା ରାୟ ପୂର୍ବତନ ସେନା ମୁଖ୍ୟ ଜେନେରାଲ ଏମ୍ଏମ୍ ନରଭାଣେଙ୍କ ଲିଖିତ ଆତ୍ମଜୀବନୀ 'ଦି ଫୋର୍ ଷ୍ଟାରସ୍ ଅଫ୍ ଡେଷ୍ଟିନି'ର କେତେକ ଆଲେଖ୍ୟକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଗୃହରେ ନିଜ ବିବୃତ୍ତି ରଖିବାକୁ ଚେଷ୍ଟା କରିବା ଏବଂ ସରକାରଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ପରେ ବିରୋଧୀ ସାଂସଦମାନେ ଏକଜୁଟ୍ ହୋଇ ଗୃହରେ ଅଚଳାବସ୍ଥା ସୃଷ୍ଟି କରିଥିଲେ, ଯାହାକି ଆଜି ଦିନରେ ମଧ୍ୟ ଜାରି ରହିଥିଲା। ସେହିପରି ଯୌନ ଅପରାଧୀ ଏପଷ୍ଟାଇନ୍ଙ୍କ ପୁସ୍ତକରେ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂହ ପୁରୀଙ୍କ ନାମ ଆସିବା ଘଟଣାକୁ ନେଇ ମଧ୍ୟ ବିରୋଧୀ ଦଳର ସାଂସଦମାନେ ତାଙ୍କ ଇସ୍ତଫା ଦାବିକୁ ଜୋରଦାର କରିଥିଲେ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ମଧ୍ୟ ବିରୋଧୀ ସାଂସଦ ବିଭିନ୍ନ ପ୍ରକାଶ ଅଭିଯୋଗ ତଥା ସମାଲୋଚନା କରିବା ଭଳି ଡ୍ରାମାବାଜି ପ୍ରଥମ ଅଧିବେଶନରେ ଦେଖିବାକୁ ମିଳିଛି। ଏତଦ୍‌ବ୍ୟତୀତ ବିରୋଧୀ ଦଳର ସାଂସଦମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ମଧ୍ୟ ଆଣିଛନ୍ତି, ଯାହା ଉପରେ ପରବର୍ତ୍ତୀ ଅଧିବେଶନରେ ଚର୍ଚ୍ଚା ହେବ ବୋଲି କୁହାଯାଉଛି। ମୋଟାମୋଟି ବଜେଟ୍ ଅଧିବେଶନର ଝଡ଼ପୂର୍ଣ୍ଣ ପ୍ରଥମାର୍ଦ୍ଧ ଶୁକ୍ରବାର ଶେଷ ହୋଇଛି।

**ଉଦ୍‌ଘାଟନ ଅପେକ୍ଷାରେ ୫,୪୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପ**

# ଆଜି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆସାମ ଗସ୍ତ

**ନୂଆଦିଲ୍ଲୀ, ଦିସପୁର, ୧୩।୨/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ ୧୪ ଅର୍ଥାତ୍ ଶନିବାର ଆସାମ ଗସ୍ତ କରିବେ। ଏନେଇ ଉଭୟ ଆସାମ ସରକାର ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟସୂଚୀ ଅନୁସାରେ ଶନିବାର ପ୍ରାୟ ପୂର୍ବାହ୍ଣ ୧୦:୩୦ ସମୟରେ, ଡିବ୍ରୁଗଡ଼ର ମୋରାନ ବାଇପାସରେ ଥିବା ଜରୁରୀକାଳୀନ ଅବତରଣ ସୁବିଧା (ଇଏଲଏଫ୍)ରେ ପ୍ରଧାନମନ୍ତ୍ରୀଙ୍କ ବିମାନ ଅବତରଣ କରିବ। ପ୍ରଧାନମନ୍ତ୍ରୀ ମୋଦୀ ଏଠାରେ ଯୁଦ୍ଧ ବିମାନ, ପରିବହନ ବିମାନ ଏବଂ ହେଲିକପ୍ଟର ଗୁଡିକର ଆକାଶ ମାର୍ଗରେ ପ୍ରଦର୍ଶନ କୌଶଳ ଦେଖିବା ସହ ଏହାର ଉଦ୍‌ଘାଟନ କରିବେ। ସେହିପରି ପ୍ରାୟ ୧:୦୦ ସମୟରେ, ପ୍ରଧାନମନ୍ତ୍ରୀ ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ କୁମାର ଭାସ୍କର ବର୍ମା ସେତୁ ପରିଦର୍ଶନ କରିବେ। ଏହା ପରେ, ପ୍ରାୟ ୧:୩୦ ସମୟରେ, ସେ ଗୁଆହାଟୀର ଲଚିତ ଘାଟରେ ୫,୪୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶୁଭାରମ୍ଭ କରିବେ।

ଜରୁରୀକାଳୀନ ଅବତରଣ ସୁବିଧା (ଇଏଲ୍ଏଫ୍) ଉତ୍ତର-ପୂର୍ବ ଭାରତରେ ପ୍ରଥମ। ପ୍ରାକୃତିକ ବିପର୍ଯ୍ୟୟ ସମୟ ଭଳି ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ସାମରିକ ଏବଂ ବେସାମରିକ ବିମାନର ଅବତରଣ ଏବଂ ଉଡ଼ାଣକୁ ସମର୍ଥନ କରିବା ପାଇଁ ଏହାକୁ ଭାରତୀୟ ବାୟୁସେନା ସହିତ ସମନ୍ୱୟରେ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ଏବଂ ନିର୍ମାଣ କରାଯାଇଛି। ଏହା ଜରୁରୀକାଳୀନ ପ୍ରତିକ୍ରିୟା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ଭାବରେ କାର୍ଯ୍ୟ କରିବ, ଯାହା ଉତ୍ତର -ପୂର୍ବରେ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ରଣନୈତିକ ଆବଶ୍ୟକତା ସମୟରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟର ଶୀଘ୍ର ନିୟୋଜିତ ହେବାକୁ ସକ୍ଷମ କରିବ। ଦ୍ୱୈତ-ବ୍ୟବହାର ଭିତ୍ତିଭୂମି ଭାବରେ ପରିକଳ୍ପିତ, ଇଏଲଏଫ୍ ୪୦ ଟନ୍ ପର୍ଯ୍ୟନ୍ତ ଲଢୁଆ ବିମାନ ଏବଂ ୭୪ ଟନ୍ ପର୍ଯ୍ୟନ୍ତ ସର୍ବାଧିକ ଉଡ଼ାଣ ଓଜନ ସହିତ ପରିବହନ ବିମାନ ପରିଚାଳନା କରିପାରିବ। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ବ୍ରହ୍ମପୁତ୍ର ନଦୀ ଉପରେ ୩,୦୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କୁମାର ଭାସ୍କର ବର୍ମା ସେତୁ (୬ ଲେନ୍ ବିଶିଷ୍ଟ ଏହି ଏକ୍ସଟ୍ରାଡୋଜ୍‌ଡ ପ୍ରିଷ୍ଟ୍ରେସ୍‌ଡ କଂକ୍ରିଟ୍ (ପିଏସ୍‌ସି) ସେତୁ) ଗୁଆହାଟୀ ଏବଂ ଉତ୍ତର ଗୁଆହାଟୀକୁ ସଂଯୋଗ କରିବ। ଏହା ଉତ୍ତର - ପୂର୍ବ ଭାରତର ପ୍ରଥମ ଏକ୍ସଟ୍ରାଡୋଜ୍‌ଡ ପିଏସ୍‌ସି ସେତୁ। ଏହି ଅଞ୍ଚଳରେ ବାରମ୍ବାର ଭୂକମ୍ପନର ସ୍ଥିତାବସ୍ଥାକୁ ବିଚାରକୁ ନେଇ, ସେତୁରେ ଘର୍ଷଣ ପେଣ୍ଡୁଲମ୍ ବିୟରିଂ ବ୍ୟବହାର କରି ବେସ୍ ଆଇସୋଲେସନ୍ ପ୍ରଯୁକ୍ତି ବିଦ୍ୟା ଅନ୍ତର୍ଭୁକ୍ତ କରାଯାଇଛି। ସ୍ଥାୟୀତ୍ୱ ଏବଂ ଦୀର୍ଘକାଳୀନ ସରଞ୍ଚନାଗତ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରିବା ପାଇଁ ଉଚ୍ଚ-କ୍ଷମତା ସମ୍ପନ୍ନ ଷ୍ଟେ କେବୁଲ ବ୍ୟବହାର କରାଯାଇଛି। ଏହା ଏପରି ଏକ ସେତୁ ସ୍ୱାସ୍ଥ୍ୟ ମନିଟରିଂ ସିଷ୍ଟମ (ବିଏଚ୍ଏମ୍ଏସ୍) ମଧ୍ୟ ସ୍ଥାପିତ ହୋଇଛି ଯାହା ଦ୍ୱାରା ପ୍ରକୃତ ସମୟ ସ୍ଥିତି ତଦାରଖ, କ୍ଷତିର ଶୀଘ୍ର ଚିହ୍ନଟ ଏବଂ ଏକ୍ସଟ୍ରାଡୋଜ୍ ହୋଇଥିବା ସେତୁର ସୁରକ୍ଷା ଏବଂ ସେବାର ଅବଧିକୁ ଉନ୍ନତ କରାଯାଇପାରିବ।

ସେହିପରି ପ୍ରଧାନମନ୍ତ୍ରୀ ଆସାମର କାମରୂପ ଜିଲ୍ଲାର ଅମିନଗାଓଁରେ ଉତ୍ତର-ପୂର୍ବାଞ୍ଚଳ ପାଇଁ ଜାତୀୟ ଡାଟା ସେଣ୍ଟର ଉଦ୍‌ଘାଟନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏହି ଅତ୍ୟାଧୁନିକ ଡାଟା ସେଣ୍ଟର ବିଭିନ୍ନ ସରକାରୀ ବିଭାଗର ମିଶନ-କ୍ରିଟିକାଲ୍ ପ୍ରୟୋଗଗୁଡ଼ିକୁ କାର୍ଯ୍ୟକାରୀ କରିବ ଏବଂ ଅନ୍ୟ ଜାତୀୟ ଡାଟା ସେଣ୍ଟର ପାଇଁ ଏକ ବିପର୍ଯ୍ୟୟ ପୁନରୁଦ୍ଧାର କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରିବ। ଏହା ଉତ୍ତର - ପୂର୍ବାଞ୍ଚଳର ସରକାରଙ୍କୁ ଅତ୍ୟାବଶ୍ୟକ ନାଗରିକ-କୈନ୍ଦ୍ରିକ ସେବା ପ୍ରଦାନକୁ



**ଶୁଭାରମ୍ଭ ହେବ ଇଏଲ୍ଏଫ୍, ପିଏସ୍‌ସି ସେତୁ, ଆଇଆଇଏମ୍, ଜାତୀୟ ଡାଟା ସେଣ୍ଟର, ଇ-ବସ୍ ସେବା**

### ଅଭିନେତା ବିଜୟଙ୍କ ରାଲିରେ ପୁଣି ଅଘଟଣ

## ଭାଷଣ ସମୟରେ ହୃଦ୍‌ଘାତରେ ଯୁବକ ମୃତ

**ଚେନ୍ନାଇ,୧୩।୨/ଏଜେନ୍ସି:** ଟିଭିକେ ମୁଖ୍ୟ ଏବଂ ଅଭିନେତା ବିଜୟ ଥଲାପତିଙ୍କ ପାଇଁ ଏବେ ଆଉ ଏକ ସମସ୍ୟା ସୃଷ୍ଟି ହୋଇଛି। ଶୁକ୍ରବାର ସାଲେମ୍ ଠାରେ ଏକ ଦଳୀୟ ରାଲି ଆୟୋଜିତ ହୋଇଥିବା ବେଳେ ଏହି ସମୟରେ ଜଣେ ବ୍ୟକ୍ତିଙ୍କ ହୃଦଘାତଜନିତ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। ଯାହାଫଳରେ ବିବାଦ ବଢ଼ିଯାଇଛି। ସାଲେମର ଜଣେ ପୁଲିସ୍ ଅଧିକାରୀ ସୂଚନା ଦେଇ କହିଛନ୍ତି ଯେ, ରାଲି ସମୟରେ ହୃଦଘାତରେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି।



ମୃତ ବ୍ୟକ୍ତି ସାଲେମର ସେଭଭାଇପଟାଇ ଅଞ୍ଚଳର ବାସିନ୍ଦା ଥିଲେ ଏବଂ ରୂପା କାରିଗର ଭାବରେ କାମ କରୁଥିଲେ। ତାଙ୍କ ସ୍ତ୍ରୀ ଏବଂ ପିଲା ଅଛନ୍ତି। ବ୍ୟକ୍ତି ଜଣଙ୍କ ବିଜୟଙ୍କ ସାର୍ବଜନୀନ ରାଲିକୁ ଦର୍ଶକ ଭାବରେ ଆସିଥିଲେ। ତେବେ ସେ ବିଜୟଙ୍କ ଭାଷଣ ସମୟରେ ହଠାତ ହୃଦ୍‌ଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପୁଲିସ୍ ଏବେ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି। ପ୍ରକାଶ, କିଛି ମାସ ପୂର୍ବରୁ କରୁରରେ ଅଭିନେତା ବିଜୟଙ୍କ ରାଲିରେ ଦଳାଚକଟା ଘଟି ପ୍ରାୟ ୪୦ ଜଣଙ୍କର ଜୀବନ ଯାଇଥିଲା। ଯାହାକୁ ନେଇ ବିଜୟ ଏବେ ତଦନ୍ତ ଏଜେନ୍ସି ସିବିଆଇ ପକ୍ଷରୁ ଜେରା ପ୍ରକ୍ରିୟାର ସମ୍ମୁଖୀନ ହେଉଛନ୍ତି। ଏବେ ଏପ୍ରକାର ଏକ ନୂଆ ବିବାଦ ବିଜୟଙ୍କ ପାଇଁ ସମସ୍ୟା ବଢ଼ାଇବ ବୋଲି ଅନୁମାନ କରାଯାଉଛି।

### ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ହେଲା ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ୍

# ୮୫% ଦୃଷ୍ଟିଶକ୍ତି ହରାଇଛନ୍ତି ଇମ୍ରାନ୍ ଖାନ୍

**ଇସଲାମାବାଦ୍,୧୩।୨/ଏଜେନ୍ସି:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ୭୩ ବର୍ଷୀୟ ଇମ୍ରାନ ଖାନଙ୍କ ଠାରେ ଦୃଷ୍ଟିଶକ୍ତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ରିପୋର୍ଟ ଅନୁସାରେ ଇମ୍ରାନ୍ ଏବେ ନିଜ ଗୋଟିଏ ଆଖିର ପ୍ରାୟ ୮୫% ଦୃଷ୍ଟିଶକ୍ତି ହରାଇଛନ୍ତି। ଜେଲ୍‌ରେ କଏଦୀ ଜୀବନ ଅତିବାହିତ କରୁଥିବା ଇମ୍ରାନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ବିଶେଷକରି ଦୃଷ୍ଟିଶକ୍ତି ପ୍ରଭାବିତ ହୋଇଥିବା ନେଇ ଅଭିଯୋଗ ହେବା ପରେ ପାକିସ୍ତାନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏକ ସ୍ୱାସ୍ଥ୍ୟ କମିଟି ଗଠନ କରାଯାଇଥିଲା। କମିଟି ଇମ୍ରାନ୍‌ଙ୍କ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ୍ କରିବା ସହ ତାଙ୍କ ଦୃଷ୍ଟିଶକ୍ତି ମଧ୍ୟ ଯାଞ୍ଚ୍ କରିଥିଲେ। ତେବେ କମିଟି ପାକ୍ ସୁପ୍ରିମକୋର୍ଟଙ୍କୁ ଦେଇଥିବା ରିପୋର୍ଟରେ ଇମ୍ରାନ୍ ନିଜ ଗୋଟିଏ ଆଖିର ପ୍ରାୟ ୮୫% ଦୃଷ୍ଟି ଶକ୍ତି ହରାଇସାରିଥିବା ଉଲ୍ଲେଖ କରିଛନ୍ତି। ଇମ୍ରାନ୍ ସମ୍ପ୍ରତି ନିଜ ଡାହାଣ ଆଖିରେ ସେଣ୍ଟ୍ରାଲ ରେଟିନାଲ୍ ଭେନ୍ ଓକ୍ଲୁଜନ୍ (ସିଆରଭିଓ) ରୋଗ ଦ୍ୱାରା ପୀଡ଼ିତ।



ସିଆରଭିଓ ଏକ ଗମ୍ଭୀର ଆଖି ଅବସ୍ଥା। ଏଥିରେ ଆଖି ଭିତରେ ରେଟିନାରୁ ରକ୍ତ ବହନ କରୁଥିବା ମୁଖ୍ୟ ଶିରାରେ ଏକ ଅବରୋଧ ଜଡିତ। ଶିରା ଅବରୋଧ ହେବା ପରେ, ରେଟିନାରେ ରକ୍ତ ଜମା ହେବା ଆରମ୍ଭ ହୁଏ, ଯାହା ଫୁଲିଯାଏ ଏବଂ ରକ୍ତସ୍ରାବ ହୁଏ। ଯଦି ଏହି ଅବସ୍ଥା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ରେଟିନା ସ୍ଥାୟୀ କ୍ଷତିର ସମ୍ମୁଖୀନ ହୋଇପାରେ। ବିଶେଷଜ୍ଞଙ୍କ ଅନୁଯାୟୀ, ଚିକିତ୍ସା ବିଳମ୍ବ ହେଲେ, ବିଶେଷକରି ଯଦି ଅବରୋଧ ସମ୍ପୂର୍ଣ୍ଣ ହୁଏ, ରେଟିନା ଗୁରୁତର ଭାବରେ ପ୍ରଦାହ ହୁଏ, କିମ୍ବା ବାରମ୍ବାର ରକ୍ତସ୍ରାବ ହୁଏ, ତେବେ ସିଆରଭିଓରେ ଦୃଷ୍ଟିଶକ୍ତି ହ୍ରାସ ହେବାର ଆଶଙ୍କା ଅଧିକ ଥାଏ। ଅନେକ କ୍ଷେତ୍ରରେ, ଯଦି ୨୪ ରୁ ୭୨ ଘଣ୍ଟା ମଧ୍ୟରେ ଚିକିତ୍ସା ନ ମିଳେ, ତେବେ କ୍ଷତି ସ୍ଥାୟୀ ହୋଇପାରେ। ଚିକିତ୍ସା ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯଦି ଉପଯୁକ୍ତ ଚିକିତ୍ସା ନ ମିଳେ, ତେବେ ଇମ୍ରାନ ସ୍ଥାୟୀ ଭାବରେ ଦୃଷ୍ଟିଶକ୍ତି ହରାଇପାରନ୍ତି। ଏତଦ୍‌ବ୍ୟତୀତ ଇମ୍ରାନ୍ ସାମାନ୍ୟ ଦାନ୍ତ ସମସ୍ୟା ଦେଇ ମଧ୍ୟ ଗତି କରୁଥିବା ସ୍ୱାସ୍ଥ୍ୟ କମିଟି ରିପୋର୍ଟ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଓକିଲ ସଲମାନ ସଫଦର ତାଙ୍କ ରିପୋର୍ଟରେ କହିଛନ୍ତି ଯେ ଇମ୍ରାନ ଖାନ ଦୀର୍ଘ ସମୟ ଧରି ଜେଲ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟିହୀନତା ବିଷୟରେ ଅଭିଯୋଗ କରିଆସୁଥିଲେ। ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ତାଙ୍କ ଦୃଷ୍ଟିଶକ୍ତି ସ୍ୱାଭାବିକ ଥିଲା, କିନ୍ତୁ ହଠାତ ସେ ତାଙ୍କ ଡାହାଣ ଆଖିର ଦୃଷ୍ଟିଶକ୍ତି ହରାଇ ବସିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଇମ୍ରାନ୍‌ଙ୍କ ଆଖିରେ ରକ୍ତ ଜମାଟ ବାନ୍ଧିଥିବା ଜଣାପଡ଼ିଥିଲା, ଯାହା ଗୁରୁତର କ୍ଷତି କରିଥିଲା। ଚିକିତ୍ସା ଏବଂ ଇଞ୍ଜେକ୍ସନ ସତ୍ତ୍ୱେ, ବର୍ତ୍ତମାନ ତାଙ୍କ ଡାହାଣ ଆଖିରେ କେବଳ ୧୫ ପ୍ରତିଶତ ଦୃଷ୍ଟିଶକ୍ତି ହିଁ ସୀମିତ ରହିଛି। ଇମ୍ରାନ ଦାବି କରନ୍ତି ଯେ ତାଙ୍କୁ ଘରୋଇ ଡାକ୍ତରଙ୍କଠାରୁ ବ୍ୟକ୍ତିଗତ ଚିକିତ୍ସା କରାଇବା ପାଇଁ ଅନୁମତି ଦିଆଯାଇନାହିଁ। ପ୍ରକାଶ, ଇମ୍ରାନ ଖାନ ଦୁର୍ନୀତି ଅଭିଯୋଗରେ ୨୦୨୩, ଅଗଷ୍ଟରୁ ଅର୍ଥାତ୍ ଗତ ୩ ବର୍ଷ ଧରି ପାକିସ୍ତାନର ଆଡିଆଲା ଜେଲରେ ବନ୍ଦୀ ଅଛନ୍ତି। ଜେଲ୍‌ରେ ତାଙ୍କୁ ଆଇସୋଲେସନ୍ କରି ରଖାଯାଇଛି। ଇମ୍ରାନ୍ ଖାନ୍ ସମ୍ପ୍ରତି ଗଭୀର ମାନସିକ ଚାପରେ ମଧ୍ୟ ଥିବା ଜଣାପଡିଛି।

## ଆହାନ୍ ପାଣ୍ଡେଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର୍ ନିଯୁକ୍ତ କଲା ଟିରା ବିଉଟି

**ମୁମ୍ବାଇ, ୧୩।୨/ଏଜେନ୍ସି:** ଦେଶର ଅନ୍ୟତମ ସୌନ୍ଦର୍ଯ୍ୟ ପ୍ରଶାଧନ ଉତ୍ପାଦକାରୀ କମ୍ପାନୀ ଟିରା ବିଉଟି ପକ୍ଷରୁ ଯୁବ ସେନ୍‌ସେନ୍‌ସନ୍ ତଥା 'ସାୟରା' ଚଳଚ୍ଚିତ୍ର ଫେମ୍ ଆହାନ୍ ପାଣ୍ଡେଙ୍କୁ ନିଜ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଟିରା ବିଉଟି ଭାରତର ପ୍ରଥମ ସୌନ୍ଦର୍ଯ୍ୟ ଖୁଚୁରା ବ୍ୟବସାୟୀ ତଥା ବ୍ରାଣ୍ଡ୍ ମଧ୍ୟରେ ନିଜକୁ ସ୍ଥାନିତ କରିଛି। ତେବେ କମ୍ପାନୀ ପକ୍ଷରୁ ଜଣେ ପୁରୁଷ ସେଲିବ୍ରିଟିଙ୍କୁ ନିଜ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିବା କମ୍ପାନୀର ପ୍ରତିନିଧିତ୍ୱ ପାଇଁ ବର୍ଗର ବିକଶିତ ପଦ୍ଧତିରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନକୁ ଚିହ୍ନିତ କରୁଛି। ଟିରା ବିଉଟି ଏହାର ସଦ୍ୟତମ ଅଭିଯାନ ମାଧ୍ୟମରେ, ପ୍ଲାଟଫର୍ମ ସୌନ୍ଦର୍ଯ୍ୟକୁ ବ୍ୟକ୍ତିଗତ ମନୋଭାବ, ମୁହୂର୍ତ୍ତ ଏବଂ ପରିଚୟ ଦ୍ୱାରା ଆକାରିତ ଏକ ବ୍ୟକ୍ତିଗତ, ଦୈନନ୍ଦିନ ଅଭିଜ୍ଞତା ଭାବରେ ପୁନଃପ୍ରମାଣିତ କରେ। ପାରମ୍ପରିକ 'ପୂର୍ବ ଏବଂ ପରେ' କାହାଣୀରୁ ଦୂରେଇ ଯାଇ, ଏହି ଅଭିଯାନ ସୌନ୍ଦର୍ଯ୍ୟକୁ ବାସ୍ତବ ଜୀବନର ସହଜ ଏବଂ ପ୍ରତିଫଳିତ ଭାବରେ ଉଜ୍ଜ୍ୱଳ କରିଥାଏ।



# ଓଡ଼ିଶାରେ ହୋମ୍ ବ୍ରଡ୍‌ବ୍ୟାଣ୍ଡ୍ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି ଜିଓ ଏୟାର୍‌ଫାଇବର୍

**➪ ୨୦୨୫ରେ ଦୁଇ ଲକ୍ଷରୁ ଅଧିକ ନୂତନ ଗ୍ରାହକ ଯୋଡ଼ିଛି, ଯାହାକି ଏୟାରଟେଲ୍ ତୁଳନାରେ ୪ ଗୁଣ ଅଧିକ: ଟ୍ରାଇ**

**ଭୁବନେଶ୍ୱର, ୧୩।୨/ଏଜେନ୍ସି:** ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ୨୦୨୫ ବର୍ଷରେ ଦୁଇ ଲକ୍ଷରୁ ଅଧିକ ନୂତନ ଜିଓଏୟାରଫାଇବର ଗ୍ରାହକଙ୍କୁ ଯୋଡିବା ସହିତ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ଏକ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ, ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଜିଓର ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) ସେବା ଜିଓଏୟାରଫାଇବରର ଓଡିଶାରେ ମୋଟ ଗ୍ରାହକ ସଂଖ୍ୟା ୩.୩୪ ଲକ୍ଷ ଅତିକ୍ରମ କରିଛି। ଏଥିରେ ୨.୮୭ ଲକ୍ଷରୁ ଅଧିକ ୫ଜି ଏଫ୍‌ଡବ୍ଲ୍ୟୁଏ ଗ୍ରାହକ ଏବଂ ୪୬୦୦୦ରୁ ଅଧିକ ୟୁବିଆର୍ ଏଫ୍‌ଡବ୍ଲ୍ୟୁଏ ଗ୍ରାହକ ରହିଛନ୍ତି। ଜିଓ ଏୟାରଫାଇବର ୨୦୨୫ ବର୍ଷରେ ଓଡ଼ିଶାରେ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ୪ ଗୁଣ ଅଧିକ ଏଫ୍‌ଡବ୍ଲ୍ୟୁଏ ଗ୍ରାହକ ଯୋଡ଼ିଛି। ତଥ୍ୟ ଅନୁଯାୟୀ, ଓଡ଼ିଶାରେ ମୋଟ ଏଫ୍‌ଡବ୍ଲ୍ୟୁଏ ଗ୍ରାହକ ସଂଖ୍ୟା ଜାନୁଆରୀ ୨୦୨୫ରେ ପ୍ରାୟ ୧.୫ ଲକ୍ଷ ଥିଲା, ଯାହା ଡିସେମ୍ବର ୨୦୨୫ରେ ୪ ଲକ୍ଷ ଅତିକ୍ରମ କରିଛି। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ-ସର୍ବପ୍ରଥମ ନୀତି ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗେଇ ନେଇଛି। ଜିଓ ଏୟାରଫାଇବର ଡିଜିଟାଲ୍ ବୈଷମ୍ୟକୁ ଦୂର କରିବା ସହ ଶେଷ ମାଇଲ୍ ଫାଇବର କନେକ୍ଟିଭିଟି ଚ୍ୟାଲେଞ୍ଜକୁ ଦୂର କରିବା ଏବଂ ସହର, ଉପକଣ୍ଠ ତଥା ଗ୍ରାମାଞ୍ଚଳରେ ଘର ଏବଂ ଛୋଟ ବ୍ୟବସାୟଗୁଡିକୁ ନିର୍ଭରଯୋଗ୍ୟ ବ୍ରଡ଼ବ୍ୟାଣ୍ଡ ଇଣ୍ଟରନେଟ ସଂଯୋଗ ପ୍ରଦାନ କରିବାରେ ସଫଳ ହୋଇଛି। ଏହା ହାଇ-ସ୍ପିଡ୍ ବ୍ରଡବ୍ୟାଣ୍ଡ, ୮୦୦ ରୁ ଅଧିକ ଟିଭି ଚ୍ୟାନେଲ୍, ୧୧ରୁ ଅଧିକ ଓଟିଟି ଆପ୍, ଅସୀମିତ ୱାଇଫାଇ ଏବଂ ଆହୁରି ଅନେକ ସୁବିଧା ପ୍ରଦାନ ଜରିଆରେ ଡିଜିଟାଲ୍ ଯୁଗରେ ଛାତ୍ରଛାତ୍ରୀ, ବୃତ୍ତିଗତ ପ୍ରଫେସନାଲ, ଉଦ୍ୟୋଗୀ ଏବଂ ପରିବାରଗୁଡିକୁ ଉନ୍ନତି କରିବା ପାଇଁ ସଶକ୍ତ କରୁଛି। ଡିସେମ୍ବର ୨୦୨୫ରେ ୨୬୦୦୦ ରୁ ଅଧିକ ନୂତନ ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ଗ୍ରାହକଙ୍କୁ ଯୋଡିବା ସହିତ, ଜିଓ ଓଡ଼ିଶାରେ ହୋମ ବ୍ରଡବ୍ୟାଣ୍ଡ୍ କ୍ଷେତ୍ରରେ ମଧ୍ୟ ପ୍ରାଧାନ୍ୟ ବିସ୍ତାର କରିଛି। ଡିସେମ୍ବର ୩୧, ୨୦୨୫ ସୁଦ୍ଧା ରାଜ୍ୟରେ ଜିଓ ନେଟୱାର୍କରେ ମୋଟ୍ ହୋମ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ୬.୯୨ ଲକ୍ଷ ଅତିକ୍ରମ କରିଛି। କେବଳ ଜିଓ ଏୟାରଫାଇବର ରାଜ୍ୟରେ ଡିସେମ୍ବରରେ ପ୍ରାୟ ୨୦୦୦୦ ନୂତନ ଗ୍ରାହକ ଯୋଡିଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି। ଜାତୀୟ ସ୍ତରରେ, ଜିଓ ସର୍ବାଧିକ ୮.୭ ଲକ୍ଷ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି, ଯାହା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଦୁଇଗୁଣ ରହିଛି।

ଡିସେମ୍ବର ୩୧, ୨୦୨୫ ସୁଦ୍ଧା ଜିଓ ରାଜ୍ୟର ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫ୍‌ଡବ୍ଲ୍ୟୁଏ ସେବା କ୍ଷେତ୍ରରେ ଓଡ଼ିଶାର ସର୍ବାଧିକ ପସନ୍ଦର ତଥା ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ହୋଇଛି। ଏହାର ରାଜ୍ୟରେ ଏକ କୋଟି ୭୨ ଲକ୍ଷରୁ ଅଧିକ ମୋବାଇଲ୍ ଗ୍ରାହକ, ୩.୮୫ ଲକ୍ଷରୁ ଅଧିକ ଜିଓଫାଇବର ଗ୍ରାହକ ଏବଂ ୩.୩୪ ଲକ୍ଷରୁ ଅଧିକ ଜିଓ ଏୟାରଫାଇବର ଗ୍ରାହକ ରହିଛନ୍ତି, ଯାହା ସାରା ଓଡ଼ିଶାରେ ଜିଓର ବ୍ୟାପକ ୪ଜି ଏବଂ ୫ଜି ନେଟୱାର୍କ ଉପସ୍ଥିତି ଦ୍ୱାରା ସମ୍ଭବ ହୋଇଛି।

### ବଢୁଛି ଆମେରିକା-ଇରାନ୍ ଉତ୍ତେଜନା

# ମଧ୍ୟପ୍ରାଚ୍ୟକୁ ପୁଣି ଏକ ବିମାନ ବାହକ ଜାହାଜ ପଠାଇଲା ପେଣ୍ଟାଗନ୍

**ୱାଶିଂଟନ୍,୧୩।୨/ଏଜେନ୍ସି:** ଆମେରିକା ଏବେ ନିଜର ୨ୟ ଘାତକ ତଥା ବିଧ୍ୱଂସୀ ଯୁଦ୍ଧ ଜାହାଜକୁ ମଧ୍ୟପ୍ରାଚ୍ୟ ବା ମିଡିଲ୍ ଇଷ୍ଟ ଅଭିମୁଖେ ପଠାଇଛି। ରିପୋର୍ଟ ଅନୁସାରେ ଗୁରୁବାର ଠାରୁ ଏହି ଆମେରିକୀୟ ଯୁଦ୍ଧବିମାନ ବାହକ ଜାହାଜଟି କାରାବିଆନ୍ ସାଗରରୁ ନିଜ ଲକ୍ଷ୍ୟ ପଥରେ ଯାତ୍ରା ଆରମ୍ଭ କରିଛି। ପେଣ୍ଟାଗନ୍ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଇରାନ୍‌କୁ ଜଳପଥରେ ଘେରିବା ଉଦ୍ଦେଶ୍ୟରେ ବିଶ୍ୱର ସର୍ବବୃହତ ବିମାନ ବାହକ ଜାହାଜକୁ ପଠାଯାଇଛି। ଏହା ପୂର୍ବରୁ ଇରାନ୍ ସୀମାରେଖାରେ ପହଞ୍ଚିସାରିଥିବା ବିଶ୍ୱର ସର୍ବାଧିକ ଘାତକ ତଥା ବିଧ୍ୱଂସୀ ଯୁଦ୍ଧ ଜାହାଜ ସହ ଯୋଗଦେବ। ଏହି ଜାହାଜ ଯେଉଁଥିରେ ଲଢୁଆ ବିମାନଗୁଡ଼ିକ ସଜ୍ଜିତ ହୋଇ ରହିଛନ୍ତି। ଦୁଇ ବରିଷ୍ଠ ପେଣ୍ଟାଗନ୍ ଅଧିକାରୀ ଶୁକ୍ରବାର ସୂଚନାଦେଇ କହିଛନ୍ତି, ଏହା ଏକ ପଦକ୍ଷେପ ଯାହା ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ସହିତ ଏହି ଅଞ୍ଚଳରେ ଦୁଇଟି ବାହକକୁ ସ୍ଥାପିତ କରିବ। ତେବେ ଏହି ଯୁଦ୍ଧଜାହାଜ ମଧ୍ୟପ୍ରାଚ୍ୟରେ ପହଞ୍ଚିବାକୁ ଅତି କମରେ ଗୋଟିଏ ସପ୍ତାହ ସମୟ ନେବ।



ଆମେରିକାର ନୂତନତମ ଏବଂ ବିଶ୍ୱର ସର୍ବବୃହତ ବାହକ ଜେରାଲ୍ଡ ଆର. ଫୋର୍ଡ ବାହକ, ଏହାର ଏସ୍କର୍ଟ ଜାହାଜ ସହିତ କାରିବିଆନରେ କାର୍ଯ୍ୟ କରୁଛି ଏବଂ ଏହି ବର୍ଷ ଆରମ୍ଭରେ ଭେନେଜୁଏଲାରେ କାର୍ଯ୍ୟରେ ଅଂଶଗ୍ରହଣ କରିଛି। ଅନ୍ୟପକ୍ଷେ ଜେରାଲ୍ଡ ଆର. ଫୋର୍ଡ ଆବ୍ରାହମ ଲିଙ୍କନ ବାହକ, ଅନେକ ଗାଇଡେଡ୍-ମିସାଇଲ୍ ବିଧ୍ୱଂସକ, ଲଢୁଆ ଜେଟ୍ ଏବଂ ନିରୀକ୍ଷଣ ବିମାନ ସହିତ ଯୋଗଦେବେ ଯାହାକୁ ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ମଧ୍ୟପ୍ରାଚ୍ୟକୁ ସ୍ଥାନାନ୍ତର କରାଯାଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସପ୍ତାହରେ କହିଥିଲେ ଯେ ଯଦି ଇରାନ ସହିତ ଏକ ଚୁକ୍ତି ନହୁଏ, ତେବେ ସେ ମଧ୍ୟପ୍ରାଚ୍ୟକୁ ଦ୍ୱିତୀୟ ବିମାନ ବାହକ ଜାହାଜ ପଠାଇବା ବିଷୟରେ ବିଚାର କରୁଛନ୍ତି। ଏବେ ତାହା ହିଁ ହୋଇଛି। ଅନ୍ୟ ଏକ ସୂଚନାନୁସାରେ ପେଣ୍ଟାଗନ୍ ସେନାକୁ ଏହି ଅଞ୍ଚଳରେ ନିୟୋଜିତ କରିବା ପାଇଁ ଏକ ବିମାନ ବାହକ ଷ୍ଟ୍ରାଇକ୍ ଗ୍ରୁପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଶିଳ୍ପାଞ୍ଚଳ ଛକରେ ଜବରଦଖଲ ଉଚ୍ଛେଦ



**ବ୍ରହ୍ମପୁର,୧୩।୨/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଆଙ୍କୁଲି ଶିଳ୍ପାଞ୍ଚଳ ଛକ ଓଭରବ୍ରିଜ୍ ନିକଟ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ବ୍ରହ୍ମପୁର ଉପ ଜିଲ୍ଲାପାଳ, ତହସିଲଦାରଙ୍କ ଉପସ୍ଥିତିରେ ଆଜି ଓଭରବ୍ରିଜ୍‌ର ଉଭୟ ପାର୍ଶ୍ୱ ରାସ୍ତାରେ ଥିବା ଦୋକାନ ଓ କେତେକ ଘରଗୁଡିକୁ ଜେସିବି ସାହାର୍ଯ୍ୟରେ ଭଙ୍ଗାଯାଇଥିଲା। ସକାଳ ୯ଟାରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଆଇନ୍‌ଶୃଙ୍ଖଳାକୁ ଦୃଷ୍ଟିରେ ପୁଲିସ୍ କର୍ମୀ ନିୟୋଜିତ ରହିଥିଲେ। ଉଚ୍ଛେଦକୁ ନେଇ କିଛି ସମୟ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ପୁଲିସ୍ ସେମାନଙ୍କୁ ବୁଝାସୁଝା କରିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ଇଞ୍ଜିନିୟରିଂ ସ୍କୁଲ ଓ ଆଙ୍କୁଲିକୁ ସଂଯୋଗ କରୁଥିବା ରେଲୱେ ଓଭରବ୍ରିଜ୍ ନିର୍ମାଣ ହେବା ପରଠୁ ଶିଳ୍ପାଞ୍ଚଳ ମୁଖ୍ୟ ରାସ୍ତା ସଂକୀର୍ଣ୍ଣ ହୋଇପଡିଥିଲା। ଓଣାଅସାରିଆ ରାସ୍ତା ଦେଇ ଜନସାଧାରଣ ଓ ଗାଡି ମୋଟର ଯିବା ଆସିବା ବେଳେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଚାରିଚକିଆ ଗାଡି ମୋଟର ଯିବା ବେଳେ ରାସ୍ତା ଜାମ ହେଉଥିଲା। ବହୁ ସମୟରେ ଦୁର୍ଘଟଣା ଘଟି ଲୋକଙ୍କ କ୍ଷୟକ୍ଷତି ଘଟୁଥିଲା। ଏନେଇ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ନେଇ ମାପଚୁପ କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଚ୍ଛେଦ କାର୍ଯ୍ୟରେ ବିଳମ୍ବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ବିଳମ୍ବରେ ହେଲେ ମଧ୍ୟ ପ୍ରଶାସନ ଲୋକଙ୍କ ସମସ୍ୟାକୁ ହୃଦୟଙ୍ଗମ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି।

## ୧୯ନଂ ୱାର୍ଡରେ ବିଜେପିର ମିଶ୍ରଣ ପର୍ବ

**ବ୍ରହ୍ମପୁର,୧୩।୨/ଏନ୍‌ଏନ୍‌ଏସ୍:** ବ୍ରହ୍ମପୁର ମହାନଗର ନିଗମ ୧୯ନଂ ୱାର୍ଡରେ ବିଜେପି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଙ୍କ ଉପସ୍ଥିତିରେ ୨୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତା ବିଜେପିରେ ଯୋଗ ଦେଇଥିଲେ। ଖଲାସୀ ସାହି ନିକଟରେ ସଭା କାର୍ଯ୍ୟ ହୋଇଥିବା ସହ ସମସ୍ତ କର୍ମୀଙ୍କୁ ଦଳୀୟ ଉପଢୌକନ ଦେଇ ସ୍ୱାଗତ କରଯାଇଥିଲା। ଏହି ୱାର୍ଡ଼ ବାସିନ୍ଦା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୀର୍ଘଦିନ ହେବ ସହଯୋଗ ଜାରି ରଖିଥିବାରୁ ବିଧାୟକ ଧନ୍ୟବାଦ ଜଣାଇଥିଲେ। ରାଜ୍ୟରେ ସରକାର ପରିବର୍ତ୍ତନ ଘଟିଛି। ରାଜ୍ୟରେ ଭାଜପାର ଡବଲ ଇଞ୍ଜିନ୍ ସରକାର ଚାଲିଛି। ଇତି ମଧ୍ୟରେ ମୋହନ ସରକାରଙ୍କ ସୁଭଦ୍ରା ଓ ସିଏମ୍ କିଷାନ ଯୋଜନାରେ ଲୋକେ ଉପକୃତ ହେଉଛନ୍ତି। କିନ୍ତୁ ବିରୋଧୀ ବିଜେଡ଼ିକୁ ସରକାରଙ୍କ ଯୋଜନା ବିଚଳିତ କରି ପକାଇଛି ବୋଲି ନେତାମାନେ ଅଭିଯୋଗ କରିଥିଲେ। ସହରର ବିକାଶ ଓ ଲୋକଙ୍କ ଉନ୍ନତି ପାଇଁ ପୂର୍ବରୁ ଘୋଷିତ ଯୋଜନା ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ କାର୍ଯ୍ୟକାରୀ କରି ଚାଲିଥିବା ନେଇ ନେତାମାନେ କହିଥିଲେ।

## ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

**ପୁରୁଷୋତ୍ତମପୁର,୧୩।୨/ଏନ୍‌ଏନ୍‌ଏସ୍:** ଆଗାମୀ ୧୫ ତାରିଖରେ ମହାପ୍ରଭୁ ଶିବ ଶମ୍ଭୁଙ୍କ ଶିବରାତ୍ର ନିମନ୍ତେ ଶାନ୍ତି ଶୃଙ୍ଖଳା ସହିତ ମହାଦୀପ ଲଗାଯିବ। ଶିବରାତ୍ର ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ତହସିଲଦାର ତଥା ତୁମ୍ବେଶ୍ୱର ମନ୍ଦିରର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱ ନେଇଥିବା ବିନୋଦ କୁମାର ବେହେରା ଓ ପୁରୁଷୋତ୍ତମପୁର ଥାନା ଅଧିକାରୀ ରାଜେଶ କୁମାର ନାୟକଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ତହସିଲଦାର ସଂଗୀତା ସେଠୀ, ଓ ଅନ୍ୟଜଣେ ଅତିରିକ୍ତ ତହସିଲଦାର ଫାୟାର ବିଭାଗର ଅଧିକାରୀ ଦେବାଶିଷ ମହାପାତ୍ର, ଫାୟାର ବିଭାଗ ଅଧିକାରୀ ଆଲୋକ କୁମାର , ତୁମ୍ବେଶ୍ୱର ମନ୍ଦିର ସେବାୟତ ତଥା ଆଇନ ଯିବି ଗୌରୀ ଶଙ୍କର ରାଉଳ ଓ ଅନ୍ୟ ସେବାୟତ ମାନେ, କପିଳେଶ୍ୱର ମନ୍ଦିର ସେବାୟତ ଓ ଲଙ୍ଗଳେଶ୍ୱ ମନ୍ଦିର ସେବାୟତ, ସ୍ୱପ୍ନେଶ୍ୱର ମନ୍ଦିର ସେବାୟତ ତଥା ପରିଚାଳନା ସମ୍ପାଦକ ରଘୁନାଥ ମହାରଣା, ବରିଷ୍ଠ ନାଗରିକ, ସମାଜସେବୀ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ସହିତ ନିର୍ଦ୍ଦିଷ୍ଟ ସମୟରେ ରୀତିନୀତି ପ୍ରକାରେ ସମସ୍ତ କାର୍ଯ୍ୟ ସମ୍ପାଦିତ ହେବ। ଉପସ୍ଥିତ ମନ୍ଦିର ପରିଚାଳନା ସଦସ୍ୟ, ସେବାୟତମାନେ ସରକାରୀ ନିର୍ଦ୍ଦେଶକୁ ପାଳନ କରିବାକୁ ସମ୍ମତ ପ୍ରଦାନ କରିଥିଲେ।

## ବିଜେପିର ମିଶ୍ରଣ ପର୍ବରେ ସାମିଲ ହେଲେ ବହୁ ନେତା

**ଛତ୍ରପୁର,୧୩।୨/ଏନ୍‌ଏନ୍‌ଏସ୍:** ଛତ୍ରପୁର ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ମିଶ୍ରଣ ପର୍ବ ସ୍ଥାନୀୟ ଶିବ କୁମାର ରିଙ୍ଗ ରୁମ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ବିଜେପିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିର ୧୯ ନଂ ର ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ନାହାକ, ୨୧ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ବିଜେଡି ନେତା ସୁବାଷ ନାହାକ, ପୂର୍ବତନ ସରପଞ୍ଚ ସୋମନାଥ ବେହେରା, ସମେତ ବହୁ ପୂର୍ବତନ ସରପଞ୍ଚ, ୱାର୍ଡ଼ ମେମ୍ବର ବିଜେପିରେ ସାମିଲ ହୋଇଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଜିଲ୍ଲା ପ୍ରଭାରୀ ଶାରଦା ପ୍ରସନ୍ନ ଶତପଥୀ, ଜିଲ୍ଲା ସଭାପତି ସରୋଜ ସାବତ, ଗଞ୍ଜାମ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଛତ୍ରପୁର ବ୍ଲକ ଉପା ଅଧକ୍ଷା ଏସ ଶାରଦା ରେଡ୍ଡୀ, ସମେତ ଜିଲ୍ଲା ସମ୍ପାଦକ ଓ ମଣ୍ଡଳ ସଭାପତି ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ। ବିଜେପିର କର୍ମୀ ଓ କର୍ମକର୍ତ୍ତା ମାନେ ସର୍ବଦା ଲୋକଙ୍କ ସହ ରହି ସେମାନଙ୍କର ସେବା କରିବା ପାଇଁ ଉପସ୍ଥିତ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ପୂର୍ବତନ ଗଞ୍ଜାମ ବ୍ଲକ ଅଧକ୍ଷ ପ୍ରଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଟ୍ରାକ୍ଟର ଦୁର୍ଘଟଣା, ୫ ମହିଳା ଶ୍ରମିକ ଆହତ

**ପାତ୍ରପୁର,୧୩।୨/ଏନ୍‌ଏନ୍‌ଏସ୍:** ଜରଡା ଥାନା ଅନ୍ତର୍ଗତ ଭୀମପୁର ଗ୍ରାମ ବଗି ବ୍ରିଜ ନିକଟରେ ଟ୍ରାକ୍ଟର ଦୁର୍ଘଟଣା ଘଟି ପାଞ୍ଚ ମହିଳା ଶ୍ରମିକ ଗୁରୁତର ଭାବେ ଆହାତ ହୋଇଥିବା ଜଣାଯାଇଛି । ଗୁରୁତର ଆହାତ ମାନେ ହେଲେ କେଶପୁର ଗ୍ରାମର ବୃନ୍ଦାବତୀ ଗୌଡ଼ (୪୫), ରମା ଗୌଡ଼ (୪୦), ଉଷା ଗୌଡ଼ (୪୨), ମିନତୀ ଗୌଡ଼(୩୬), ଦମୟନ୍ତି ଗୌଡ଼ (୪୦) ପ୍ରମୁଖ ବୋଲି ଜଣାପଡିଛି । ସୂଚନା ଅନୁସାରେ ମୁଣ୍ଡକେରି - ଭୀମପୁର ପଯ୍ୟନ୍ତ ଗ୍ରାମ୍ୟଉନ୍ନୟନ ବିଭାଗର ରାସ୍ତା ନିର୍ମାଣ କାଯ୍ୟ ଚାଲିଥିବା ବେଳେ ବ୍ରିଜ ନିକଟରେ ଟ୍ରାକ୍ଟରଟି ଓଲଟି ପଡ଼ିବାରୁ ବସିଥିବା ଶ୍ରମିକ ମାନେ ଟ୍ରାକ୍ଟରୁ ରାସ୍ତାରେ କଚାଡି ହୋଇ ପଡ଼ିଥିଲେ । ଫଳରେ ଶ୍ରମିକ ମାନେ ଗୁରୁତର ଆହାତ ହୋଇ ଛଟପଟ ହେଉଥିଲେ। ଘଟଣା ସ୍ଥଳରେ ଥିବା ଆଖପାଖ ଲୋକେ ଆହତ ମାନଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଖବର ପାଇ ପାତ୍ରପୁର ତହସିଲଦାର ଅଶୋକ ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସରେନ୍ ମେଡିକାଲରେ ପହଞ୍ଚି ରେଡ୍ କ୍ରସ ପାଣ୍ଠିରୁ ଗୁରୁତର ତିନି ଜଣଙ୍କୁ ୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି । ତେବେ ଏନେଇ ଜରଡ଼ା ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଏଭଳି କୌଣସି ଅଭିଯୋଗ ନଥିବା କହିଛନ୍ତି ।



## ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପାତ୍ରପୁର,୧୩।୨/ଏନ୍‌ଏନ୍‌ଏସ୍:** ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ପିଏମଶ୍ରୀ ମହନ୍ତ ଶ୍ରୀ ପରାଙ୍କୁଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ମୁଖ୍ୟବକ୍ତା ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଏବିଇଓ ଚିନ୍ମୟା ସେଠୀ, ପଞ୍ଚାୟତ ସରପଞ୍ଚ ଏନ. ତିରୁପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଏନ. ସଦାନନ୍ଦ ରାଓ, ଫଂଚସଖା ଶିକ୍ଷା ସେତୁର ସଭାପତି କେ. କ୍ରିଷ୍ଣା ରାଓ, ଏବିଓ ଭିମା ରାଓ ପ୍ରମୁଖ ମଂଚାସୀନ ରହିଥିଲେ । ପ୍ରାରମ୍ଭିକ ସଂଗୀତ ବବିତା ଶବର ଓ ପବିତ୍ରା ପ୍ରଧାନ ଗାନ କରିଥିଲେ । ଅତିଥି ମନେ ଛାତ୍ର ଛାତ୍ରୀଙ୍କୁ ଭଲ ପାଠ ଅଂଚଳର ସୁନାମ ଅର୍ଜନ ପାଇଁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ ତରଫରୁ କବାଡି, ଯୋଗ, ବକ୍ସିଂ ପ୍ରମୁଖ ଷ୍ଟେଟ ଲେବେଲକୁ ଉନ୍ନୀତ ହୋଇଥିବା ବିଦ୍ୟାର୍ଥୀ ଙ୍କ ସହ ନେସନେଲକୁ ଉନ୍ନୀତ ହୋଇଥିବା କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପୂର୍ବରୁ ଅନୁଷ୍ଠିତ ହୋଇଥିବା କ୍ରୀଡା, ସାଂସ୍କୃତିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଅତିଥି ପରିଚୟ ଓ ମଞ୍ଚ ପରିଚାଳନା ବସନ୍ତ କୁମାର ସାହୁ କରିଥିବା ବେଳେ ବାର୍ଷିକ ବିବରଣୀ ଏ. ମୋହନ ରାଓ ପଠନ କରିଥିଲେ । ବିଦ୍ୟାଳୟ କ୍ରୀଡା ଶିକ୍ଷକ ଅରୁଣ କୁମାର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିବା ବେଳେ ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଓ ପରିଚାଳନ କମିଟି ପ୍ରମୁଖ ଉପସ୍ଥିତ ଥିଲେ ।



## ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ୨୦୦୬ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ବାଲିଗୁଡା, ୧୩।୨/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ଲାଇନପଡା ନିକଟସ୍ଥ ବରଡ଼ା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ୨୦୦୬ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ଭବ୍ୟ ବନ୍ଧୁମିଳନ କାର୍ଯ୍ୟକ୍ରମ ସାଲୁଙ୍କି ଡ୍ୟାମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୦ ବର୍ଷ ପରେ ଆୟୋଜିତ ଏହି ମିଳନୋତ୍ସବରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ନିଜ ନିଜର ସ୍ମୃତିଚାରଣ କରିଥିଲେ। ପୂଜାର୍ଚ୍ଚନା ଏବଂ ପ୍ରଦୀପ ପ୍ରଜ୍ୱଳନ ସହ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ପୂର୍ବତନ ଶିକ୍ଷକ ଏବଂ ଦେହାନ୍ତ ହୋଇଥିବା ସହପାଠୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦୀର୍ଘ ଦିନ ପରେ ପରସ୍ପରକୁ ଭେଟି ଛାତ୍ରମାନେ ନିଜ ପିଲାଦିନର ସ୍ମୃତିକୁ ମନେ ପକାଇବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ଏ ନେଇ ଆୟୋଜିତ ଆଲୋଚନା ସଭାରେ ଆସ୍ତିକ ମୁଖୀ, ଭାଗବତ ମୁଖୀ, ସୁନୀଲ ଦିଗାଲ, ରାମେଶ୍ୱର ନାୟକ, କଳ୍ପନା ଦିଗାଲ, ଧରିତ୍ରୀ ମୁଖୀ, ମଥୁରା ଗଣ୍ଡା, କମଳାକାନ୍ତ ଦିଗାଲ, ନିକୁଞ୍ଜ ମଳିକ, ବିରାଜ କହଁର, ଦ୍ରୌଶିଳା କହଁର, ସାରଳା, ଆଶିଷ, ଶରତ, ପବିତ୍ର, ପ୍ରଦୀପ, ରତ୍ନନ ଏବଂ ଅନ୍ୟ ଛାତ୍ରଛାତ୍ରୀ ପ୍ରମୁଖ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ କରି ଏଭଳି କାର୍ଯ୍ୟକ୍ରମ ସମ୍ପାଦିତ କରିଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଚଳିତବର୍ଷ ଭଳି ପ୍ରତିବର୍ଷ ପୁରାତନ ଛାତ୍ରଛାତ୍ରୀ ସଂଘ ପକ୍ଷରୁ ଏପରି ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯିବା ସହ ଆସନ୍ତା ବର୍ଷ ଠାରୁ ଅନ୍ୟ ସମସ୍ତ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବା ପାଇଁ ସଭାରେ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ନିଜ ନିଜ ବୃତ୍ତିଗତ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ପାଇଁ ସଭାରେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରାଯାଇଥିଲା।



## ଡିଭାଇଡର୍ ଅଧପନ୍ତରିଆ, ବଢୁଛି ଜନ ଅସନ୍ତୋଷ

**ବୁଗୁଡ଼ା,୧୩।୨/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ରାସ୍ତାର ସୌନ୍ଦର୍ଯ୍ୟକରଣ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥା ଅଧପନ୍ତରିଆ ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଥମ କରି ୨୦୧୪-୧୫ ଆର୍ଥିକ ବର୍ଷରେ ବୁଗୁଡ଼ା ସହର ଦେଇ ଯାଇଥିବା ୩୩ନଂ ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା । ତେବେ କେବଳ ମଦନ ମୋହନ ଛକ ଠାରୁ ସିନେମା ହଲ୍ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ହୋଇଥିଲେ ହେଁ ମୁଖ୍ୟ ବଜାର ସହିତ ହାଇସ୍କୁଲ ଛକ ଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇ ଶୀତଳ ଭଣ୍ଡାରରେ ପଡି ରହିଛି । ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ସଂକୀର୍ଣ୍ଣତା ଯୋଗୁଁ ଡିଭାଇଡର ହୋଇପାରୁ ନଥିବା ଦର୍ଶାଉଥିବା ବେଳେ ପୋଲସରା ସହରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତାରେ ଡିଭାଇଡର ବ୍ୟବସ୍ଥା ହୋଇଥିଲେ ହେଁ ସେହି ଏକା ନିର୍ବାଚନ ମଣ୍ଡଳୀରେ ଆସୁଥିବା ବୁଗୁଡ଼ା ସହର ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଅସମ୍ପୂର୍ଣ୍ଣ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦୃଢ ଦାବି ହେଉଛି ।



## ବାଲ୍ୟ ବିବାହ ଓ ନିର୍ଯାତନା ଆଇନ୍ ସଚେତନତା ଶିବିର

**ଶେରଗଡ,୧୩।୨/ଏନ୍‌ଏନ୍‌ଏସ୍:** ଜିଲ୍ଲା ଆଇନ ସେବା ସମିତି ପକ୍ଷରୁ ଶେରଗଡ଼ ତାଲୁକ ସ୍ତରୀୟ ଆଇନ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ବାଲ୍ୟ ବିବାହ ଓ କାର୍ଯ୍ୟ କ୍ଷେତ୍ରରେ ନିର୍ଯାତନା ରୋକିବା ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀକାନ୍ତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନୁଷ୍ଠିତ ହୋଇଥିଲା। ଶିବିରରେ ମାଜିଷ୍ଟ୍ରେଟ ଶ୍ରୀ ପାଢ଼ୀ ନିଜ ବକ୍ତବ୍ୟରେ ବାଲ୍ୟ ବିବାହ ରୋକିବା, ନିର୍ଯାତନାକୁ ରୋକିବା, ପୀଡିତାଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ସହ ସେମାନଙ୍କ ଆର୍ଥିକ ସହାୟତା ବ୍ୟବସ୍ଥା, ବାଲ୍ୟ ବିବାହ ପରବର୍ତୀ ପଦକ୍ଷେପ, ହେଲ୍ପ ଲାଇନର ସହାୟତା, ଆଇନଗତ ସହାୟତା ସହ ପୀଡିତାଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ସହ ସାମାଜିକ ସୁରକ୍ଷା ଉପରେ ମତ ରଖିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ବ୍ୟାମୋକେଶ ନାୟକ ଉପସ୍ଥିତ ରହି କର୍ମ ସ୍ଥଳରେ ନିର୍ଯାତନାର ଶିକାର ହେଉଥିବା ମହିଳାଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ ଗତ ସୁବିଧା, ମହିଳାମାନେ ଯେପରି ବିନା ଦ୍ୱିଧାରେ ନିଜ କର୍ମ କ୍ଷେତ୍ରରେ କାମ କରି ପାରିବେ ସେ ଉପରେ କହିଥିଲେ। ବିଡ଼ିଓ ତୃପ୍ତିମୟୀ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଉପ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିଲେ। କୋର୍ଟ କର୍ମଚାରୀମାନେ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ ।

**ନିତି ଭାରତୀ**

ଯେପରି ଗୋଟିଏ ଜଳୁଥିବା ମହମବତୀରୁ ଶହ ଶହ ମହମବତୀ ଲଗାଇ ଜଳାଗଲେ ମଧ୍ୟ ପ୍ରଥମ ମହମବତୀର ଆୟୁଷ ଶେଷ ହୁଏନାହିଁ, ସେହିପରି ସୁଖକୁ ବାଣ୍ଟିଲେ ତାହା ବାଣ୍ଟୁଥିବା ଲୋକଠାରୁ ସରିଯାଏ ନାହିଁ। - **ଗୌତମ ବୁଦ୍ଧ**

NITIDIN
ନିତିଦିନ
ଶନିବାର ,୧୪ ଫେବୃଆରୀ ୨୦୨୬

# ପ୍ରେମ: ଏକ ଅନ୍ତହୀନ ଜିଜ୍ଞାସା



ପ୍ରଫୁଲ୍ଲ କୁମାର ସାହୁ

ମାନବୀୟ ବିଚାରବୋଧରୁ ବିକଶିତ ସାମାଜିକ ଜୀବନଧାରାକୁ କୁହାଯାଏ ସଂସ୍କୃତି। ଧର୍ମ କର୍ମ, ପର୍ବପର୍ବାଣି, ଖାଦ୍ୟପେୟ, ବେଶ ପୋଷାକ ଆଦି ତା'ର ଅଙ୍ଗୀଭୂତ ବିଷୟ। ପ୍ରତ୍ୟେକ ଦେଶର ପରିବେଶ ଓ ପରିସ୍ଥିତି ଅନୁଯାୟୀ ପ୍ରତିଷ୍ଠା ଲଭେ ସେଠାକାର ସାମାଜିକ ଚଳଣି। ତେଣୁ ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶର ସଂସ୍କୃତି ଭିତରେ ଫରକ ରହିବା ସ୍ୱାଭାବିକ। ସଂସ୍କୃତି ପରିବର୍ତ୍ତନଶୀଳ। ତା'ର ପରିବର୍ତ୍ତନ ଧାରା ସ୍ୱତଃ ଓ ମନ୍ଥର। କୌଣସି ବାହ୍ୟ ସଂସ୍କୃତି ଭାରି ପଡ଼ିବା କାରଣରୁ ଯଦି ତାକୁ ବଦଳାଇବାକୁ ଚେଷ୍ଟା କରାଯାଏ, ତେବେ ଆଘାତ ପାଏ ଜାତିର ସାଂସ୍କୃତିକ ଆତ୍ମା। ସଂସ୍କୃତି ହେଉଛି ଗୋଟିଏ ଜାତିର ଜୀବନ ନାଟିକା। ମୌଳିକ ମୂଲ୍ୟବୋଧ ଅନୁପ୍ରେରିତ ଜୀବନଶୈଳୀ। ତାକୁ ଅବଜ୍ଞା କରି ଅନ୍ୟ କୌଣସି ସଂସ୍କୃତିକୁ ଗ୍ରହଣ କଲେ ଭାଙ୍ଗିଯାଏ ଆପଣା ସଂସ୍କୃତିର ମୌଳିକତା।

ଇତିହାସ କୁହେ, ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଦିବ୍ୟ ଭୂଖଣ୍ଡ, ଯାହା ଉପରେ ଏବେ ଭାରି ପଡ଼ିଲାଣି ପଶ୍ଚିମା ସଂସ୍କୃତି। ଆମର ପ୍ରଚଣ୍ଡ ଆଧ୍ୟାତ୍ମିକ ସଂସ୍କୃତିଟେ ଅଛି ବୋଲି ଯେତେ ଦାବି କଲେ ବି ଆମ ପର୍ବପର୍ବାଣି ଓ ସାମାଜିକ ଜୀବନଧାରାରେ ଆଉ ପ୍ରତିଫଳିତ ହେଉନାହିଁ ସଂସ୍କୃତିର ମହକ। କୃଷି ପର୍ବ ହେଉ କି ଆଧ୍ୟାତ୍ମିକ ପର୍ବ, ଏସବୁ ଆମ ସଂସ୍କୃତିର ମୌଳିକ ବିଭବ। ଅଥଚ ଏସବୁ ପାରମ୍ପରିକ ଉତ୍ସବଠାରୁ କ୍ରମଶଃ ଦୂରେଇ ଯାଉଛି ଆମ ଯୁବ ପିଢ଼ି। ସେମାନେ ଜାଣନ୍ତି ନାହିଁ ରାଜ୍ୟରେ କେବେ ପାଳନ କରାଯାଏ ଓଡ଼ିଆ ନୂଆବର୍ଷ। ଅନ୍ୟ ପକ୍ଷରେ, ଅତି ଉତ୍ସାହର ସହିତ ପାଳନ କରନ୍ତି ଇଂରାଜୀ ନୂଆବର୍ଷ ଓ ବଡ଼ଦିନ ଇତ୍ୟାଦି ପଶ୍ଚିମା ଉତ୍ସବ। ସେମାନଙ୍କୁ ଏବେ ବେଶି ଘାରିଛି 'ଭାଲେଣ୍ଟାଇନ ଡେ' ନିଶା।

ଭାଲେଣ୍ଟାଇନ ଡେ ବା ପ୍ରେମ ଦିବସର ଇତିହାସ କୁହେ, ଏକଦା ରୋମ୍‌ର ତତ୍କାଳୀନ ସମ୍ରାଟ କ୍ଲାଡିୟସଙ୍କର ଧାରଣା ହେଲା, ଯୁବକମାନେ ଯଦି ବିବାହ କରନ୍ତି କିମ୍ବା ପ୍ରେମ ବ୍ୟାପାରରେ ଲିପ୍ତ ରୁହନ୍ତି, ତେବେ ସେମାନଙ୍କ ଶାରୀରିକ ସାମର୍ଥ୍ୟ ହ୍ରାସ ପାଇବ, ଯାହା ସାମରିକ ଦୃଷ୍ଟିରୁ ଦେଶ ପାଇଁ କ୍ଷତିକାରକ। ଯୁଦ୍ଧ କ୍ଷେତ୍ରରେ ଦେଶର ପୂର୍ଣ୍ଣ ସାମର୍ଥ୍ୟ ବିନିଯୋଗ କରିବାକୁ ହେଲେ ଯୁବକମାନେ ବିବାହ ଓ ପ୍ରେମ ବ୍ୟାପାରଠାରୁ ଦୂରେଇ ରହିବା ଆବଶ୍ୟକ। ଏଭଳି ଏକ ଉଦ୍ଭଟ ଧାରଣାର ବଶବର୍ତ୍ତୀ ହୋଇ ସେ ଦେଶର ଯୁବକମାନଙ୍କ ବିବାହ ଓ ପ୍ରଣୟ ବ୍ୟାପାର ଉପରେ ଜାରି କଲେ କଠୋର କଟକଣା। ଯୁବକମାନଙ୍କ ପ୍ରତି ଏହା ଘୋର ଅନ୍ୟାୟ ବୋଲି ଅନୁଭବ କରି ତା'ର ପ୍ରତିବାଦ କଲେ ସନ୍ଥ ଭାଲେଣ୍ଟାଇନ। ସମ୍ରାଟଙ୍କ ଆଦେଶର ବିରୁଦ୍ଧାଚରଣ କରିବାର ପରିଣାମ ସ୍ୱରୂପ ଭାଲେଣ୍ଟାଇନ ବନ୍ଦୀ ହେଲେ ଏବଂ ତାଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଗଲା ରାଜଦ୍ରୋହ ଅପରାଧରେ। ପ୍ରେମର ପକ୍ଷ ନେଇ ଆତ୍ମବଳି ଦେବା ପରେ ତାଙ୍କୁ ପ୍ରେମର ପ୍ରତୀକ ଭାବରେ ଅଭିହିତ କରି ତାଙ୍କ ବଳିଦାନ ଦିବସ (୧୪ ଫେବୃଆରୀ)କୁ କିଛି ଯୁବକ ଭାଲେଣ୍ଟାଇନ ଡେ ବା ପ୍ରେମ ଦିବସ ଭାବରେ ପାଳନ କଲେ, ଯାହା ପରବର୍ତ୍ତୀ ସମୟରେ ରୋମ୍‌କୁ ଅତିକ୍ରମ କରି ବ୍ୟାପିଲା ବିଶ୍ୱର ଅନ୍ୟାନ୍ୟ ଦେଶରେ।

ବିଗତ ଶତାବ୍ଦୀର ନବେ ଦଶକରେ ତା'ର ପ୍ରଭାବ ଭାରତର ଯୁବ ସମାଜ ଉପରେ ପଡ଼ିଲା ଏବଂ ସେବେଠାରୁ ଏଠାରେ କ୍ରମାଗତ ଭାବେ ବଢ଼ି ଚାଲିଛି ତା'ର ଆକର୍ଷଣ। ସନ୍ଥ ଭାଲେଣ୍ଟାଇନଙ୍କୁ ପ୍ରେମର ପ୍ରତୀକ କହି ତାଙ୍କ ବଳିଦାନ ଦିବସକୁ ପ୍ରେମ ଦିବସ ଭାବରେ ପାଳନ କରିବାରେ କାହାରି କିଛି ଆପତ୍ତି ରୁହନ୍ତା ନାହିଁ ଯଦି ଏହି ଆଳରେ ଯୁବକ ଓ ଯୁବତୀଙ୍କ ମଧ୍ୟରେ ପ୍ରକାଶ ନ ପାଆନ୍ତା ଉଚ୍ଛୃଙ୍ଖଳତା। ପଶ୍ଚିମା ଢଙ୍ଗରେ ଉଚ୍ଛୃଙ୍ଖଳ ହେଉଥିବା ଯୁବକ ଯୁବତୀମାନେ ଅନ୍ତତଃ ଜାଣିବା ଦରକାର ଯେ ପାଶ୍ଚାତ୍ୟ ସଂସ୍କୃତିରେ ପ୍ରେମ କିଛି ହୃଦୟର କଥା ନୁହେଁ, ତାହା ଏକ ଯାନ୍ତବ ଜୈବିକ ବ୍ୟାପାର। ମାତ୍ର ପ୍ରାଚ୍ୟ ମୂଲ୍ୟବୋଧରେ ଏହା ହେଉଛି ମନର ମିଳନ। ଆତ୍ମାର ଆକୁଳତା।

ଯୌବନରେ ପ୍ରାଣର ଧର୍ମ ହେଉଛି ପ୍ରେମ। ଭାରତୀୟ ଦର୍ଶନରେ ପ୍ରେମ ଏକ ଶୁଦ୍ଧ ସାତ୍ତ୍ୱିକ ସୌନ୍ଦର୍ଯ୍ୟବୋଧ। ଏକ ସତ୍ୟଶୀଳ ଉପଲବ୍ଧି। ପ୍ରେମର ପୁଲକ ଓ ତା'ର ତଲ୍ଲୀନ ଭାବମୁଦ୍ରା ଏକ ବିରଳ ଅନୁଭବ। ଏହା କେବଳ ଜୈବିକ ଆକର୍ଷଣଜନିତ ସମ୍ମୋହନ ନୁହେଁ, ଅଧିକନ୍ତୁ ଏକ ଆନନ୍ଦମୟୀ ସୂକ୍ଷ୍ମ ଆବେଗ। ନିଜକୁ ହଜାଇ ଦେବାର ଆଦିମ ଆକାଂକ୍ଷା ଓ ରହସ୍ୟମୟ ଅନୁଭବ ଯୋଗୁଁ ନାରୀ ପୁରୁଷର ସମ୍ପର୍କ ସଞ୍ଜ ସକାଳ ପରି ସତ୍ୟ। ଏହି ଶକ୍ତିଶାଳୀ ଜୀବ ଧର୍ମ ଅନ୍ତଃକରଣରେ ସୃଷ୍ଟି କରେ ଗଭୀର ସ୍ପନ୍ଦନ, ଯାହା ପ୍ରକାଶ କରିବାକୁ ଯାଇ କବି ଅଭିମନ୍ୟୁ ସାମନ୍ତସିଂହାର ଲେଖିଛନ୍ତି- 'ଅନଳ ନୁହଁଇ ଦେହ ଦହଇ/ ଅସ୍ତ୍ର ନୁହଁଇ ମରମ ଭେଦଇ/ ନୁହଁଇ ତ ଜଳ ବୁଡ଼ାଏ କୁଳ/ ନୁହଁଇ ମାଦକ କରେ ବିହ୍ୱଳ।' ସୁତରାଂ, ପ୍ରେମ ଜୀବନର ସର୍ବୋତ୍ତମ ସତ୍ୟର ଏକ ମୁଗ୍ଧ ଉଚ୍ଚାରଣ। ପରବର୍ତ୍ତୀ ପର୍ଯ୍ୟାୟ ହେଉଛି ଦେହଧର୍ମ। ପ୍ରେମର ପ୍ରାଣ



ପ୍ରାଚୁର୍ଯ୍ୟତା ପାଖରେ ଏହା ଅତ୍ୟନ୍ତ ତୁଚ୍ଛ। ଭାରତୀୟ ସଂସ୍କୃତିରେ ସମ୍ଭୋଗରେ ନୁହେଁ, ବିପ୍ରଲମ୍ଭର ବିଶ୍ୱସନୀୟତାରେ ମୁଦ୍ରିତ ପ୍ରେମର ମହନୀୟତା। ଶେଷହୀନ ବିରହ, ବାଧା ଓ ବେଦନା ଭିତରେ ଶୁଦ୍ଧ ସୁବର୍ଣ୍ଣ ପରି ଝଲସି ଉଠେ ପ୍ରାଣର ଉଚ୍ଛ୍ୱାସ। ପ୍ରେମର ଉପସ୍ଥିତିଠାରୁ ତା'ର ଅବର୍ତ୍ତମାନ ଅଧିକ ବୈଚିତ୍ର୍ୟମୟ, ଯା'ର ଅନେକ ଚିତ୍ର ପ୍ରତିଫଳିତ ହୋଇଛି ଆମ ସାହିତ୍ୟ, ଇତିହାସ ଓ କିମ୍ବଦନ୍ତୀରେ। ରାଧା-କୃଷ୍ଣ, ହର-ପାର୍ବତୀ, ରାମ-ସୀତା, ରତି-କାମଦେବ, ସାବିତ୍ରୀ-ସତ୍ୟବାନ, ଦୁଷ୍ମନ୍ତ-ଶକୁନ୍ତଳା, ପୃଥ୍ୱୀରାଜ-ସଂଯୁକ୍ତା, ମମତାଜ୍-ଶାହାଜାହାନ୍ ଓ କେଦାର-ଗୌରୀ ଆଦି ପ୍ରେମ କାହାଣୀ ତା'ର ଏକ ଏକ ଉଦାହରଣ।

ଭାରତୀୟ ମୂଲ୍ୟବୋଧରେ ପ୍ରେମ ଶାଶ୍ୱତ, ଯାହା ମାନବ ଜୀବନର ସର୍ବୋତ୍ତମ ସତ୍ୟର ଭାବସତ୍ତା। ଆମ ବିଶ୍ୱାସରେ ପ୍ରେମ ଏକ ମହାଜାଗତିକ ଶକ୍ତି, ଯେଉଁ ଶକ୍ତି ଦ୍ୱାରା ନିୟନ୍ତ୍ରିତ ହୁଏ ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ କ୍ରିୟାକଳାପ। ପ୍ରେମରେ ପ୍ରାଣ ଉଦ୍‌ବେଳିତ ହେଲେ ଭୀରୁ ହୋଇଯାଏ ସାହସୀ ଏବଂ ପଙ୍ଗୁ ଲଂଘିଯାଏ ଗିରି। ଜଗତ ଓ ଜୀବନକୁ ବୁଝିବା ପାଇଁ ଖୋଲିଯାଏ ଦିବ୍ୟ ଚକ୍ଷୁ। ପ୍ରେମର କୋମଳ ସ୍ପର୍ଶରେ ପାଷାଣ ହୃଦୟରେ ଉଦୟ ହୁଏ କବିତ୍ୱ। ସେଥିପାଇଁ ବସ୍ତୁ ଜଗତର ହଜାରେ ଅଭାବ ସତ୍ତ୍ୱେ ନିଜକୁ ଧନୀ ସୌଦାଗର ମନେକରେ ପ୍ରେମମନସ୍କ ମଣିଷ।

ବିଶ୍ୱକବି ରବୀନ୍ଦ୍ରନାଥଙ୍କ ମତରେ, ପ୍ରେମ ଏକ ଅନ୍ତହୀନ ରହସ୍ୟ, ଯାହା କେହି କାହାକୁ ବୁଝେଇ ପାରେନି ଭାଷାରେ। ସ୍ୱାମୀ ବିବେକାନନ୍ଦ କୁହନ୍ତି- ଜୀବନର ସବୁ ସତ୍ୟ ଓ ସନ୍ତୋଷର ଚାବିକାଠି ହେଉଛି ପ୍ରେମ। ଏହା ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଆଧାରଶିଳା। ଯେଉଁଠି ପ୍ରେମ, ସେଇଠି ଜ୍ଞାନ ଓ ପବିତ୍ରତା। ଯେଉଁଠି ପ୍ରେମ, ସେଇଠି ବାଧ୍ୟବାଧକତା ଓ କର୍ତ୍ତବ୍ୟ ନିଷ୍ଠା। ଏ ପୃଥିବୀ ହେଉଛି ପ୍ରେମର ପୃଥିବୀ। ଏଠି ଶିଶୁଟିଏ ଜନ୍ମ ହେବା ମାତ୍ରେ ତା' ଭିତରେ ଜନ୍ମଦାତ୍ରୀ ପ୍ରତି ଭରିଯାଏ ଭଲ ପାଇବା, ଯାହା ଏକ ପ୍ରକୃତିଦତ୍ତ ପ୍ରକ୍ରିୟା। ଥରେ ପ୍ରେମର ପ୍ରବାହ ସୃଷ୍ଟି ହେଲେ ମଣିଷ ବିନୀତ ହୋଇଯାଏ ଓ ତା' ଭିତରୁ ଦୂରେଇ ଯାଏ ଯାବତୀୟ ନକାରାତ୍ମକ ଭାବନା। ସେଥିପାଇଁ ପ୍ରେମର ଭାବ ଜଗତରେ ନଥାଏ ଶତ୍ରୁତାର ବିଚାର ଓ ବିଭେଦ। ପ୍ରେମ କେବେ ଦେହର କ୍ଷୁଧା ନୁହେଁ, ଏହା ଏକ ସମ୍ବେଦନାତ୍ମକ ବିଷୟ। ଉର୍ଦ୍ଧ୍ୱାୟିତ ଚେତନା। ସଂଯମ, ଶୃଙ୍ଖଳା ଓ ଉତ୍ସର୍ଗୀକୃତ ଭାବନା ତା'ର ଉପସର୍ଗ। ବିଶ୍ୱସନୀୟତା ତା'ର ଅସଲ ଶକ୍ତି। ହୃଦୟର ଏହି ଉଷ୍ମ ଆବେଗକୁ ଯେଉଁଠି ଯୌବନର ବିଭ୍ରାନ୍ତି ଓ ବିଭ୍ରାଟ ଲୁଟିନିଏ, ସେଠାରେ ସ୍ୱର୍ଗୀୟ ଅନୁବନ୍ଧନରୁ ବିଚ୍ଛିନ୍ନ ହୁଏ ପ୍ରେମ। ହରେଇ ବସେ ତାର' ମୌଳ ପ୍ରବଣତା। ଏହି ଦୃଷ୍ଟିରୁ ପ୍ରେମ ଦିବସ ପାଳନ ଏଠି ସ୍ୱର୍ଗିତ ଆନ୍ତରିକତାର ପ୍ରତିବେଦନ ନୁହେଁ, ବରଂ ଦେହଭୋଗୀ ଲାଳସା ଚରିତାର୍ଥ କରିବାର ଏକ ଉପାୟ।

ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଆସିଲାରେ ପ୍ରେମ ଋତୁ



ନିର୍ମଳ କୁମାର ରଣା

ସଭ୍ୟତାର ଇତିହାସ ଯେତେ ପୁରୁଣା, ପ୍ରେମର ଧାରଣା ସେତେ ପ୍ରାଚୀନ। ଯୁଦ୍ଧ, ଶାସନ, ଅର୍ଥନୀତି ଓ ଧର୍ମ ମାନବ ସମାଜକୁ ଗଢ଼ିଥିଲା ବେଳେ ପ୍ରେମ ମନୁଷ୍ୟକୁ 'ମନୁଷ୍ୟ' ରୂପେ ଚିହ୍ନଟ କରାଇଛି। ଫେବୃଆରୀ ମାସ ସହ ଆସୁଥିବା ଭାଲେଣ୍ଟାଇନ ସପ୍ତାହ ବା ପ୍ରେମ ସପ୍ତାହ କେବଳ ଏକ ଆଧୁନିକ ଉତ୍ସବ ନୁହେଁ; ଏହା ପ୍ରେମ, ସମ୍ପର୍କ, ମୂଲ୍ୟବୋଧ ଓ ସାମାଜିକ ଚେତନାର ଏକ ଗଭୀର ପ୍ରତିଫଳନ। 'ଆସିଲାରେ ପ୍ରେମ ଋତୁ'- ଏହି ଧାରଣା ଆଜି ଆମକୁ ପୁନଃଚିନ୍ତନ କରିବାକୁ ବାଧ୍ୟ କରୁଛି ଯେ ପ୍ରେମ କ'ଣ, ଏହାର ସୀମା କେଉଁଠି ଓ ଆଧୁନିକ ସମାଜରେ ଏହାର ଅର୍ଥ କ'ଣ ? ମନୋବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଜୈବ ବିଜ୍ଞାନର ଅଧ୍ୟୟନ ଦର୍ଶାଏ ଯେ ମନୁଷ୍ୟର ଭାବାନୁଭୂତି ଋତୁ ପରିବର୍ତ୍ତନ ସହିତ ଗଭୀର ଭାବେ ସଂପୃକ୍ତ। ଶୀତ ଋତୁ ପରେ ବସନ୍ତ ଆସିଲେ ଦେହରେ ସେରୋଟୋନିନ୍ ଓ ଡୋପାମିନ୍ ଭଳି 'ହାପି ହର୍ମୋନ୍'ର ସ୍ରାବ ବଢ଼େ, ଯାହା ଆନନ୍ଦ, ଆଶା ଓ ସମ୍ପର୍କ ପ୍ରତି ଆକର୍ଷଣକୁ ବୃଦ୍ଧି କରେ। ସେଇଥିପାଇଁ ହିଁ ବିଶ୍ୱର ପ୍ରାୟ ସମସ୍ତ ସଭ୍ୟତାରେ ବସନ୍ତକୁ ପ୍ରେମ, ପୁନର୍ଜୀବନ ଓ ସୃଜନଶୀଳତାର ଋତୁ ଭାବେ ଦେଖା ଯାଇଛି। ଭାରତୀୟ ପରମ୍ପରାରେ ବସନ୍ତ ପଞ୍ଚମୀ, ମଦନୋତ୍ସବ, ହୋଲି- ସବୁଠାରେ ପ୍ରେମ ଓ ଆନନ୍ଦର ସମ୍ମେଳନ ଦେଖାଯାଏ। ଭାଲେଣ୍ଟାଇନ ଡେ ଏହି ପ୍ରାକୃତିକ-ମାନସିକ ପ୍ରବୃତ୍ତିର ଏକ ଆଧୁନିକ ଆନୁଷ୍ଠାନିକ ରୂପ।

ଐତିହାସିକ ତଥ୍ୟ ଅନୁସାରେ, ସେଣ୍ଟ ଭାଲେଣ୍ଟାଇନ ଥିଲେ ତୃତୀୟ ଶତାବ୍ଦୀର ରୋମ ସାମ୍ରାଜ୍ୟର ଜଣେ ଖ୍ରୀଷ୍ଟିୟ ପାଦ୍ରୀ। ଖ୍ରୀଷ୍ଟାବ୍ଦ ୨୬୮-୨୬୯ ସାଲ ସମୟରେ ରୋମ୍ ସାମ୍ରାଟ କ୍ଲଡିଅସ-୨ ଯୁବକମାନଙ୍କ ପାଇଁ ବିବାହକୁ ନିଷେଧ କରିଥିଲେ, କାରଣ ବିବାହିତ ପୁରୁଷମାନେ ସେନାରେ ଯିବାକୁ ଅନାଗ୍ରହୀ ହେଉଥିଲେ କିମ୍ବା ବିବାହ କଲେ ସେମାନେ ପରାକ୍ରମୀ କିମ୍ବା ଶକ୍ତିଶାଳୀ ହୋଇ ପାରିବେ ନାହିଁ। ଭାଲେଣ୍ଟାଇନ ଏହି ରାଜ୍ୟ ଆଦେଶକୁ ମାନବିକ ଓ ନୀତିଗତ ଭାବେ ଅନ୍ୟାୟ ଭାବି ଗୋପନରେ ଯୁବ ପ୍ରେମୀ ଯୁଗଳଙ୍କ ବିବାହ କରାଇ ଥିଲେ। ଏହି କାରଣରୁ ସେ ଖ୍ରୀଷ୍ଟାବ୍ଦ ୨୬୯ରେ ଗିରଫ ହେଲେ ଏବଂ ରୋମ୍‌ରେ କାରାବନ୍ଦୀ ହେଲେ। ରାଜ୍ୟ ଆଦେଶ ଉଲ୍ଲଙ୍ଘନ, ଯୁବକମାନଙ୍କୁ ବିବାହ କରିବାକୁ ପ୍ରୋତ୍ସାହିତ କରିବା ଏବଂ ଦେଶଦ୍ରୋହୀ କାର୍ଯ୍ୟ ପରି ତିନୋଟି ଅଭିଯୋଗରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଗଲା। ଶେଷରେ ୧୪ ଫେବୃଆରୀ, ଖ୍ରୀଷ୍ଟାବ୍ଦ ୨୬୯ (କିଛି ଇତିହାସକାରଙ୍କ ମତାନୁସାରେ ୨୭୦) ତାରିଖରେ ତାଙ୍କୁ ହତ୍ୟା (ଶିରଚ୍ଛେଦ) କରାଯାଇଥିଲା। ଭାଲେଣ୍ଟାଇନଙ୍କ ଏହି ସହିଦ ହେବାର ପ୍ରେମକୁ କେବଳ ଏକ ବ୍ୟକ୍ତିଗତ ଭାବନା ନୁହେଁ, ବରଂ ରାଷ୍ଟ୍ରର ଅନ୍ୟାୟ ବିରୋଧରେ ଏକ ନୀତିଗତ ପ୍ରତିରୋଧର ରୂପ ଦେଲା। ସେହି କାରଣରୁ ୧୪ ଫେବୃଆରୀ ଆଜି ପ୍ରେମ ଉତ୍ସବର ତାରିଖ ହେବା ସହିତ ଇତିହାସରେ ପ୍ରେମ ପାଇଁ ଦିଆ ଯାଇଥିବା ଏକ ମୂଲ୍ୟବାନ ଜୀବନର ସ୍ମୃତି ଭାବେ ଅମର ହୋଇ ରହିଛି। ପରବର୍ତ୍ତୀ କାଳରେ ଖ୍ରୀଷ୍ଟିୟ ଚର୍ଚ୍ଚ ଏହି ଦିନକୁ ପ୍ରେମ ଓ ତ୍ୟାଗର ପ୍ରତୀକ ଭାବେ ଗ୍ରହଣ କଲା।

ବିଶ୍ୱରେ 'ଭାଲେଣ୍ଟାଇନ ଡେ' କ୍ରମେ ଭାଲେଣ୍ଟାଇନ ସପ୍ତାହର ରୂପ ନେଇଛି। ରୋଜ୍ ଡେ, ପ୍ରପୋଜ୍ ଡେ, ଚକୋଲେଟ୍ ଡେ, ଟେଡି ଡେ, ପ୍ରମିଜ୍ ଡେ, ହଗ୍ ଡେ ଓ କିସ୍ ଡେ- ପ୍ରତ୍ୟେକ ଦିନ ପ୍ରେମର ଭିନ୍ନ ଭିନ୍ନ ମାନସିକ ଅଭିବ୍ୟକ୍ତିକୁ ଦର୍ଶାଏ। ସାମାଜିକ ବିଜ୍ଞାନୀମାନଙ୍କ ମତରେ, ଏହି ସପ୍ତାହ ଯୁବ ପିଢ଼ି ପାଇଁ ଭାବନାକୁ ଭାଷା ଦେବାର ଏକ ସାଧନ। ଯେଉଁଠାରେ ପାରମ୍ପରିକ ସମାଜରେ ପ୍ରେମ ଅନେକ ସମୟ ଅନୁଚ୍ଚାରିତ ଥାଏ, ସେଠାରେ ଭାଲେଣ୍ଟାଇନ ସପ୍ତାହ ଏକ ମୁକ୍ତ ଅଭିବ୍ୟକ୍ତିର ମଞ୍ଚ ସୃଷ୍ଟି କରେ ଏବଂ ଭାରତୀୟ ସଂସ୍କୃତିରେ ପ୍ରେମକୁ କେବଳ ଦେହଜ ଆକର୍ଷଣ ଭାବେ ନୁହେଁ, ବରଂ ଜୀବନର ଏକ ଦାର୍ଶନିକ ଆବଶ୍ୟକତା ଭାବେ ଦେଖାଯାଇଛି। ପୁରୁଷାର୍ଥ ଚତୁଷ୍ଟୟ- ଧର୍ମ, ଅର୍ଥ, କାମ, ମୋକ୍ଷ- ମଧ୍ୟରେ 'କାମ' ଅର୍ଥାତ୍ ପ୍ରେମ ଓ ଆନନ୍ଦକୁ ସ୍ୱୀକୃତି ଦିଆଯାଇଛି। କାମସୂତ୍ର କେବଳ ଶାରୀରିକ ସମ୍ପର୍କର ଗ୍ରନ୍ଥ ନୁହେଁ; ଏହା ସମ୍ପର୍କ, ସମ୍ମାନ, ସମତା ଓ ଦାୟିତ୍ୱର ଏକ ସାମାଜିକ ଶାସ୍ତ୍ର। ଜୟଦେବଙ୍କ ଗୀତଗୋବିନ୍ଦ, ବିଦ୍ୟାପତିଙ୍କ ପଦାବଳୀ, ଓଡ଼ିଆ ଭକ୍ତି ସାହିତ୍ୟ- ସବୁଠାରେ ପ୍ରେମ ଆତ୍ମା ଓ ପରମାତ୍ମାର ମିଳନ ଭାବେ ପ୍ରକାଶିତ।



ଶାସ୍ତ୍ରୀୟ ଭାବେ ବିଚାର କଲେ, ପ୍ରେମ କେବଳ ବ୍ୟକ୍ତିଗତ ଅନୁଭୂତି ନୁହେଁ; ଏହା ପରିବାର ଓ ସମାଜର ମୂଳ ଆଧାର। ମା' ବାପାଙ୍କ ସ୍ନେହ, ଶିକ୍ଷକଙ୍କ ମମତା, ସମାଜ ପ୍ରତି ସହାନୁଭୂତି- ସବୁ ପ୍ରେମର ଭିନ୍ନ ରୂପ।

ଭାଲେଣ୍ଟାଇନ୍ ସପ୍ତାହ ଯଦି ଏହି ବିସ୍ତୃତ ଅର୍ଥରେ ପ୍ରେମକୁ ବୁଝାଏ, ତେବେ ଏହା ସମାଜକୁ ଅଧିକ ସହିଷ୍ଣୁ ଓ ମାନବିକ କରି ପାରିବ। ଆଧୁନିକ ସମାଜରେ ଭାଲେଣ୍ଟାଇନ ସପ୍ତାହ ଉପରେ ସବୁଠାରୁ ବଡ଼ ଅଭିଯୋଗ ହେଉଛି ତାହାର ବାଣିଜ୍ୟିକତା। ବହୁ ଗବେଷକ ମନେ କରନ୍ତି ଯେ ବର୍ତ୍ତମାନର ବଜାର ପ୍ରେମକୁ ଏକ ପଦାର୍ଥରେ ପରିଣତ କରି ଦେଇଛି ଏବଂ ଉପହାର ମାପଦଣ୍ଡ ହୋଇ ଯାଇଛି ପ୍ରେମର ଗଭୀରତା। ଏହା ସହିତ ଅନ୍ୟ ପଟେ, ସଂସ୍କୃତିର ନାମରେ ପ୍ରେମ ପ୍ରତି ହିଂସ୍ର ବିରୋଧ ମଧ୍ୟ ଦେଖାଯାଉଛି, ଯାହା ଲୋକତାନ୍ତ୍ରିକ ମୂଲ୍ୟବୋଧ ପାଇଁ ଆପଦଜନକ।

ଗବେଷଣା ଦର୍ଶାଏ ଯେ ଯେଉଁ ସମାଜରେ ସମ୍ପର୍କରେ ସମ୍ମାନ, ସହମତି ଓ ସମତା ରହିଥାଏ, ସେଠାରେ ସାମାଜିକ ହିଂସା କମିଥାଏ। ପ୍ରେମ ତେଣୁ କେବଳ ଭାବନା ନୁହେଁ, ଏକ ନୀତିଗତ ଦାୟିତ୍ୱ। ଫେବୃଆରୀ ସହ ଆସୁଥିବା ଏହି ପ୍ରେମ ଋତୁ ଆମକୁ ଏକ ପ୍ରଶ୍ନ ଦିଏ ଯେ ଆମେ ପ୍ରେମକୁ କେବଳ ଉତ୍ସବରେ ସୀମିତ କରିବାକୁ ଚାହୁଁଛୁ ନା ଜୀବନର ମୂଲ୍ୟବୋଧ ଭାବେ ଗ୍ରହଣ କରିବାକୁ ? ଭାଲେଣ୍ଟାଇନ୍ ସପ୍ତାହ ଯଦି ଆମକୁ ସହିଷ୍ଣୁତା, ସମ୍ମାନ ଓ ମାନବିକତାର ଶିକ୍ଷା ଦେଇ ପାରିଲା, ତେବେ ଏହା ସତ୍ୟ ଅର୍ଥରେ 'ପ୍ରେମ ଋତୁ' ହେବ।

ପୁରୁଣାକଟକ, ବୌଦ୍ଧ
ମୋ: ୯୯୩୭୬୬୯୫୫୧

# ପରମ୍ପରା ଓ ପରିବେଶ



ଚିନ୍ତାମଣି ପଣ୍ଡା

ହିନ୍ଦୁ ପରମ୍ପରା ଅନୁଯାୟୀ ମାଘ ମାସର ପୂର୍ଣ୍ଣିମା ଦିନ ଅଗ୍ନି ଉତ୍ସବ ପାଳନ କାହିଁ କେତେ କାଳରୁ ପ୍ରଚଳିତ। ଭାଷାର ଅପଭ୍ରଂଶ ହୋଇ ଏହାକୁ ଅହ୍ୟରା ପୂର୍ଣ୍ଣମୀ ବା ଆଗିପୋଡ଼ା ବୋଲି କୁହାଯାଏ। ସେତେବେଳକୁ ଧାନ କଟା ସରି, ବେଙ୍ଗଳା ପଡ଼ିକି ଧାନ ଅମାରକୁ ଆସି ଯାଇଥାଏ। ନଡ଼ା ପାଳସବୁ ବାଡ଼ିରେ ଗଦା କରି ସାଇତା ସରିଥାଏ। ତେଣୁ ସେଦିନ ସନ୍ଧ୍ୟାରେ ଗ୍ରାମବାସୀମାନେ ନିଜ ନିଜ ଦୁଆରେ କ୍ଷମତା ଅନୁଯାୟୀ ପାଳ ଗୋଛାଟିଏ ରଖି ଦିଅନ୍ତି, ଯାହାକୁ ଯୁବକମାନେ ସଂଗ୍ରହ କରି ଗାଆଁ ଶେଷ ମୁଣ୍ଡରେ ଏକ ଖୋଲା ସ୍ଥାନରେ ନେଇ ଗଦା କରନ୍ତି। ତା' ଉପରେ ପତାକାଟିଏ ପୋତା ଯାଇଥାଏ। ଅଗ୍ନି ଦେବତାଙ୍କ ଶାନ୍ତି ପାଇଁ ନଡ଼ିଆ, ପରିବା, ଘିଅ ଇତ୍ୟାଦି ଆସିଥାଏ। ପୁରୋହିତଙ୍କ ଦ୍ୱାରା ପୂଜା କର୍ମ ସମାପ୍ତି ପରେ ପାଳ ଗଦାରେ ଅଗ୍ନି ସଂଯୋଗ କରାଯାଏ। ବିଶ୍ୱାସ ଥାଏ, ପତାକାଟି ଯେଉଁ ପଟକୁ ଢଳିବ, ପର ବର୍ଷ ସେପଟେ ଭଲ ଧାନ ହେବ। ଏହା ଏକ ପୁରାତନ ପ୍ରଥା। ଅଧୁନା ଗାଆଁମାନଙ୍କରେ ଗୁହାଳ ନାହିଁ କି ଗାଈ ବଳଦ ନାହାନ୍ତି। ଚାଳଘର ବଦଳି ତା' ସ୍ଥାନରେ କୋଠା ଠିଆ ହୋଇଛି। ଲୋକେ ବଳଦ ଚାଷ ଛାଡ଼ି ଟ୍ରାକ୍ଟର ଓ ପାୱାରଟିଲର ଦ୍ୱାରା ଚାଷ କରୁଛନ୍ତି। ଫଳରେ ପାଳ ନଡ଼ାର ଆବଶ୍ୟକତା ନାହିଁ। ଆଗରୁ ଡେଙ୍ଗା କିସମର ଦେଶୀ ଧାନ ଚାଷ କରାଯାଉଥିଲା, ଯାହାକୁ କାଟିବା ପୂର୍ବରୁ ବାଉଁଶ ମଡ଼ାଇ ସିଧା ଶୁଆଇବା ପରେ ମୂଳରୁ କଟା ଯାଉଥିଲା। ଏହାକୁ କଚଡ଼ା କଟା କୁହନ୍ତି। ମୂଳରୁ କାଟିବା ପରେ ଧାନ କେଣ୍ଡାକୁ ସବୁ ଅଗରୁ କାଟିକି ବିଡ଼ା ବନ୍ଧା ଯାଉଥିଲା। ଏହାକୁ କଳେଇ କୁହନ୍ତି। ପରେ ରହି ଯାଇଥିବା ମୂଳ ନଡ଼ାକୁ ବିଡ଼ା ବାନ୍ଧି ଖଳାରେ ଗଦା କରି ବର୍ଷସାରା ବ୍ୟବହାର ପାଇଁ ସାଇତା ଯାଉଥିଲା। ଏବେ କିନ୍ତୁ ଶଙ୍କର କିସମର ଧାନ ଚାଷ ହେଉଥିବାରୁ ଏବଂ ଏହା ବାଙ୍ଗରା ହୋଇଥିବାରୁ ନଡ଼ା ମିଳୁନାହିଁ। ଅନ୍ୟ ପକ୍ଷରେ, କୃଷି ଶ୍ରମିକ ଅଭାବରୁ ଯନ୍ତ୍ର ଦ୍ୱାରା ଧାନକଟା ଓ ଅମଳ ଜମି ଉପରେ ହେଉଛି। କିନ୍ତୁ ଏହି ଯନ୍ତ୍ର ନଡ଼ାକୁ କ୍ଷେତସାରା ଏଣେ ତେଣେ ଫୋପାଡ଼ି ଦେଉଛି। ଫଳରେ ଚାଷୀମାନେ ଏହାକୁ ଘରକୁ ଆଣି ନପାରି ବିଲରେ ପୋଡ଼ି ଦେଉଛନ୍ତି। ଯଦି ପରବର୍ତ୍ତୀ ଫସଲ ମୁଗ କି ବିରି ବୁଣିବାର ଅଛି, ତେବେ ଜମିରୁ ତୁରନ୍ତ ନଡ଼ା ହଟାଇବାକୁ ପଡ଼େ। ଏହିସବୁ କାରଣ ପାଇଁ ଉତ୍ତର ଭାରତ ପରି ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ମଧ୍ୟ ବିଲରେ ନଡ଼ା ପୋଡ଼ି ଦିଆ ଯାଉଛି। ଏହାଦ୍ୱାରା ଖାଲି ଯେ ବାୟୁ ପ୍ରଦୂଷିତ ହେଉଛି, ତା' ନୁହେଁ, ମୃତ୍ତିକାରୁ ଉପକାରୀ ଜୀବମାନଙ୍କ ସଂଖ୍ୟା କମିଯିବାରୁ ବର୍ଷକୁ ବର୍ଷ ଏହା ଉର୍ବରତା ହରାଉଛି। କୁହୁଡ଼ି ହେବା, ରାସ୍ତା ଦେଖା ନଯିବା, ଛୋଟମୋଟ ଦୁର୍ଘଟଣା ତଥା ଶ୍ୱାସ ରୋଗ ଇତ୍ୟାଦି ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ଧୂଆଁର ପ୍ରଭାବ। ଏବେ ଧୀରେ ଧୀରେ ପରିବେଶ ସଚେତନତା ବଢ଼ିଯିବାରୁ ପ୍ରାକୃତିକ ସ୍ଥଳ, ଯଥା ନଦୀ, ଝରଣା, ଜଳ ପ୍ରପାତ ନିକଟରେ ବଣଭୋଜି କରିବାକୁ ସ୍ଥାନୀୟ ଲୋକେ ବିରୋଧ କଲେଣି। ଅତଏବ, ଅନ୍ନଦାତାମାନେ ମଧ୍ୟ ସଚେତନ ହୋଇ ନିମ୍ନ ପ୍ରକ୍ରିୟାଗୁଡ଼ିକୁ ଆପଣେଇଲେ ପ୍ରଦୂଷଣମୁକ୍ତ ଜୀବନଯାପନରେ ସହାୟକ ହୁଅନ୍ତେ। ତାହା ହେଲା- ୧) ଧାନ କଟା ପରେ ଜମିରେ ପଡ଼ି ରହିଥିବା ନଡ଼ା ପାଳସବୁ ବିଡ଼ା ବାନ୍ଧି ବିକ୍ରି କରିଦେବା। ୨) ଏହି ନଡ଼ା ପାଳକୁ ଗଭୀର ଚାଷ କରି ମାଟିରେ ମିଶେଇ ଦେବା। ୩) ନଡ଼ା ପାଳକୁ ସଢ଼ାଇ କମ୍ପୋଷ୍ଟ ଖତ ତିଆରି କରିବା। କାରଣ ଗାଈ ଗୋରୁଙ୍କ ସଂଖ୍ୟା କମିଥିବାରୁ ଗୋବର ଖତ ଏବେ ଦୁଷ୍ପ୍ରାପ୍ୟ। ୪) ରିହାତି ମୂଲ୍ୟରେ ମିଳୁଥିବା ଅତ୍ୟାଧୁନିକ ଧାନକଟା ଓ ଅମଳ ଯନ୍ତ୍ର ଦ୍ୱାରା ନଡ଼ା ପାଳସବୁକୁ ଜମିରେ ନ ଫିଙ୍ଗି ଗୁଣ୍ଡ କରି କାଟି ମାଟିରେ ଆଚ୍ଛାଦନ କରିଦେବା। ୫) ଛତୁଚାଷ ପାଇଁ ଏହି ନଡ଼ାକୁ ବ୍ୟବହାର କରିବା। ୬) କାଗଜ କଳ ଦ୍ୱାରା ଏହି ନଡ଼ାକୁ କଞ୍ଚାମାଲ ଭାବରେ ବ୍ୟବହାର କରିବା। ୭) ନଡ଼ା ଓ ପାଳକୁ ଗୋଖାଦ୍ୟ ହିସାବରେ ବ୍ୟବହାର କରିବା। ୮) ଗାଈ କିମ୍ବା ଛେଳି ଗୁହାଳ ଓ କୁକୁଡ଼ା ଘର ଚଟାଣରେ ଏହାକୁ କାଟି ବିଛେଇବା, ଯଦ୍ଦ୍ୱାରା ଉଷୁମ ରହିବା ସହ ଖତ ପ୍ରସ୍ତୁତ ହୋଇ ପାରିବ। ୯) ବାୟୋଗ୍ୟାସ ପ୍ରସ୍ତୁତିରେ ଏହାର ବହୁଳ ଉପଯୋଗ କରିବା। ୧୦) ଏହାକୁ ବାୟୁନିରୋଧୀ ସ୍ଥାନରେ ଦହନ କରି ମିଳୁଥିବା ଅଙ୍ଗାର, ଯାହାକୁ ବାୟୋଚାର କୁହନ୍ତି, ତାକୁ ସାର ହିସାବରେ ବ୍ୟବହାର କରି ପାରିବା।

ଅତଏବ, ପରିବେଶ ତଥା ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଆମେ ଧାନ, ଗହମ ଚାଷରୁ ବାହାରୁ ଥିବା ନଡ଼ା, ପାଳ ଇତ୍ୟାଦିକୁ କ୍ଷେତରେ ନ ପୋଡ଼ି ଯଦି ବ୍ୟବହାର ଉପଯୋଗୀ କରି ହୁଅନ୍ତା, ତେବେ ଅଚିରେ ଦେଶ ଓ ଦଶର ମଙ୍ଗଳ ଯେ ସାଧିତ ହୋଇ ପାରନ୍ତା, ଏଥିରେ ଲେଶମାତ୍ର ସନ୍ଦେହର ଅବକାଶ ନାହିଁ। ଏଥିପାଇଁ ସରକାରୀ ସହାୟତା ମଧ୍ୟ ଉପଲବ୍ଧ।

ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ
ଭବାନୀପାଟଣା, ମୋ: ୮୧୪୪୦୬୬୦୧୬.

# ମୁଦ୍ରାସ୍ଫୀତି ଓ ଚାଷୀର ସ୍ଥିତି

ଆଧୁନିକ ଅର୍ଥନୀତିରେ ମୁଦ୍ରାସ୍ଫୀତି ହେଉଛି ଏକ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସୂଚକ। ଏହା ଜୀବନ ବଞ୍ଚିବାର ମୂଲ୍ୟରେ ଘଟୁଥିବା ପରିବର୍ତ୍ତନଗୁଡ଼ିକ ସହିତ ଅଭାବକୁ ମାପ କରି ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ରାଜନୀତିକ ଅର୍ଥନୀତି କାର୍ଯ୍ୟକଳାପକୁ ସମ୍ପାଦନ କରିଥାଏ। ଯେ କୌଣସି ପ୍ରକାରର ମୁଦ୍ରାସ୍ଫୀତି କେବଳ ସେତିକି ବେଳେ ହିଁ ଭଲ ହୋଇଥାଏ, ଯେତେବେଳେ ଏହା ଯେଉଁ ପ୍ରକାରର ଡାଟାବେସ୍ ବା ତଥ୍ୟାଧାରରୁ ସଂଗୃହୀତ ହୋଇଥାଏ, ତାହା ଭଲ ହୋଇଥାଏ। ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଭାରତର ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ତଥ୍ୟ ୨୦୧୧-୧୨ରେ ସମ୍ପାଦିତ ଖାଉଟି ବ୍ୟୟ ସର୍ବେକ୍ଷଣ (ସିଇଏସ୍) ଉପରେ ଆଧାରିତ ଥିଲା, ଯାହାକୁ ସ୍ପଷ୍ଟ ଭାବରେ କୁହାଯାଇପାରେ ଯେ ତାହା ପୁରୁଣାକାଳିଆ ହୋଇ ଯାଇଥିଲା, ବିଶେଷକରି ଭାରତ ଭଳି ଏକ ଗତିଶୀଳ ଏବଂ ପରିବର୍ତ୍ତନଶୀଳ ଅର୍ଥନୀତି କ୍ଷେତ୍ରରେ। ତେଣୁ ଆଦର୍ଶଗତ ଭାବରେ ନୂଆ ସର୍ବେକ୍ଷଣଗୁଡ଼ିକ ବହୁ ପୂର୍ବରୁ ପ୍ରକାଶିତ ହେବା ଉଚିତ ଥିଲା। କିନ୍ତୁ ୨୦୧୭-୧୮ ସିଇଏସ୍‌ର ତଥ୍ୟଗୁଡ଼ିକୁ ସରକାର ଚପାଇ ଦେବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତା'ପରେ ମହାମାରୀ କୋଭିଡ୍ ଯୋଗୁଁ ଏକ ନୂଆ ସିଇସି ସମ୍ପାଦନ କରାଯିବାର କାର୍ଯ୍ୟ ବନ୍ଦ ରହିଲା। ବର୍ତ୍ତମାନ ଏହି ଅପେକ୍ଷାର ଅନ୍ତ ଘଟିଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ମୂଳ ବର୍ଷ ୨୦୨୪କୁ ଧରି ଜାନୁଆରୀ ୨୦୨୬ଠାରୁ ଏକ ନୂଆ ସିପିଆଇ ସିରିଜ୍ ପ୍ରକାଶ କରିଛି। ଜାନୁଆରୀ ୨୦୨୬ରେ ହେଡ୍‌ଲାଇନ୍ ମୁଦ୍ରାସ୍ଫୀତି ୨.୭୫ ପ୍ରତିଶତ ରହିଛି। ନୂଆ ସିରିଜ୍‌ରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନଗୁଡ଼ିକ ମଧ୍ୟରେ ରହିଛି, ପୁରୁଣାଗୁଡ଼ିକ ତୁଳନାରେ ନୂତନ ଖାଦ୍ୟ ସାମଗ୍ରୀଗୁଡ଼ିକର ଓଜନରେ ଲଗାତର ହ୍ରାସ ଘଟିବା। ମୋଟାମୋଟି ଭାବରେ ଖାଦ୍ୟ ଏବଂ ପାନୀୟଗୁଡ଼ିକ ପୁରୁଣା ସିରିଜ୍‌ଗୁଡ଼ିକ ଅପେକ୍ଷା ବର୍ତ୍ତମାନ ୩୬.୮ ପ୍ରତିଶତର ଅଂଶ ଲାଭ କରିବେ। ଏହାକୁ ଭାରତର ପ୍ରତିନିଧିତ୍ୱମୂଳକ ପାରିବାରିକ ବ୍ୟବହାରର ପରିବର୍ତ୍ତନ ଧାରାରେ ମିଶ୍ରଣ କରାଯାଇଛି। ନୂଆ ସିରିଜ୍ ମଧ୍ୟ କେତେକ ପଦାର୍ଥକୁ ଏଥି ମଧ୍ୟରେ ସାମିଲ କରିଛି, ଯେଉଁଗୁଡ଼ିକର ଆଗରୁ ପ୍ରତିନିଧିତ୍ୱ କରାଯାଉ ନଥିଲା ଏବଂ ସେହିସବୁ ବଜାରକୁ ସାମିଲ କରିଛି, ଯେଉଁଗୁଡ଼ିକ ଉପସ୍ଥିତିମୂଳକ ହେବା ଅପେକ୍ଷା ଅନ୍‌ଲାଇନ୍‌ରେ କରାଯାଉଛି। ଏହିସବୁ ବିକାଶ ଭାରତୀୟ ଅର୍ଥନୀତିରେ ଘଟୁଥିବା ପରିବର୍ତ୍ତନର ଧାରା ସହିତ ମିଶା ଯାଇଛି।

ଏବେ ଆସିବା ଭାରତୀୟ ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଅପର ପାର୍ଶ୍ୱକୁ, ଯାହା କୃଷି ଓ କୃଷକକୁ ନେଇ ଗଠିତ। ଭାରତ ଡାଲିଜାତୀୟ ଶସ୍ୟଗୁଡ଼ିକର ଉତ୍ପାଦନ କ୍ଷେତ୍ରରେ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ଆତ୍ମନିର୍ଭରଶୀଳ ହୋଇପାରି ନାହିଁ। ତେଣୁ ଏହା ଦେଶର ଚାହିଦାକୁ ମେଣ୍ଟାଇବା ପାଇଁ ଏକ ମିଶ୍ରିତ ଆମଦାନୀ ନୀତି, ମୂଲ୍ୟ ସ୍ଥିରୀକରଣ ଏବଂ ସର୍ତ୍ତମୂଳକ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ କରି ଉପରୋକ୍ତ ଫସଲର ଆହରଣ କରିଥାଏ। ଆମଦାନୀଗୁଡ଼ିକ ହେଉଛି ସର୍ବାଧିକ ସମ୍ବେଦନଶୀଳ, କାରଣ ଗୋଟିଏ ମାତ୍ର କେନ୍ଦ୍ରୀୟ ନିଷ୍ପତ୍ତି ଯେତେବେଳେ ଯୋଗାଣରେ କଷ୍ଟକର ଅବସ୍ଥା ଦେଖାଯାଏ, ତୁରନ୍ତ ତାହା ପାରିବାରିକ ବ୍ୟୟକୁ କମାଇ ଦେଇଥାଏ, ଯାହା ଚାଷୀମାନଙ୍କୁ ଆଘାତ ପ୍ରଦାନ କରିଥାଏ, ଏବଂ ଏକଥା ଜାଣି ଯେ ବଜାରଗୁଡ଼ିକ ସବୁବେଳେ ଅତ୍ୟଧିକ ଯୋଗାଣକୁ ଗ୍ରହଣ କରି ପାରିବ ନାହିଁ। ନିକଟରେ ଆମେରିକା ସହିତ ବାଣିଜ୍ୟ କାରବାରକୁ ନେଇ ଭାରତ ଏକ ଚୁକ୍ତି ସମ୍ପାଦନ କରିଥିବା କଥା ସମସ୍ତେ ଊଣା ଅଧିକେ ଜାଣନ୍ତି। ତେଣୁ ଏବେ ଯେତେବେଳେ ଆମେରିକା କହୁଛି ଯେ ଭାରତ ସହିତ ଏହାର ବାଣିଜ୍ୟ ଚୁକ୍ତି ଭାରତକୁ ଆମେରିକୀୟ ଯୋଗାଣକାରୀମାନଙ୍କଠାରୁ ଡାଲିଜାତୀୟ ଶସ୍ୟ କିଣିବାକୁ ବାଧ୍ୟ କରିବ, ସେତେବେଳେ ଏହାର ଅର୍ଥ ହେଉଛି ଯେ ଭାରତ ଚାଷୀମାନଙ୍କ ସ୍ୱାର୍ଥ ବିରୁଦ୍ଧରେ ଯାଇ ଆମେରିକାରୁ ଆମଦାନୀ କରିବାକୁ ରାଜି ହୋଇଛି। ଏହା ହେଉଛି ରାଜନୀତି ଦୃଷ୍ଟିରୁ ଭାରତରେ ଏକ ସ୍ଥିତି ସୃଷ୍ଟି କରିଛି ଯାହା ୨୦୨୦-୨୧ରେ କୃଷି ଆଇନ ପ୍ରତିବାଦଠାରୁ ଆରମ୍ଭ ହୋଇଛି। ବର୍ତ୍ତମାନ ଏହା ପୁନରୁଦ୍ଧାର ଲାଭ କରିପାରେ।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭାରତର ଡାଲିଜାତୀୟ ଶସ୍ୟ ଉତ୍ପାଦନ ବାର୍ଷିକ ୨.୫ କୋଟି ଟନ୍ ପାଖାପାଖି ରହୁଛି, ଯେତେବେଳେ କି ଏହାର ଚାହିଦା ରହିଛି ପାଖାପାଖି ତିନି କୋଟି ଟନ୍। ଏହି ଅନ୍ତରକୁ ଆମଦାନୀ ଦ୍ୱାରା ଭରଣା କରାଯାଉଛି। ଡାଲିଜାତୀୟ ଶସ୍ୟ ଅଣ-ଶସ୍ୟ ପ୍ରୋଟିନ୍ ଆହାରର ପ୍ରାୟତଃ ଏକ-ଚତୁର୍ଥାଂଶ ହୋଇଥାଏ ଏବଂ ଦେଶର ହାରାହାରି ପାଞ୍ଚ କୋଟି ଚାଷୀ ଏବଂ ସେମାନଙ୍କ ପରିବାରଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଥାଏ। ଧାନ ଓ ଗହମ ଉପରେ ଯେପରି ଏକ ନିର୍ଭରଯୋଗ୍ୟ ଏମ୍‌ଏସ୍‌ପି ରହିଛି, ସେହିପରି ଡାଲିଜାତୀୟ ଶସ୍ୟ ଉପରେ ନାହିଁ। ତା' ସାଙ୍ଗକୁ ଏହି ଶସ୍ୟଗୁଡ଼ିକର ଆହରଣ ବ୍ୟବସ୍ଥା ମଧ୍ୟ ବେଶ୍ ଦୁର୍ବଳ। ଦେଶରେ ବୃଷ୍ଟିପାତ ଉପରେ ନିର୍ଭର କରୁଥିବା ଏହି ଫସଲ ତଥା ଆନ୍ତର୍ଜାତିକ ପ୍ରତିଯୋଗିତାକାରୀମାନଙ୍କ ଅପେକ୍ଷା କମ୍ ଅମଳ ଏହା ପାଇଁ ଅଧିକ ବିପଦ ସୃଷ୍ଟି କରିଥାଏ। ୨୦୧୯ରୁ ୨୦୨୪ ମଧ୍ୟରେ ମୂଲ୍ୟ ସମର୍ଥନ ଯୋଜନା ଅଧୀନରେ ଡାଲିଜାତୀୟ ଫସଲର ସରକାରୀ ଆହରଣ ୨.୯ରୁ ୧୨.୪ ପ୍ରତିଶତ ମଧ୍ୟରେ ରହିଥିଲା। ଅନେକଗୁଡ଼ିଏ ରାଜ୍ୟରେ ମଧ୍ୟ ପର୍ଯ୍ୟାପ୍ତ ସଂଖ୍ୟକ ଆହରଣ କେନ୍ଦ୍ର ନାହିଁ, ଯାହା ଚାଷୀମାନଙ୍କୁ ବ୍ୟକ୍ତିଗତ ବା ଘରୋଇ ବ୍ୟବସାୟୀମାନଙ୍କୁ ସେମାନଙ୍କ ଫସଲ ବିକ୍ରି କରିବାକୁ ବାଧ୍ୟ କରିଥାଏ। ଫଳରେ ଅନେକ ଚାଷୀ ଏମ୍‌ଏସ୍‌ପି ପାଇବାରୁ ବଞ୍ଚିତ ହୋଇଥାନ୍ତି। ପରିଣତି ସ୍ୱରୂପ, ଚାଷୀମାନେ ଡାଲିଜାତୀୟ ଫସଲରେ କମ୍ ନିବେଶ କରିଥାନ୍ତି। ଏବେ ଆମେରିକାଠାରୁ ଡାଲିଜାତୀୟ ଫସଲ ଖର୍ଦ୍ଦି କରାଗଲେ, ଦେଶରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥା ଅଧିକ ଶୋଚନୀୟ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ପୁନଶ୍ଚ, ଏହା ମୁଦ୍ରାସ୍ଫୀତିକୁ ଅଧିକ ପ୍ରୋତ୍ସାହିତ କରିବ। ଅତଏବ, ଯେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାର ଆଉ ଥରେ ଚିନ୍ତା କରିବା ଉଚିତ।

# ପରିବାରର ଚାରି ସୂତ୍ର

ପୁରୁଣା ଲୋକମାନେ କଥା, ଢଗ ଛଳରେ ଅନେକ ଉପଦେଶ ଦେଇ ଯାଇଛନ୍ତି। ସେସବୁ ଭଲ ପାରିବାରିକ ଜୀବନ ପାଇଁ ଗୋଟିଏ ଗୋଟିଏ ସୂତ୍ର ଭଳି। ତାକୁ ଚଳଣିରୁ ବାଦ୍ ଦେଲେ ପରିବାରରୁ ଅସଲ ଶାନ୍ତି ଟିକକ ହଜିଯାଏ। ଦୀର୍ଘ ବର୍ଷ ଧରି ସଂସାର, ପରିବାରକୁ ବୁଝିଥିବା ଟିକିନ ବାବା ସେଦିନ କହିଲେ- 'କେଁ କବାଟ, ମ୍ୟାଉଁ ବିଲେଇ। ପିଢ଼ାରେ ମାଡ଼ଇ ନାଲିଆ ପୋଇ। ସବୁବେଳେ ଆସେ ବୋହୂର ଭାଇ। ସେଇ ଘର କେବେ ଉଧାଏ ନାହିଁ।'

କବାଟ ଘରର ଏକ ଅଙ୍ଗ। ଅନେକଙ୍କ ଘରେ ଦେଖାଯାଏ କବାଟ ବନ୍ଦ କଲାବେଳେ ବା ଖୋଲିଲା ବେଳେ କେଁ କଟର ଶବ୍ଦ କରିଥାଏ। ପୁରୁଣା କାଳର ଲୋକମାନେ କହି ଥାଆନ୍ତି, ଖୋଲିଲା ବେଳେ ବା ବନ୍ଦ କଲାବେଳେ କେଁ କେଁ ଶବ୍ଦ ଘର ପାଇଁ ଅଶୁଭ। ସେ ଘରକୁ ଲକ୍ଷ୍ମୀ ପ୍ରବେଶ କରନ୍ତି ନାହିଁ। ଫଳରେ ଅଶାନ୍ତି ଲାଗି ରହିଥାଏ। ଘରର କବାଟ ଯେତେ ଦାମିକା ହେଉ ବା କମ୍ ଦାମ୍‌ର ହେଉ, କବାଟକୁ ସୁରକ୍ଷିତ ରଖିବା ଦରକାର। କାରଣ କବାଟ ସୁରକ୍ଷିତ ଓ ମଜଭୁତ ରହିଲେ ଘରର ଜିନିଷ ଚୋରମାନଙ୍କ କବଳରୁ ସୁରକ୍ଷିତ ରହି ପାରିବ।

ଘରର ଜିନିଷପତ୍ର ସିନା ଚୋରମାନଙ୍କ ଦାଉରୁ ରକ୍ଷା ପାଇଯାଏ ହେଲେ ଘର ଭିତରେ ଥିବା ଅନ୍ୟ ଏକ ଶତ୍ରୁ ହେଉଛି- ମୂଷା। ମୂଷାମାନଙ୍କୁ ଜବତ କରିବାକୁ ଅନେକ ପରିବାରରେ ଲୋକ ବିରାଡ଼ି ପାଳି ଥାଆନ୍ତି। ବିରାଡ଼ିମାନେ ମଧ୍ୟ ବିଶ୍ୱସ୍ତ ପ୍ରାଣୀ। କେବେକେବେ ମୂଷା ବ୍ୟତୀତ ସାପ ଓ ଅନ୍ୟାନ୍ୟ ଅନିଷ୍ଟକାରୀ ଜୀବଙ୍କୁ ବିରାଡ଼ି ମାରି ଦେଇଥାଏ ବା ଘଉଡ଼ାଇ ଦେଇଥାଏ। ତା' ଦ୍ୱାରା ଉପକାର ତ ନିଶ୍ଚୟ ମିଳିଥାଏ। କିନ୍ତୁ ଅଧିକାଂଶ ସମୟରେ ବିରାଡ଼ି ବିନା କାରଣରେ ବୋବାଇ ଥାଏ। ଏହା ଆଗାମୀ ଦିନରେ ପରିବାର ପ୍ରତି ଅମଙ୍ଗଳର ସୂଚନା ଦେଇଥାଏ।

ଅତୀତରେ ବହୁତ ଚାଳଘର ଥିଲା। ସେ ସମୟରେ କଖାରୁ, ପାଣିକଖାରୁ, ଶିମ୍ବ ଏବଂ ପୋଇ ଭଳି ଲଟାଜାତୀୟ ଗଛ ପିଢ଼ାକୁ ମଡ଼ାଇ ଦିଆ ଯାଉଥିଲା। ପିଢ଼ାରେ ନାଲିଆ ପୋଇ ମାଡ଼ିଲେ ଘର ଉଧାଏ ନାହିଁ ବୋଲି ସେ କାଳର ଲୋକେ କହିଥିଲେ। କାରଣ କଖାରୁ, ଲାଉ, ଶିମ୍ବ, ପାଣିକଖାରୁ ଆଦି ଲଟା ଅପେକ୍ଷା ନାଲିଆ ପୋଇ ମାଡ଼ିବା ଦ୍ୱାରା ଚାଳ ଛପର ଶୀଘ୍ର ନଷ୍ଟ ହୋଇଯାଏ। ଫଳରେ ବର୍ଷା ଦିନେ ଚାଳ ଫୁଟି ଘରେ ପାଣି ପଶେ। ଜିନିଷପତ୍ର ନଷ୍ଟ ହୋଇଥାଏ।

ପରିବାରକୁ ତ ଅନେକ ସମୟରେ ବନ୍ଧୁବାନ୍ଧବ ଆସି ଥାଆନ୍ତି। ସେମାନଙ୍କ ଭିତରେ ବୋହୂର ଭାଇ ମଧ୍ୟ ଅନ୍ୟତମ। କିନ୍ତୁ ସେ ସମୟର ଲୋକେ କହିଛନ୍ତି ବୋହୂର ଭାଇ ଯଦି ବାରମ୍ବାର ଆସିଥାଏ, ତେବେ ଘର ମଧ୍ୟ ଉଧାଏ ନାହିଁ। କାରଣ ଅନ୍ୟମାନଙ୍କ ଦାୟିତ୍ୱ ଛାଡ଼ି ବୋହୂ ନିଜ ଭାଇ ପାଇଁ ବେଶି ସମୟ ଦେଇଥାଏ। ଯଦି ଭାଇର କୁମନ୍ତ୍ରଣାରେ ପରିଚାଳିତ ହୁଏ, ତେବେ ବୋହୂ ତା' ବାପା, ମାଆଙ୍କୁ ଗୁରୁତ୍ୱ ଦେଇ ଶାଶୁ, ଶ୍ୱଶୁରଙ୍କୁ ଅବହେଳା କରିଥାଏ।

ଉପରୋକ୍ତ କଥାଗୁଡ଼ିକ ହୁଏତ କୌଣସି ପ୍ରମାଣସିଦ୍ଧ ହୋଇ ନପାରେ। ମାତ୍ର ଗୋଟିଏ ଶୃଙ୍ଖଳିତ ପାରିବାରିକ ଜୀବନ ପାଇଁ ସହାୟକ ହୋଇଥାଏ।

## ଉପଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ଆଶଙ୍କାରେ ଜିଲ୍ଲାବାସୀ

# କେନ୍ଦ୍ରାପଡ଼ାରେ ଚୋରା ବାଲିର ପାହାଡ଼





**କେନ୍ଦ୍ରାପଡା,୧୩।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡାରେ ବାଲି ମାଫିଆମାନେ ଶହ ଶହ ଟ୍ରିପ୍ ବାଲି ସରକାରୀ ଜାଗାରେ ଗଦେଇ ବିକ୍ରି କରୁଥିବାର ଦେଖିବାକୁ ମିଳିଛି। ହେଲେ ଏପଟେ ଉପଜିଲ୍ଲାପାଳ ଲଘୁ ଖଣିଜ ଦ୍ରବ୍ୟ ଯଥା ବାଲି ଚୋରାଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏକ ସାମ୍ବାଦିକ ସମ୍ମିଳନୀରେ ନିଜର ମତ ରଖିଛନ୍ତି। କେନ୍ଦ୍ରାପଡା ଜିଲ୍ଲାରେ ୨୭ଟି ନଦୀରୁ ବିଭିନ୍ନ ବାଲିଘାଟରେ ପ୍ରାୟ ୩୬ଟି ବାଲି ସୈରାତ ଅଛି। ପ୍ରତିବର୍ଷ ଏହି ବାଲି ସୈରାତଗୁଡିକ ରାଜ୍ୟ ସରକାରଙ୍କ ପକ୍ଷରୁ ନିଲାମ କରାଯାଇ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ ହୁଏ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ବାଲି ସୈରାତ ଗୁଡିକ ନିଲାମ ହେଉନଥିବାରୁ ବାଲି ମାଫିଆମାନେ ଜିଲ୍ଲା ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀ ଅଞ୍ଚଳର ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକଙ୍କୁ ହାତକରି ଚୋରା ବାଲି ଉଠାଇ ଚଡା ଦରରେ ବିକ୍ରି କରୁଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ କାକଟ-ସାନ୍ତସାହି କେନାଲ ରାସ୍ତାର ନସଡିପୁରରେ ଏକ ସରକାରୀ ସ୍ଥାନରେ ଶହ ଶହ ଟ୍ରିପ୍ ହାଇୱା ବାଲି ଗଦା କରାଯାଇ ନୀଳ ପାଲ ଆବରଣ କରି ରଖାଯାଇଛି। ଏହା କେନ୍ଦ୍ରାପଡା ଟାଉନ୍ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଠାରୁ ପ୍ରାୟ ୫୦ ମିଟର ଦୂର ହୋଇଥିବାବେଳେ ତହସିଲ କାର୍ଯ୍ୟାଳୟରୁ ୧ କି.ମି ଏବଂ ଜିଲ୍ଲା କାର୍ଯ୍ୟାଳୟରୁ ଅଧ କିମି ଦୂରରେ ଅବସ୍ଥିତ ଥିଲେ ମଧ ଦୈନିକ ଏହି ରାସ୍ତା ଦେଇ ଜିଲ୍ଲାସ୍ତରୀୟ ଉଚ୍ଚପଦସ୍ଥ ଅଧିକାରୀ ତଥା ଉପଜିଲ୍ଲାପାଳ ଏବଂ ତହସିଲଦାରମାନେ ଯିବା ଆସିବା କରୁଥିଲେ ମଧ ଏହି ଚୋରାବାଲି ପାହାଡ ଉପରେ ନିଶ୍ଚିତ ନଜର ପଡୁଥିବ। ହେଲେ ଖଜୁରୀ ଗଛ ମୂଳରୁ ପାହାଚ ପାହାଚ। ତଳଠାରୁ ସମସ୍ତେ ଉପର ଯାଏଁ ବାଲି ମାଫିଆଙ୍କ ଠାରୁ ଚାନ୍ଦା ନେଇ ଚୋରା ବାଲି ଚାଲାଣକାରୀଙ୍କୁ ସୁଯୋଗ ଦେଉଛନ୍ତି। ଏହି ସରକାରୀ ଜାଗାରେ କିଏ କାହିଁକି କିପରି ଏବଂ କାହା ସାହାସରେ ପ୍ରାୟ ଏକ ଶହ ଟ୍ରିପ୍‌ରୁ ଊର୍ଦ୍ଧ୍ୱ ବାଲି ଜମେଇ ରଖିଛନ୍ତି ତାହା ଜିଲ୍ଲା ପ୍ରଶାସନକୁ ହିଁ ଜଣା। ଖାଲି ନସଡିପୁର ନୁହେଁ ପୌରାଞ୍ଚଳ ଅନ୍ତର୍ଗତ ଏକଣାଖଣ୍ଡି, ଗଣ୍ଡାକିଆ ରାସ୍ତା ନାନୋ ସୋରୁମ୍ ନିକଟ, ସାନ୍ତସାହି, କେନାଲ ବନ୍ଧ, ରାସ୍ତାକଡ ସାରା ଶହ ଶହ ଟ୍ରିପ୍ ବାଲି ଗଦା କରି ବେପାରୀମାନେ ଚୋରା ବେପାର କରୁଛନ୍ତି। ଉପଜିଲ୍ଲାପାଳ ଚୋରା ବାଲି ରୋକିବା ପାଇଁ ଏବଂ ଗଚ୍ଛିତ ଥିବା ଚୋରା ବାଲିକୁ ଜବତ କରିବା ପାଇଁ ବିଭିନ୍ନ ସମୟରେ ତହସିଲଦାର ଏବଂ ଆର୍ଆଇଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇ ଗଚ୍ଛିତ ବାଲିକୁ ଜବତ କରିବାକୁ ଏବଂ ଚୋରା ବାଲି ରୋକିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ଏହା କେବଳ ଲୋକଦେଖାଣିଆ ବୋଲି ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି। ଚୋରାବାଲି ମାଫିଆମାନେ ସିଂହଭାଗ ଅର୍ଥ ଜିଲ୍ଲାର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦେଇ ଅନାୟସରରେ ଚୋରାବାଲି ବେପାର କରିଚାଲିଛନ୍ତି। ବିଭିନ୍ନ ସମୟରେ ଗଣମାଧ୍ୟମରେ ଏହା ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ତାଗିଦ୍ ପରେ ଉପଜିଲ୍ଲାପାଳ ଜିଲ୍ଲାରେ ବାଲି ଚୋରା ଚାଲାଣକାରୀଙ୍କ ଉପରେ କଡା ନଜର ରଖିବାକୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ। ଏହା କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ସମୟ କହିବ। ଏ ନେଇ ଜିଲ୍ଲାବାସୀ ଅପେକ୍ଷା କରିଛନ୍ତି।

## ସଡ଼କ ସୁରକ୍ଷା କମିଟି ବୈଠକ



**ଅନୁଗୁଳ,୧୩।୨/ଏନ୍ଏନ୍ଏସ୍:** ଜିଲ୍ଲା ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅବଦାଲ୍ ମହମ୍ମଦ୍ ଅଖତର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ଜାନୁଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପ୍ରକାର ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ଜାନୁଆରୀ ମାସରେ ଜିଲ୍ଲାରେ ମୋଟ୍ ୪୩ଟି ଦୁର୍ଘଟଣା ଘଟିଥିବାବେଳେ ୧୭ଜଣଙ୍କର ମୃତ୍ୟୁ ଘଟିଛି। ୨୬ଜଣ ଆହତ ହୋଇଛନ୍ତି। ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡି ଚାଲଣ ଯୋଗୁଁ ୧୦୬୨ ଜଣ ଦ୍ରୁତ ଗାଡି ଚାଳନ କରିବା ଯୋଗୁଁ ୯୬୮ ଜଣ, ମଦ୍ୟପାନ କରି ଗାଡି ଚାଳନା ନିମନ୍ତେ ୪୫ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୪୩ ଜଣଙ୍କଠାରୁ ଜୋରିମାନା ଆଦାୟ କରାଯାଇଥିବାବେଳେ ୪୭୮ ଜଣଙ୍କର ଲାଇସେନ୍ସ ରଦ୍ଦ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ , ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର , ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅନୁଗୁଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାରଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ଯାଜପୁର ସାଂସଦଙ୍କ ମାତୃ ବିୟୋଗ



**ରସୁଲପୁର,୧୩।୨/ଏନ୍ଏନ୍ଏସ୍:** ଯାଜପୁର ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରାଙ୍କ ମା' ସରସ୍ୱତୀ ଦେବୀ(୯୦)ଙ୍କ ଗତକାଲି ମଧ୍ୟାହ୍ନରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କର ମର ଶରୀରକୁ ଆଜି ଏକ ଶୋଭାଯାତ୍ରାରେ ଅଣାଯାଇ ସାଂସଦଙ୍କ ପୈତୃକ ବାସଭବନ ରସୁଲପୁର ବ୍ଲକ୍ ଅନ୍ତର୍ଗତ ରାଜେନ୍ଦ୍ରପୁର ଗ୍ରାମର ବ୍ରାହ୍ମଣୀ ନଦୀ ପଠା ସ୍ମସାନରେ ଅନ୍ତେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ସ୍ୱର୍ଗତ ସରସ୍ୱତୀ ଦେବୀଙ୍କ ଅନ୍ତେଷ୍ଟି କ୍ରିୟା ଶୋଭାଯାତ୍ରାରେ ଯାଜପୁର ସାଂସଦ ଶ୍ରୀ ବେହେରାଙ୍କ ସମେତ ତାଙ୍କର ବଡଭାଇ ଯଶୋବନ୍ତ ନାରାୟଣ ବେହେରା, ଯାଜପୁର ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, କୋରେଇ ବିଧାୟକ ଆକାଶ ଦାସ ନାୟକ, ବରୀ ବିଜେପି ବିଧାୟକ ପ୍ରାର୍ଥି ଉମେଶ ଜେନା, ପୂର୍ବତନ ଜିଲ୍ଲା ସଭାପତି ଗୌତମ ରାୟ ଓ ଜଗନ୍ନାଥ ସାମଲ, ବିଜେପି ନେତା କାହ୍ନୁ ଚରଣ ଦାଶ, ପ୍ରଫୁଲ୍ଲ କୁମାର ଗିରି, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କୁମାର ମହାରଣା, ଅନିଲ୍ ରାଉତ, ବିଜେପି ନେତା ତପନ ନନ୍ଦ, ଲକ୍ଷ୍ମୀଧର ପତି, ଫନିନ୍ଦ୍ର ମିଶ୍ର, ମିଥୁନ୍ କୁଣ୍ଡୁ, କାଳନ୍ଦୀ ଚରଣ କଣ୍ଡୁ, ପଦ୍ମ ଲୋଚନ ନାୟକ, ଅକ୍ଷୟ କୁମାର ମିଶ୍ର, ଅବିନାଶ ବେହେରା, ଅଶୋକ ସାହୁ, ପ୍ରଦୀପ ଦାସ, ଦେବକାନ୍ତ ନାୟକ, ରଞ୍ଜନ କୁମାର ଦେଓ ପ୍ରମୁଖ ବହୁ ବିଜେପି ନେତା ଓ କର୍ମୀ ତଥା ଶୋକାକୁଳ ଗ୍ରାମବାସୀମାନେ ଶୋକ ପ୍ରକାଶ କରିବା ସହ ସାମିଲ୍ ହୋଇଥିଲେ। ବଡ଼ପୁଅ ଯଶୋବନ୍ତ ମୁଖାଗ୍ନୀ ଦେଇଥିଲେ।

## ଜନଗଣନାରେ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କ ଆହ୍ୱାନ

**ଯାଜପୁର,୧୩।୨/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲାରେ ଜାତୀୟ ଜନଗଣନା-୨୦୨୭ର ସଫଳ ରୂପାୟନ ପାଇଁ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦ ଏଥିରେ ଅଧ୍ୟକ୍ଷତା କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶାଳୟ, ଓଡିଶା ପକ୍ଷରୁ ଜିଲ୍ଲାର ନୋଡାଲ ଅଧିକାରୀ ଭାବେ ମିଲ୍ଲିତା ଦତ୍ତ, ଉପେନ୍ଦ୍ର କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଡିଲିଙ୍ଗ ଆସିଷ୍ଟାଣ୍ଟ, ତିନି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀମାନେ ଯୋଗଦାନ କରିଥିଲେ। ଜନଗଣନା ଦାୟିତ୍ୱରେ ଥିବା ସହକାରୀ ଜିଲ୍ଲାପାଳ ନିବେଦିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଜନଗଣନା ଭାରତର ୧୬ତମ ଜନଗଣନା ଏବଂ ସ୍ୱାଧୀନତା ପରେ ଅଷ୍ଟମ ଜନଗଣନା ହେବ। ଏହା ଦୁଇଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ହେବ। ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗୃହ ଗଣନା ୨୦୨୬ ମସିହା ଏପ୍ରିଲ ୧୬ ତାରିଖରୁ ୧୫ ମଇ ପର୍ଯ୍ୟନ୍ତ ହେବ। ଏହା ପୂର୍ବରୁ ଏପ୍ରିଲ ୧ରୁ ୧୫ ତାରିଖ ମଧ୍ୟରେ ଜନସାଧାରଣଙ୍କ ପାଇଁ ସ୍ୱ-ଗଣନା ସୁବିଧା ଉପଲବ୍ଧ ରହିବ, ଯାହା ମାଧ୍ୟମରେ ନାଗରିକମାନେ ନିଜ ତଥ୍ୟ ଅନଲାଇନ ୱେବସାଇଟ ଜରିଆରେ ପ୍ରଦାନ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ହେବ ଏବଂ ୧ରୁ ୫ ମାର୍ଚ୍ଚ, ୨୦୨୭ ମଧ୍ୟରେ ରିଭିଜନାଲ ରାଉଣ୍ଡ କରାଯିବ। ମାର୍ଚ୍ଚ ୧, ୨୦୨୭ ରାତି ୧୨ ଟାକୁ ଆଧାର କରି ଏହା କରାଯିବ। ଏହି ଜନଗଣନା ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ କରାଯିବ। ସିଏମ୍ଏମ୍ଏସ୍ ଓ ମୋବାଇଲ ଆପ୍ ମାଧ୍ୟମରେ ଗଣନାକାରୀମାନେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବେ। ଏହାଦ୍ୱାରା ତଥ୍ୟର ସଠିକତା, ସ୍ୱଚ୍ଛତା ଓ ଦ୍ରୁତ ମନିଟରିଂ ସୁନିଶ୍ଚିତ ହେବ। ଏହି ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସାଧାରଣ ଓ ବିବିଧ ବିଭାଗରୁ ଜନଗଣନା ବିଭାଗର ଦାୟିତ୍ୱରେ ଥିବା ବିକାଶ ଦୀପ ତରାଇ, ଧନଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## କନିଷ୍ଠ ଯନ୍ତ୍ରୀ ଓ ପୌର ପ୍ରତିନିଧିଙ୍କ ଗଣ୍ଡଗୋଳ ମାମଲା

# ପୌର କାର୍ଯ୍ୟାଳୟରେ କାର୍ଯ୍ୟ ଠପ୍

**କେନ୍ଦ୍ରାପଡ଼ା,୧୩।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ପୌର ପରିଷଦର କନିଷ୍ଠ ଯନ୍ତ୍ରୀ ଏବଂ ପୌରାଧ୍ୟକ୍ଷାଙ୍କ ପ୍ରତିନିଧିଙ୍କ ମଧ୍ୟରେ ଏକ କାମକୁ ନେଇ ହୋଇଥିବା ଗଣ୍ଡଗୋଳ ଘଟଣା ଟାଉନ ଥାନାରେ ପହଞ୍ଚିଛି। ଉଭୟଙ୍କ ପକ୍ଷରୁ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଘଟଣାରୁ ପ୍ରକାଶ, ଗତ ୧୨ ତାରିଖ ଦିନ କଜଳା ଗ୍ରାମର ଏକ ରାସ୍ତାକାମ ଏବଂ ଶ୍ମଶାନ କାର୍ଯ୍ୟକୁ ନେଇ କନିଷ୍ଠଯନ୍ତ୍ରୀ ବିଶ୍ୱରଞ୍ଜନ ଜେନା ଏବଂ ପୌରପ୍ରତିନିଧି ରଞ୍ଜିତ ସାହୁଙ୍କ ମଧ୍ୟରେ ବଚସା ହୋଇଥିଲା। ଶ୍ରୀଯୁକ୍ତ ସାହୁ କନିଷ୍ଠ ଯନ୍ତ୍ରୀଙ୍କୁ ବିଲ ବିଷୟରେ ପଚାରି ଗାଳିଗୁଲଜ କରିବା ସହିତ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି କନିଷ୍ଠ ଯନ୍ତ୍ରୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ଶ୍ରୀଯୁକ୍ତ ସାହୁଙ୍କୁ କନିଷ୍ଠଯନ୍ତ୍ରୀ ଅପଶବ୍ଦ ବ୍ୟବହାର କରିବା ସହିତ ତୁମେ କିଏ ବୋଲି ମୋତେ ପଚାରିବାକୁ ଓଲଟା ଗାଳିଗୁଲଜ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏ ଘଟଣାକୁ ନେଇ ପୌରକାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ, ଆକାଉଣ୍ଟ ଅନ୍ୟ କନିଷ୍ଠଯନ୍ତ୍ରୀ ଏପରିକି ୬ଜଣ ଅଧିକାରୀ ଭୟରେ ଛୁଟିରେ ରହିଛନ୍ତି। ଫଳରେ ପୌରକାର୍ଯ୍ୟାଳୟର କାର୍ଯ୍ୟ ଠପ୍ ହୋଇଯାଇଛି। ବିଭିନ୍ନ ବିଲ୍ ବାକି ରହିଥିବାବେଳେ ବିଭିନ୍ନ ୱାର୍ଡରେ ଉନ୍ନୟନମୂଳକ କାର୍ଯ୍ୟ ଏକରକମ ବନ୍ଦ ହୋଇଯାଇଛି। ପୌର ଅଧିକାରୀଙ୍କ ଠାରୁ ଆକଉଣ୍ଟ ଏବଂ କନିଷ୍ଠଯନ୍ତ୍ରୀମାନେ ଏକା ସହିତ ଛୁଟିରେ ରହିଥିବାରୁ ବିକାଶ କାର୍ଯ୍ୟରେ ବାଧା ଦେଖାଦେଇଛି। ପୌରାଧ୍ୟକ୍ଷଙ୍କ ପ୍ରତିନିଧିଙ୍କ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତି ଅଶାଳୀନ ବ୍ୟବହାର ଯୋଗୁଁ କର୍ମଚାରୀମାନେ ଭୟଭୀତରେ ଥାଇ ଛୁଟିରେ ରହିଥିବା ନେଇ ଶୁଣିବାକୁ ମିଳିଛି। ପୌରଅଧ୍ୟକ୍ଷାଙ୍କ ପ୍ରତିନିଧିଙ୍କ ଏଭଳି କାର୍ଯ୍ୟକୁ ଦେଖି କର୍ମଚାରୀମାନେ ଛୁଟିରେ ରହିଥିବାରୁ କୌଣସି କାର୍ଯ୍ୟ ହୋଇପାରୁନାହିଁ ବୋଲି ସହରରେ ଆଲୋଚନା ହେବା ସହିତ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ତେଣୁ ଜିଲ୍ଲାପାଳ ପୌରକାର୍ଯ୍ୟାଳୟର ଅଚଳାବସ୍ଥାକୁ ଦୂର କରିବାକୁ ପଦକ୍ଷେପ ନେବାକୁ ପୌରାଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ଚୋରାମଦ ସହ ବ୍ରାଉନ୍‌ସୁଗର ଜବତ, ୫ ଗିରଫ



**କେନ୍ଦ୍ରାପଡ଼ା,୧୩।୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ, ରାଜନଗର ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମଲଡିଆ ଗ୍ରାମର ଗଗନ ସ୍ୱାଇଁ(୪୧)ଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ନରହରି ଗ୍ରାମର ରଜନୀକାନ୍ତ ଦାସ(୩୫)ଙ୍କ ଠାରୁ ୨୫ ଲିଟର ଦେଶୀ ରନ୍ଧା ମଦ, ଗଞ୍ଜା ଗ୍ରାମର ବାସୁଦେବ ନାୟକ(୪୨)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ମଧୁସୁଦନପୁର ଗ୍ରାମର ଜାହିଦ ଖାନ(୩୨)ଙ୍କ ଠାରୁ ୫୦ ଗ୍ରାମର ବ୍ରାଉନ୍‌ସୁଗର, ରାଜନଗର ଗ୍ରାମର ବଳରାମ ସେଠୀ(୪୧)ଙ୍କ ଠାରୁ ୨.୫୬୦ କିଗ୍ରା ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୮୮ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ, ୨.୫୬୦ କିଗ୍ରା ଚୋରା ଗଞ୍ଜେଇ ଓ ୫୦ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିଶ୍ୱଶାନ୍ତି ମହାଯଜ୍ଞରେ କଳସ ଶୋଭାଯାତ୍ରା



**ମାର୍ଶାଘାଇ,୧୩।୨/ଏନ୍ଏନ୍ଏସ୍:** ମାର୍ଶାଘାଇ ବ୍ଲକ୍ ତାଳସଙ୍ଗା ଗ୍ରାମପଞ୍ଚାୟତ ଖମଗାଁସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେସ୍ୱର ମହାଦେବଙ୍କ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଗ୍ରାମର ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ପବିତ୍ର ପୀଠରେ ଆୟୋଜିତ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଗ୍ରାମର ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପବିତ୍ର ଚିତ୍ରୋତ୍ପଳା ନଦୀରୁ ୧୦୮ କଳସର ଜଳକୁ ଏକ ଶୋଭାଯାତ୍ରାରେ ଆଣାଯାଇ ଘଟ ସ୍ଥାପନା କରାଯାଇଥିଲା ଥିଲା। ଗୁରୁବାର ଅଙ୍କୁରାରୋପଣ, ଶୁକ୍ରବାର କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ ଯଜ୍ଞାହୁତି ଓ ଆରତୀ, ଶନିବାର ସୂର୍ଯ୍ୟପୂଜା ଗୋପୂଜା ସହ ରୁଦ୍ରାଭିଷେକ କାର୍ଯ୍ୟକ୍ରମ ଏବଂ ରବିବାର ପୂର୍ଣ୍ଣାହୁତି, ପୂର୍ଣ୍ଣ ଆରତୀ ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ରହିଛି। ଖମାଗାଁର ସମସ୍ତ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହେଉଛି।

## ବ୍ୟବସାୟୀଙ୍କ ଅକାଳ ବିୟୋଗରେ ଶୋକ



**ଯାଜପୁର,୧୩।୨/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ବ୍ୟାସନଗର ସହରର ଜଣାଶୁଣା ବ୍ୟବସାୟ ପ୍ରତିଷ୍ଠାନ ପପୁଲାର ୱାଚ୍ କୋ. ର ପ୍ରତିଷ୍ଠାତା ତଥା କୋରେଇ ବ୍ଲକ ଶଙ୍ଖଚିଲାର ଆନନ୍ଦ ଚନ୍ଦ୍ର ସାହୁ (୭୨)ଙ୍କ ଗୁରୁବାର ରାତିରେ ଦେହାନ୍ତ ହୋଇଛି। ସ୍ୱର୍ଗତ ସାହୁ ଜଣେ ଜନପ୍ରିୟ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଥିଲେ। ବ୍ୟାସନଗରର ବିଭିନ୍ନ ସଂଗଠନ ସହିତ ଜଡ଼ିତ। ଗୋଟିଏ ସମୟରେ ଦିବଙ୍ଗତ ରାଜନେତା ଅଶୋକ ଦାସଙ୍କ ସହଯୋଗୀ ରହି ରାଜନୈତିକ କ୍ଷେତ୍ରରେ କାମ କରିଥିଲେ। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଆଣ୍ଠୁ ଅପରେସନ ହୋଇ ସୁସ୍ଥ ହୋଇ ଆସୁଥିବା ବେଳେ ହୃଦ୍‌ଘାତ ଓ ନିମୋନିଆରେ ପୀଡ଼ିତ ହୋଇଥିଲେ। ୫ଦିନ ପୂର୍ବରୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇ କ୍ରିଟିକାଲ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବାର ରାତି ପ୍ରାୟ ୭.୨୦ ସମୟରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱର୍ଗତ ସାହୁଙ୍କ ଶାଳକ ବରିଷ୍ଠ ସାମ୍ବାଦିକ ତଥା ଏସ୍‌ୟୁଜେ ଓଡ଼ିଶାର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ବିଧବା ପତ୍ନୀ କଲ୍ୟାଣୀ ସାହୁ, ପୁଅ ଜିତେନ୍ଦ୍ର, ଦେବେନ୍ଦ୍ର, ଉପେନ୍ଦ୍ର ଓ ତପନ ସାହୁ, ସମସ୍ତ ବୋହୂ, ସାନଭାଇ ମହେନ୍ଦ୍ର ସାହୁ ସମସ୍ତ ତଥା ପରିବାର ପରିଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ବ୍ୟାସନଗର ସହର ଓ ଶଙ୍ଖଚିଲା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସ୍ୱାମୀ, ସ୍ତ୍ରୀଙ୍କ ଝଗଡ଼ାରେ ୱାରେଣ୍ଟି ଗିରଫ

**କୁଆଖିଆ,୧୩।୨/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ କୃଷ୍ଣପଡ଼ା ଗ୍ରାମର ସରୋଜ ସାମଲ ଆଜି ସିଟି ସେସନ ୨୦୮/୨୩ ୱାରେଣ୍ଟିରେ ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ପ୍ରକାଶ, ସୂର୍ଯ୍ୟମଣୀ ସାମଲଙ୍କ ପୁଅ ସରୋଜ ସାମଲ ଓ ତାଙ୍କ ସ୍ତ୍ରୀ ସହ ମତପାର୍ଥକ୍ୟ କାରଣରୁ ଝଗଡା ହୋଇଥିଲା। ସେହି ସମୟରେ ତାଙ୍କ ସ୍ତ୍ରୀ ସ୍ୱାମୀଙ୍କ ନାମରେ ଅଭିଯୋଗ କରିଥିଲେ। ସେହି ୱାରେଣ୍ଟିରେ ସରୋଜ ସାମଲ ଆଜି ଗିରଫ ହୋଇ କୋର୍ଟଚାଲାଣ ହୋଇଛନ୍ତି। ଏବେ କିନ୍ତୁ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଭଲ ବୁଝାମଣା ହୋଇ ଉଭୟ ଏକାଠି ରହୁଥିଲେ।

## ମା'କୁତାମଚଣ୍ଡୀ ମନ୍ଦିରରୁ ଲୁଟ୍ ଅଭିଯୋଗ

**ନାଉଗାଁ,୧୩।୨/ଏନ୍ଏନ୍ଏସ୍:** ନାଉଗାଁ ଥାନା ଅନ୍ତର୍ଗତ ନାଉଗାଁ ଗ୍ରାମରେ ଥିବା ସର୍ବ ପୁରାତନ ମା' କୁତାମଚଣ୍ଡୀ ମନ୍ଦିରରୁ ଲୁଟ ଅଭିଯୋଗ। ସନ୍ଧାନୀ କୁକୁର ସାହାଯ୍ୟରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ପ୍ରକାଶ, ଆଜି ନାଉଗାଁ ଗ୍ରାମରେ ଥିବା ମା'କୁତାମଚଣ୍ଡୀ ମନ୍ଦିରକୁ ପୂଜକ ଜୟଦେବ ପାଢ଼ୀ ପୂଜା କରିବା ଯାଇଥିବା ସମୟରେ ମନ୍ଦିର ମୁଖ୍ୟ ଦ୍ୱାର ଭଙ୍ଗାଯାଇ ମା'ଙ୍କ ମୁକୁଟ, ରୁପା ଆଖି, ଜିଭ ଓ ପିତ୍ତଳ ସାମଗ୍ରୀ ଲୁଟ ହୋଇଥିବାର ଦେଖିବାକୁ ପାଇଥିଲେ। ଯାହାକୁ ଆଧାର କରି ସେ ଏକ ଲିଖିତ ଅଭିଯୋଗ ନାଉଗାଁ ଥାନାରେ କରିଥିଲେ। ନାଉଗାଁ ପୁଲିସ ଉକ୍ତ ଅଭିଯୋଗ ଅଧାରରେ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାସ୍ଥଳକୁ ଯାଇ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହିତ ଏହି ଘଟଣାକୁ ଆଧାର କରି ୫୧/୨୬ ମାମାଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ ପ୍ରକାଶ କରିଛନ୍ତି।

## ମା' ହିଙ୍ଗୁଳା ଯାତ୍ରା ଓ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି



**ତାଳଚେର,୧୩।୨/ଏନ୍ଏନ୍ଏସ୍:** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦ ସ୍ଥିତ ହିଙ୍ଗୁଳା ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାଳଚେର ଉପଜିଲ୍ଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ବୈଠକ ଆରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ଜେନା ତାଳଚେର ରାଜା ସାହେବ ବିଜୟେନ୍ଦ୍ର ଚନ୍ଦ୍ର ଦେବ, ସ୍ଥାନୀୟ ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଭରତ ଚନ୍ଦ୍ର ସାହୁ, ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଆଲଫା ଜେନାଙ୍କ ସମେତ ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ତଥା ଏମ୍‌ସିଏଲ୍‌ର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଚଳିତ ବର୍ଷ ମା'ଙ୍କ ବାର୍ଷିକ ଯାତ୍ରା ଆସନ୍ତା ମାର୍ଚ୍ଚ ମାସ ୩୧ରୁ ଆରମ୍ଭ ହୋଇ ଅପ୍ରେଲ ୮ରେ ଶେଷ ହେବ ବୋଲି ରାଜଗୁରୁ ପଙ୍କଜ ଲୋଚନ ପତି ପଞ୍ଜିକା ଗଣନା କରି ସ୍ଥିର କରିଥିଲେ। ଟ୍ରଷ୍ଟବୋର୍ଡ ପକ୍ଷରୁ ଏମ୍‌ସିଏଲ୍‌ର ବିଭିନ୍ନ କ୍ଷେତ୍ରକୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯିବା ସହ ଯାତ୍ରା ଆରମ୍ଭର ଯଥେଷ୍ଟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଉପସ୍ଥିତ ଏମ୍‌ସିଏଲ୍‌ର ସମସ୍ତ କ୍ଷେତ୍ରର ମହାପ୍ରବନ୍ଧକମାନେ ମଧ୍ୟ ସମସ୍ତ କାର୍ଯ୍ୟ ଯାତ୍ରା ପୂର୍ବରୁ ସମାପନ କରିବାକୁ ସମ୍ମତି ପ୍ରଦାନ କରିଥିଲେ। ଚଳିତ ବର୍ଷ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଧ୍ୟାନରେ ରଖି ଗାଡ଼ି ପାର୍କିଂ ସ୍ଥଳଠାରୁ ମନ୍ଦିର ଓ ମା ହିଙ୍ଗୁଳାଙ୍କ ଉଭାସ୍ଥଳ ପର୍ଯ୍ୟନ୍ତ ପାଲ ଟେଣ୍ଟ କରାଯିବ। ତାହା ସହିତ ଯାତ୍ରୀମାନଙ୍କ ନିମନ୍ତେ ବିଶ୍ରାମ କକ୍ଷ, ଅସ୍ଥାୟୀ ଶୌଚାଳୟ, ପ୍ରାଥମିକ ସ୍ୱାସ୍ଥ୍ୟ ଉପଚାର କେନ୍ଦ୍ର ଆଦି ନିର୍ମାଣ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଥିଲା। ମନ୍ଦିର ଓ ଉଭାସ୍ଥଳୀରେ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା ଲଗାଯିବା ସହ ସମସ୍ତ କାର୍ଯ୍ୟକଳାପର ନିରୀକ୍ଷଣ କରାଯିବ। ତାହାସହିତ ମନ୍ଦିର ସମ୍ମୁଖ ରାସ୍ତାକୁ ଓସାରିଆ କରାଯିବା ସହ ମନ୍ଦିରକୁ ସଂଯୋଗ ହେଉଥିବା ଅନ୍ୟ ରାସ୍ତାଗୁଡ଼ିକ ଯୁଦ୍ଧକାଳୀନ ଭିତିରେ ମରାମତି କରିବାକୁ ଉପଜିଲ୍ଲାପାଳ ଶ୍ରୀ ଜେନା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ମା ହିଙ୍ଗୁଳାଙ୍କ ପାଟବରୀ ଉତ୍ସବ ହିଙ୍ଗୁଳା ଯାତ୍ରା ଦିନ ଅନୁଷ୍ଠିତ ହେଉଥିବାରୁ ସେଥିପାଇଁ ସ୍ୱତନ୍ତ୍ର ପୂଜାବିଧି କରାଯିବ ବୋଲି ରାଜଗୁରୁ ଶ୍ରୀ ପତି କହିଥିଲେ। ମନ୍ଦିର, ଯାତ୍ରାସ୍ଥଳ,ଉଭାସ୍ଥଳୀରେ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ ପାଇଁ ଏମସିଏଲ, ଟିପିସିଓଡିଏଲକୁ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଅନୁରୋଧ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ

# ମୋ ପାଇଁ ଭକ୍ତର ସନ୍ତୋଷ ...

ମହାପ୍ରଭୁଙ୍କ ଦର୍ଶନ କରାଇବାର ଲକ୍ଷ୍ୟ ରହିଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ୬୦ ରୁ ୭୫ ବର୍ଷ ବୟସ ସୀମା ମଧ୍ୟରେ ଥିବା ବରିଷ୍ଠ ନାଗରିକ ଓ ୭୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ବିଧବା ମା' ମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଉଛି। ଯୋଜନାର ହିତାଧିକାରୀମାନଙ୍କୁ ଏସି ବସରେ ଯାତାୟତ ସହ ପୁରୀ ବୃନ୍ଦାବତୀ ନିବାସରେ ରହଣି ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ଓ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଥରଟିଏ ଶ୍ରୀମନ୍ଦିର ଯାଇ ବାଇଶି ପାହାଚ ଚଢ଼ିବା ପାଇଁ ଜୀବନରେ ସମସ୍ତଙ୍କ ଲକ୍ଷ୍ୟ ଥାଏ। ସାଧାରଣ ଲୋକର ମନର ଭାବନାକୁ ରୂପାନ୍ତରିତ କରି ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ବ୍ୟବସ୍ଥା କରିଛୁ। ଏହି ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଯୋଜନା ବୋଲି ଶ୍ରୀମତୀ ପରିଡ଼ା କହିଥିଲେ। ଏହାଛଡ଼ା ଜିଲ୍ଲାବାସୀଙ୍କ ପାଇଁ ମେଡିକାଲ କଲେଜ ଲାଇଫ୍ ଲାଇନ୍ ହେବ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ତିନି ଦଶନ୍ଧି ତଳେ ଓଡ଼ିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଆଜି ଡବଲ୍ ଇଞ୍ଜିନ ସରକାରରେ ମାତ୍ର ୧୮ ମାସ ମଧ୍ୟରେ ସବୁ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ମେଡିକାଲ୍ କଲେଜ ଖୋଲିବା ପାଇଁ ଆମେ ପଦକ୍ଷେପ ନେଇଛୁ। ୨୦୨୪-୨୫ ରେ ରାଜ୍ୟରେ ୯ଟି ସରକାରୀ ମେଡିକାଲ୍ କଲେଜ ଖୋଲିବା ପାଇଁ ସ୍ଥିରୀକୃତ ହୋଇଛି। ଆମର ଲକ୍ଷ୍ୟ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇଦେବା ସହ ରାଜ୍ୟରୁ ଡାକ୍ତର ଅଭାବ ଦୂର କରିବା। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କେବଳ ସ୍ୱାସ୍ଥ୍ୟସେବା ନୁହେଁ, ଶିକ୍ଷା, ଗମନାଗମନ ଓ କୃଷି ଆଦି ସବୁ କ୍ଷେତ୍ରରେ ବିକାଶ ହେଉଛି। ଏହି ଅବସରରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାଁ, ନବରଙ୍ଗପୁର ବିଧାୟକଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ଜିଲ୍ଲାବାସୀଙ୍କୁ କଥା ଦେଇ କଥା ରଖିଥିବାରୁ ଏବଂ ଜିଲ୍ଲାବାସୀଙ୍କ ବହୁଦିନର ଦାବି ପୂରଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକମନୋହର ରନ୍ଧାରୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, କୋଟପାଡ ବିଧାୟକ ରୂପୁ ଭତ୍ରା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ନବରଙ୍ଗପୁର ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ସମ୍ବଲପୁରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର, ଛତ୍ରପୁରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍ ସ୍ୱାଗତ ଭାଷଣ ଓ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂ ଧନ୍ୟବାଦ ଦେଇଥିଲେ।

# ୪୪୬ କୋଟିର ୧୭୭ ପ୍ରକଳ୍ପ ...

ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରତା କ୍ଷେତ୍ରରେ ଜିଲ୍ଲା ଯେପରି ଶୀର୍ଷ ସ୍ଥାନରେ ପହଞ୍ଚିବ, ସେ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ ପଦକ୍ଷେପ ନେଉଛନ୍ତି। ନବରଙ୍ଗପୁର ରାଜ୍ୟ ରାଜଧାନୀ ଠାରୁ ବହୁ ଦୂରରେ ଥିଲେ ମଧ୍ୟ ବିକାଶ କେବେ ଜିଲ୍ଲା ପାଇଁ ଦୂର ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ।

# ମେଡିକାଲ୍ କଲେଜ ...

କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ୍ କଲେଜ କାର୍ଯ୍ୟକ୍ଷମ ହୋଇଛି। ଏଥିସହିତ ଆଉ ୪ଟି ମେଡିକାଲ୍ କଲେଜ ଆମର ପ୍ରତିଶ୍ରୁତି ଥିଲା। ଆଜି ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଗଲା। ଖୁବ୍ ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ୍ କଲେଜ ସ୍ଥାପନ ହେବ। ରାଜ୍ୟବାସୀଙ୍କୁ ଗୁଣାତ୍ମକମାନର ସ୍ୱାସ୍ଥ୍ୟସେବା ଓ ରାଜ୍ୟରେ ଡାକ୍ତର ଅଭାବ ଦୂର କରିବା ପାଇଁ ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ତାରିକ୍ ରେହମାନ୍ ନୂଆ ...

ଆୟୋଗ ହୁଏତ ଏହି ଦୁଇ ଆସନରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହାନ୍ତି। ରିପୋର୍ଟ ଅନୁସାରେ ବିଏନ୍‌ପିକୁ ସଂଖ୍ୟାଲଘୁ ବିଶେଷକରି ହିନ୍ଦୁ ବହୁଳ ଅଞ୍ଚଳରୁ ସର୍ବାଧିକ ଭୋଟ୍ ମିଳିଛି। ଶେଖ୍ ହସିନାଙ୍କ ଦଳ ଆୱାମୀ ଲିଗ୍‌ର ସମର୍ଥକମାନଙ୍କ ଭୋଟ୍ ମଧ୍ୟ ବିଏନ୍‌ପିକୁ ହିଁ ମିଳିଛି। ସେହିପରି ମୁସଲିମ୍ ବହୁଳ ଅଞ୍ଚଳରୁ ମଧ୍ୟ ମିଶ୍ରିତ ସମର୍ଥନ ବିଏନ୍‌ପି ଖାତାକୁ ଆସିଛି। ବିଏନ୍‌ପି ନେତା ତଥା ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଦିବଂଗତ ଜିଆଉର ରେହମାନ୍‌ଙ୍କ ପୁଅ ତାରିକ୍ ରେହମାନ୍ ଏବେ ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ହେବା ମାର୍ଗ ମଧ୍ୟ ସ୍ପଷ୍ଟ ହୋଇଯାଇଛି। ସେ ବ୍ୟକ୍ତିଗତ ଭାବେ ଦୁଇଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବେଳେ ଦୁଇଟି ଯାକ ଆସନରୁ ବିଜୟୀ ହୋଇଛନ୍ତି। ପ୍ରକାଶ, ଦିନକ ପୂର୍ବେ ଭୋଟିଂ ପ୍ରକ୍ରିୟା ଶେଷହେବା ମାତ୍ରେ ଭୋଟ୍ ଗଣତି ଆରମ୍ଭ ହୋଇଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ର ବିଜୟ ସୁନିଶ୍ଚିତ ହୋଇଯାଇଥିଲା। ୨୦୦୮ରୁ ୨୦୨୪ ପର୍ଯ୍ୟନ୍ତ ଶେଖ୍ ହସିନାଙ୍କ ଦଳ ଆୱାମୀ ଲିଗ୍ ବାଂଲାଦେଶରେ କ୍ଷମତାସୀନ ରହିଥିଲା। ଅର୍ଥାତ୍ ଦୀର୍ଘ ୩୫ ବର୍ଷ ପରେ ବାଂଲାଦେଶକୁ କୌଣସି ପୁରୁଷ ପ୍ରଧାନମନ୍ତ୍ରୀ ମିଳିବାକୁ ଯାଉଛି। ୧୯୮୮ରେ କାଜି ଜାଫର୍ ଅହମ୍ମଦ ଶେଷଥର ପାଇଁ ବାଂଲାଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ତାଙ୍କ ପରେ ୧୯୯୧ରୁ ୨୦୨୪ ମଧ୍ୟରେ ଶେଖ୍ ହସିନା ଏବଂ ଦିବଂଗତ ବିଏନ୍‌ପି ଅଧ୍ୟକ୍ଷା ଖାଲିଦା ଜିଆଉର୍ ରେହମାନ୍ ପ୍ରଧାନମନ୍ତ୍ରୀ ଭାବେ ବାଂଲାଦେଶକୁ ଶାସନ କରିଥିଲେ। ଏହି ଦୁଇ ମହିଳାଙ୍କ ସମୟ ମଧ୍ୟରେ ଅନ୍ୟ କେହି ପ୍ରଧାନମନ୍ତ୍ରୀ ହୋଇପାରିନଥିଲେ। ବିଏନ୍‌ପିର ଏହି ବୃହତ୍ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ତାରିକ୍ ରେହମାନ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ଦିନରେ ଭାରତ-ବାଂଲାଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଆସିବା ଆଶା ପୋଷଣ କରିଛନ୍ତି ମୋଦୀ। ମୋଦୀ ନିଜ ଏକ୍ସ' ପୋଷ୍ଟରେ ଲେଖିଛନ୍ତି, ବାଂଲାଦେଶର ସଂସଦୀୟ ନିର୍ବାଚନରେ ବିଏନ୍‌ପିର ନିର୍ଣ୍ଣାୟକ ବିଜୟ ପାଇଁ ତାରିକ ରେହମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଏହି ବିଜୟ ତାରିକ୍‌ଙ୍କ ନେତୃତ୍ୱ ପ୍ରତି ବାଂଲାଦେଶର ଲୋକଙ୍କ ବିଶ୍ୱାସକୁ ଦର୍ଶାଉଛି। ଭାରତ ଏକ ଗଣତାନ୍ତ୍ରିକ, ପ୍ରଗତିଶୀଳ ଏବଂ ଅନ୍ତର୍ଭୁକ୍ତ ବାଂଲାଦେଶର ସମର୍ଥନରେ ସଦାସର୍ବଦା ଛିଡା ହେବ। ଦ୍ୱିପାକ୍ଷିକ ବହୁମୁଖୀ ସମ୍ପର୍କକୁ ସୁଦୃଢ଼ କରିବା ତଥା ସାଧାରଣ ବିକାଶ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀଙ୍କ ସହ ମିଳିତ କାମ କରିବାକୁ ସେ (ମୋଦୀ ନିଜେ) ଅପେକ୍ଷା କରିଛନ୍ତି। ଅନ୍ୟପକ୍ଷେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଫୋନ୍ କରି ତାରିକ୍ ରେହମାନ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମମତା, ତାରିକ୍‌ଙ୍କୁ ଭାଇ ବୋଲି ସମ୍ବୋଧନ କରିଛନ୍ତି।

# ଖଡ଼ଗେ ଉଠାଇଲେ ...

ସଭାପତି ପ୍ରଶାନ୍ତ କୁମାର ରାଉତ, ଜିଲ୍ଲା ସାଧାରଣ ସଂପାଦକ ଦାମୋଦର ବିଶ୍ୱାଳ, ସଂପାଦକ ନାଗେଶ୍ୱର ସାହୁ, କର୍ମୀ ଶୁଶୀଳ ପ୍ରଧାନ, ନିରଞ୍ଜନ ବାରିକ, ପ୍ରଭାତ ସାମନ୍ତରାୟ ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି କର୍ମୀ ଲିଜାରାଣୀ ପାଣ୍ଡବ ଓ ସହାୟିକା ଶର୍ମିଷ୍ଠା ସେଠୀଙ୍କ ସହ ଆଲୋଚନା କରିଥିଲେ। ସବୁକଥା ଜାଣିବା ପରେ ଗ୍ରାମବାସୀମାନଙ୍କୁ ଏହି ଘଟଣାର ସମାଧାନ କରିବାକୁ ନିବେଦନ କରିଥିଲେ। ସୂଚନା ଥାଉକି ୨୦୨୫ ନଭେମ୍ବର ୨୦ତାରିଖରେ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଦଳିତ ଯୁବତୀ ଶର୍ମିଷ୍ଠା ସେଠୀ ସହାୟିକା ଭାବେ ନିଯୁକ୍ତି ପାଇବା ପରେ ଗାଁ ଲୋକେ ଏହାକୁ ବିରୋଧ କରି ସେବେଠାରୁ ଶୁଖିଲା ଖାଦ୍ୟ ନେଉନାହାନ୍ତି କି ପ୍ରି-ସ୍କୁଲ ପିଲାଙ୍କୁ ଛାଡୁ ନାହାନ୍ତି।

# ପିଏମ୍‌ଓର ନୂଆ ଠିକଣା ...

ଉଚିତ ଯେ ସେହି ଦିନ ସେମାନଙ୍କର କାମ ଲୋକଙ୍କ ପାଇଁ ଜୀବନକୁ ସହଜ କରିବ କି ନାହିଁ। ଏପ୍ରକାର ନାମକରଣ ପ୍ରତ୍ୟେକ କର୍ମଚାରୀ, ଅଧିକାରୀ ତଥା ନେତାମାନଙ୍କୁ ଲୋକମାନଙ୍କ ପ୍ରତି ରହିଥିବା ସେମାନଙ୍କ କର୍ତ୍ତବ୍ୟ ତଥା ସେବା ମନୋଭାବକୁ ସଦାସର୍ବଦା ସ୍ମରଣ କରାଇବ। ତେବେ ସେବା ତୀର୍ଥକୁ ପିଏମ୍‌ଓ ସ୍ଥାନାନ୍ତର ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦିନରେ ହିଁ ୪ ବଡ଼ ନିଷ୍ପତ୍ତି ନେଇଛନ୍ତି। ରିପୋର୍ଟ ଅନୁସାରେ ପ୍ରଥମତଃ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡ ଯୋଜନାକୁ ଅନୁମୋଦନ (ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଲୋକମାନେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦମୁକ୍ତ ଚିକିତ୍ସା ପାଇବେ), ଦ୍ୱିତୀୟରେ ମାର୍ଚ୍ଚ ୨୦୨୯ ସୁଦ୍ଧା ଦେଶରେ ୬ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବା, ତୃତୀୟରେ କୃଷି ଭିତ୍ତିଭୂମି ପାଣ୍ଠିକୁ ଦ୍ୱିଗୁଣିତ କରିବା ପୂର୍ବକ ୨ ଲକ୍ଷ କୋଟିକୁ ବୃଦ୍ଧି କରିବା ଏବଂ ଚତୁର୍ଥ ତଥା ଅନ୍ତିମ ନିଷ୍ପତ୍ତି ଭାବେ ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନାକୁ ବ୍ୟାପକ କରାଯିବା ଭଳି ନିଷ୍ପତ୍ତି ଉପରେ ଆଜି ଦିନରେ ପ୍ରଧାନମନ୍ତ୍ରୀ ସ୍ୱାକ୍ଷର କରିଛନ୍ତି। ଆଜି ପର୍ଯ୍ୟନ୍ତ, ସେଣ୍ଟ୍ରାଲ ଭିସ୍ତା ଅଞ୍ଚଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଏବଂ ସରକାରୀ କାର୍ଯ୍ୟାଳୟ ପୃଥକ ପୃଥକ୍ ପୁରୁଣା କୋଠାରେ କାର୍ଯ୍ୟ କରୁଥିଲେ। ଯାହାକି ଅନେକ ସମସ୍ୟା ସୃଷ୍ଟି କରୁଥିଲା। ତେବେ ନୂତନ କୋଠା ପ୍ରଚଳନ ଦ୍ୱାରା ଏହି ସମସ୍ୟାଗୁଡ଼ିକ ଦୂର ହେବ ବୋଲି ଆଶା କରାଯାଉଛି। ପ୍ରକାଶ, ସେବା ତୀର୍ଥରେ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଏବଂ କ୍ୟାବିନେଟ ସଚିବାଳୟକୁ ସାମିଲ କରାଯାଇଛି। ପୂର୍ବରୁ ଏସବୁ ଅନ୍ୟତ୍ର ତଥା ଦୂର ଦୂର ସ୍ଥାନରେ ରହିଥିଲା। ସେହିପରି କର୍ତ୍ତବ୍ୟ ଭବନ ୧ ଏବଂ ୨ ରେ ଅର୍ଥ, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, କର୍ପୋରେଟ୍ ବ୍ୟାପାର, ଶିକ୍ଷା, ସଂସ୍କୃତି, ଆଇନ ଏବଂ ନ୍ୟାୟ, ସୂଚନା ଏବଂ ପ୍ରସାରଣ, କୃଷି ଏବଂ କୃଷକ କଲ୍ୟାଣ, ରସାୟନ ଏବଂ ସାର ଏବଂ ଆଦିବାସୀ ବ୍ୟାପାର ସମେତ ଅନେକ ପ୍ରମୁଖ ମନ୍ତ୍ରଣାଳୟକୁ ଅନ୍ତର୍ଭୁକ୍ତ କରାଯାଇଛି। ଏସବୁକୁ ଏବେ ଗୋଟିଏ ଛାତ ତଳକୁ ଅଣାଯାଇଛି। ମୋଦୀ ସରକାରଙ୍କ ଦୃଢ଼ ବିଶ୍ୱାସ ରହିଛି ଯେ ଏହି କୋଠାଗୁଡ଼ିକ ଖୋଲିବା ଦ୍ୱାରା ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇବ ଏବଂ ନାଗରିକମାନଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ। ଦେଶର ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ଆଧୁନିକ, ଦକ୍ଷ, ସ୍ୱଚ୍ଛ ଏବଂ ନାଗରିକ-କୈନ୍ଦ୍ରିକ କରିବା ଏହାର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି।

# ରାତ୍ର ୧୧ଟାରେ ଉଠିବ ଧବଳେଶ୍ୱର ମନ୍ଦିରରେ ମହାଦୀପ

**ଖୋର୍ଦ୍ଧା, ୧୩।୨/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗରେ ଥିବା ଶ୍ରୀ ଶ୍ରୀ ଧବଳେଶ୍ୱର ମନ୍ଦିରରେ ମହାଶିବରାତ୍ରି ପର୍ବ ପାଳନ ପାଇଁ ନୀତି ନିର୍ଘଣ୍ଟ କରାଯାଇଛି। ରାତ୍ର ୧୧ଟାରେ ମହାଦୀପ ଉଠିବା ସହିତ ହରିହର ଭେଟ ଦର୍ଶନ ଆରମ୍ଭ ହେବ। ମନ୍ଦିର ଟ୍ରଷ୍ଟି ବଦ୍ରି ନାରାୟଣ ସାହୁଙ୍କ ପୌରହିତ୍ୟରେ ଟ୍ରଷ୍ଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସନ୍ତା ୧୫ତାରିଖ ଦିନ ମହାଶିବରାତ୍ରି ପର୍ବ ସୁଚାରୁରୂପେ ପାଳନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ଭୋର ତିନିଟା ସମୟରୁ ପ୍ରଭୁ ଧବଳେଶ୍ୱରଙ୍କ ପହଡ଼ ଫିଟି ନୀତି କାନ୍ତି ଆରମ୍ଭ ହେବ। ଭୋର ସମୟରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ଚାଲୁ ରହିବ। ମନ୍ଦିର ବେଢ଼ାରେ ପ୍ରତିବର୍ଷ ଭଳି ଦୁଇ ଦିନ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଚାଲୁରହିବ। ରାତ୍ର ୮ ଟାରେ ପରେ ଗମ୍ଭିରା ସଫା କରିବା ସହ ପ୍ରଭୁଙ୍କୁ ନୂତନ ବସ୍ତ୍ର, କେତକୀ ଫୁଲରେ ସୁସଜ୍ଜିତ କରାଯାଇ ବେଢ଼ା ପରିକ୍ରମା କରାଯିବ। ରାତ୍ର ୧୧ଟାରେ ହରିହର ଭେଟ ଆରମ୍ଭ ହେବ। ହରିହର ଭେଟ ପରେ ମହାଦୀପ ଉଠିବ। ବିଶ୍ୱାସ ରହିଛି ମହାଶିବରାତ୍ରୀରେ



ଉଜାଗର ରହି ଧବଳେଶ୍ୱରଙ୍କ ପାଖରେ ଦୀପ ଜାଳି ମହାଦୀପ ଦର୍ଶନ କଲେ ମନୋସ୍କାମନା ପୂର୍ଣ୍ଣ ହୁଏ। ବିଶ୍ୱାସ ଏବଂ ପରମ୍ପରାକୁ ଆଧାର କରି ଦୂର ଦୁରାନ୍ତରୁ ବହୁ ଶ୍ରଦ୍ଧାଳୁ ସନ୍ଧ୍ୟା ସମୟରୁ ଆସି ମନ୍ଦିର ବେଢ଼ାରେ ଉଜାଗର ରହି ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳି ଥାଆନ୍ତି। ଏଥି ପାଇଁ ମନ୍ଦିର ଟ୍ରଷ୍ଟ ପରିଚାଳନା କମିଟି ପକ୍ଷରୁ ବେଢାରେ ଏବଂ ମନ୍ଦିର ଚତୁପାର୍ଶ୍ୱରେ ବସି ଦୀପ ଜାଳିବା ପାଇଁ ସୁବନ୍ଦୋବସ୍ତ ଗ୍ରହଣ କରାଯାଇଛି। ସମସ୍ତଙ୍କ ପାଇଁ ଚଳିତ ବର୍ଷ ପ୍ରସାଦ ବ୍ୟବସ୍ଥା ରହିଛି। ଶ୍ରୀ ଶ୍ରୀ ଧବଳେଶ୍ୱର ମନ୍ଦିର ଟ୍ରଷ୍ଟି, ସେବାୟତଙ୍କ ସହ ବୈଠକ ବସି ମହାଶିବରାତ୍ରୀ ପୂଜା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଟ୍ରଷ୍ଟି ପକ୍ଷରୁ ସଭ୍ୟ ଶୁଭାଂଶୁ ରଂଜନ ସାମନ୍ତରାୟ, ମଳୟେଶ ପ୍ରଧାନ, ବସନ୍ତ କୁମାର ମହାପାତ୍ର, ସେବାୟତ ସଂଘର ସଭାପତି ତ୍ରିନାଥ ମହାପାତ୍ର ପ୍ରମୁଖ ଧବଳେଶ୍ୱର ଦେବଙ୍କ ମହାଶିବରାତ୍ରି ପର୍ବ ପାଳନ ପାଇଁ ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ପୌର ପ୍ରଶାସନଙ୍କ ସହ ଆଲୋଚନା କରି ସେମାନଙ୍କ ସହଯୋଗ କାମନା କରିଛନ୍ତି।

## ବାସୁଦେବପୁରରେ ଜୋନ୍‌ସ୍ତରୀୟ ଜଣଶୁଣାଣି

**ମାହାଙ୍ଗା, ୧୩।୨/ଏନ୍ଏନ୍ଏସ୍:** ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ବାସୁଦେବପୁର ପଞ୍ଚାୟତ ସ୍ଥିତ ବାସୁଦେବପୁର ହାଇସ୍କୁଲ ଖେଳପଡିଆ ଠାରେ ଜୋନ୍‌ସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ବ୍ଲକର ୩୯ ନଂ ଜୋନର ୯ଟି ପଞ୍ଚାୟତ ଓ ୪୦ ନଂ ଜୋନର ୧ଟି ପଞ୍ଚାୟତର ମୋଟ ୬୪୭ଟି ଅଭିଯୋଗର ଜନଶୁଣାଣୀ କରିଛନ୍ତି। କାର୍ଯ୍ୟକ୍ରମରେ ଭତା ୧୧୪,ଆବାସ ଯୋଜନା ୩୦୩, ରାସନ କାର୍ଡ ୧୦୨ ଓ ଅନ୍ୟାନ୍ୟ ୧୨୮ଟି ଅଭିଯୋଗର ଜନଶୁଣାଣି କରାଯାଇ ଥିଲା। କାର୍ଯ୍ୟକ୍ରମରେ ଜନସାଧାରଣ ମାନେ ଉପସ୍ଥିତ ରହି ନିଜ ନିଜର ଅଭିଯୋଗ ରଖିଥିଲେ।

ଅଭିଯୋଗର ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏଥିରେ ତହସିଲଦାର ସୁଭାଶିଷ ପାଲଟା, ଅତିରିକ୍ତ ମଣ୍ଡଳ ଉନ୍ନନ ଅଧିକାରୀ ଜନ୍ମେଜୟ ରାଉତ, ଏସ୍‌ଡିପିଓ ବିରଂଚି ନାରାୟଣ ପତି, ସିଡିପିଓ ଗୁରୁବାରୀ ସିଂହ, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ଦାସ, ଏପିଓ ରାମାନୁଜ ମହାରଣା, ଆଇଆଇସି ଯୁଗଳ କିଶୋର ଦାସ, ମାହାଙ୍ଗା ଗୋଷ୍ଠୀ କେନ୍ଦ୍ର ଚିକିତ୍ସା ଅଧିକାରିଣୀ ତନୁସ୍ମିତା ବିଦ୍ଧାଣୀ, ଏସଡିଓ ଚିନ୍ମୟୀ ପଲେଇ, କନିଷ୍ଠଯନ୍ତ୍ରୀ ଜନ କୁମାର ମଲ୍ଲିକ, ଏସଡିଓ ଶୈଳେନ୍ଦ୍ର ନାରାୟଣ ସାମଲ,କନିଷ୍ଠଯନ୍ତ୍ରୀ ଶାରଦା ପ୍ରସନ୍ନ ସେଠୀ, ଏସଡିଓ ରାଜେନ୍ଦ୍ର ପ୍ରସାଦ ମଲିକ, କନିଷ୍ଠଯନ୍ତ୍ରୀ ଶୁଭଲକ୍ଷ୍ମୀ ମହାପାତ୍ର, ଅର୍ଜୁନ ପୃଷ୍ଟି,କୁମୁଦ ବେହେରା, ଏବିଇଓ ସୋମନାଥ ରାମ, ଲଲାଟ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଏସ୍‌ସିଏସ୍ କଲେଜ ଓଡ଼ିଆ ବିଭାଗରେ ଅନ୍ତର୍ଜାତୀୟ ସମ୍ମିଳନୀ

**ପୁରୀ ସଦର, ୧୩।୨/ଏନ୍ଏନ୍ଏସ୍:** ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗଦ୍ୱାରା ଦ୍ୱି-ଦିବସୀୟ ଆନ୍ତର୍ଜାତୀୟ ସମ୍ମିଳନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। 'ଏକବିଂଶ ଶତାବ୍ଦୀ: ପରିବେଶ, ସଭ୍ୟତା ଓ ସାହିତ୍ୟ' ବିଷୟ ଉପରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକ ଓ ଅଧ୍ୟାପକ, ଅଧ୍ୟାପିକା, ଚାଳିଶିରୁ ବେଶୀ ପ୍ରବନ୍ଧ ପାଠ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଏହି ସମ୍ମିଳନୀରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ଏକବିଂଶ ଶତାବ୍ଦୀର ବିଭିନ୍ନ ଅର୍ଥନୈତିକ ଓ ସାମାଜିକ ସମସ୍ୟା ସମ୍ପର୍କରେ ଆଲୋଚନା କରି ସାହିତ୍ୟ ସର୍ଜନାରେ ଏସବୁକୁ ଚିତ୍ରଣ କରିବାକୁ ବକ୍ତବ୍ୟରେ କହିଥିଲେ। ଅନ୍ତର୍ଜାତୀୟ ଅତିଥି ଭାବରେ ଜାପାନରୁ ନାଗୋସ ମିୟାହର ଓ ଏରିକୋ ତୋସିମା ଯୋଗଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜାପାନର ପରିବେଶ, ବିକାଶ ଓ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ସମାଜସେବୀ ଓ ଭାରତ-ଜାପାନ ମୈତ୍ରୀ ସଂଘର ସଭାପତି ଶ୍ରୀମନ୍ତ କୁମାର ଦାସ ଯୋଗଦେଇ ଭାରତ ଓ ଜାପାନର ସଭ୍ୟତା ଓ ପରିବେଶ ସମ୍ପର୍କରେ ତୁଳନାତ୍ମକ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ଦିଲୀପ କୁମାର ସ୍ୱାଇଁ ଭିତ୍ତିପ୍ରବନ୍ଧ ପାଠ କରି



ଜଗତୀକରଣ ଓ ଡିଜିଟାଲ ଧ୍ରୁବିକରଣ କିପରି ଆମର ସଭ୍ୟତା ଓ ସାହିତ୍ୟକୁ ପ୍ରଭାବିତ କରିଛି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମଟି ଓଡ଼ିଆ ବିଭାଗର ପ୍ରାକ୍ତନ ବିଦ୍ୟାର୍ଥୀ ମାନଙ୍କ ସଂଗଠନ 'ଓଡ୍ରଜା' ଓ ଓଡ଼ିଆ ବିଭାଗ ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା। ପାଠଚକ୍ର ସଂଯୋଜକ ଡକ୍ଟର ପ୍ରଭାତ କୁମାର ସାହୁ ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଡକ୍ଟର ଶଙ୍କର୍ଷଣ ପ୍ରଧାନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଡକ୍ଟର ହେନେରିଟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଗିରିଜା ଶଙ୍କର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ମିଳନୀରେ ଜାପାନୀ ବ୍ୟାଣ୍ଡ ପରିବେଷଣ କରାଯାଇଥିଲା ଓ ସାଂସ୍କୃତିକ ସଂଗଠକ ଶ୍ୟାମପ୍ରକାଶ ସେନାପତି ଜାପାନୀ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଓ ସନ୍ଧ୍ୟାରେ ନାଟକ, କବିତା ଆସର ଆଦି ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରିତ କବି ଭଗବାନ ଜୟସିଂ, ସୁଚେତା ମିଶ୍ର, ଅଜୟ ପ୍ରଧାନ, କାମଦେବ ମହାରଣା, ସନ୍ନ୍ୟାସୀ ନାୟକ, ରୁନୁ ମହାନ୍ତି, ମୀନକେତନ ମିଶ୍ର, ଶ୍ୟାମପ୍ରକାଶ ସେନାପତି ଓ ଉମାକାନ୍ତ ମହାପାତ୍ର ପ୍ରମୁଖ କବିତା ପାଠ କରିରଥିଲେ। କବି ଦିଲ୍ଲୀପ କୁମାର ସ୍ୱାଇଁଙ୍କ 'ଧାନଫୁଲ କାନଫୁଲ'ର ନାଟ୍ୟାଭିନୟ ସହ ଫକୀରମୋହନ ସେନାପତିଙ୍କ 'ପେଷ୍ଟେଡ୍ ମେଡ଼ିସିନ୍'ର ନାଟ୍ୟରୂପ ଅନୁଷ୍ଠିତ ହୋଇଥିଲା। ୧୪ ଫେବୃଆରୀରେ ସମ୍ମିଳନୀ ଶେଷ ହେବ ବୋଲି ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଶ୍ରୀଲୋକନାଥ ମନ୍ଦିରରେ ପଙ୍କୋଦ୍ଧାର ଏକାଦଶୀ ନୀତି

**ପୁରୀ, ୧୩।୨/ଏନ୍ଏନ୍ଏସ୍:** ପୁରୀର ପ୍ରସିଦ୍ଧ ପ୍ରଭୁ ଶ୍ରୀ ଲୋକନାଥ ଦେବଙ୍କ ମନ୍ଦିରରେ ଆଜି ପଙ୍କୋଦ୍ଧାର ଏକାଦଶୀ ନୀତି ଅନୁଷ୍ଠିତ ହୋଇଯାଇଛି। ବର୍ଷର କେବଳ ଏହି ଗୋଟିଏ ଦିନ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରନ୍ତି। ଭାରତ ବର୍ଷର ଅନ୍ୟ କୌଣସି ଶୈବପୀଠ କିମ୍ବା ମନ୍ଦିରରେ ପଙ୍କୋଦ୍ଧାର ସ୍ୱତନ୍ତ୍ର ରୀତି ନୀତି ନାହିଁ। ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ସଂପୃକ୍ତ ଥିବା ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରିର ଗୋଟିଏ ଦିନ ପୂର୍ବରୁ ପଙ୍କୋଦ୍ଧାରର ସ୍ୱତନ୍ତ୍ର ନୀତି କରାଯାଇଥାଏ। ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନା ରୂପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଆଜି ବାହାର କରାଯାଇଥିଲା। ସେପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁବିଧା ଓ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ମଧ୍ୟ ଗ୍ରହଣ କରାଯାଇଥିଲା। ପୁରୀ ଶ୍ରୀଲୋକନାଥଙ୍କ ପୀଠରେ ଆଜି



ପଙ୍କୋଦ୍ଧାର ଏକାଦଶୀ ନୀତି ପାଳିତ ହୋଇଯାଇଛି। ଏହି ଅବସରରେ ଲୋକନାଥ ଦେବଙ୍କ ଗମ୍ଭିରାରୁ ବର୍ଷ ତମାମ ସଂଚିତ ହୋଇ ରହିଥିବା ବେଲପତ୍ର, ପୁଷ୍ପ, ନୈବେଦ୍ୟ ଇତ୍ୟାଦିକୁ ପଙ୍କ ହିସାବରେ ପରମ୍ପରା ଅନୁଯାଇ କଢ଼ାଯାଇଥିଲା। ପ୍ରଭୁ ଲୋକନାଥ ଦେବ ଗମ୍ଭୀରାରେ ବର୍ଷ ତମାମ ପୁଷ୍ପ ନୈବେଦ୍ୟରେ ଲୁକାୟିତ ଥିବାବେଳେ ଆଜିର ଦିନରେ ଭକ୍ତମାନେ ଲୋକନାଥ ଦେବଙ୍କ ସମ୍ପୂର୍ଣ୍ଣ ଲିଙ୍ଗ ଦର୍ଶନ କରିବାର ସୁଯୋଗ ପାଇଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ଭାବେ ପରିଚିତ ଶ୍ରୀଲୋକନାଥ ଦେବଙ୍କ ପୀଠରେ ଆଜିର ଦିନର ବିଶେଷ ମହତ୍ୱ ରହିଛି। ଅନ୍ୟପକ୍ଷରେ ଜିଲ୍ଲାପ୍ରଶାସନ ଓ ମନ୍ଦିର ଟ୍ରଷ୍ଟ ପକ୍ଷରୁ ନୀତିକୁ ଶୃଙ୍ଖଳିତ କରାଯାଇ ପଙ୍କୋଦ୍ଧାର ପାଇଁ ଆଜି ପ୍ରତ୍ୟୁଷରୁ ଲୋକନାଥ ଦେବଙ୍କ ସମସ୍ତ ନୀତିକାନ୍ତି ସମାପ୍ତ କରାଯାଇଥିଲା। ପରେ ସକାଳ ୬ଟା ସୁଦ୍ଧା ପଙ୍କଉଦ୍ଧାର ନୀତି ସରିବା ପରେ ବହୁ ସେବାୟତ, ସ୍ଥାନୀୟ ବାସିନ୍ଦା ମହାପ୍ରଭୁଙ୍କ ଗମ୍ଭୀରାରୁ ପଙ୍କ କଢା କାର୍ଯ୍ୟରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

# ବୋର୍‌ୱେଲ୍‌ରେ ପଡ଼ି ...

ଚିକିତ୍ସାଳୟର ନିର୍ମାଣାଧୀନ କୋଠା ପାଖରେ ଖେଳୁଥିଲା। ଆଜି ଅପରାହ୍ଣ ସମୟରେ ସମାୟିରା ଉକ୍ତ ବୋର୍‌ୱେଲ୍‌ରେ ଗଳି ପଡ଼ିଥିଲା। ପରିବାର ଲୋକେ ଶିଶୁକୁ ବହୁ ଖୋଜାଖୋଜି କରିଥିଲେ କିନ୍ତୁ ଶିଶୁକନ୍ୟାଟି ବୋରୱେଲ୍‌ରେ ଖସିପଡ଼ିଥିବା ଦେଖିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ଏବଂ ଉଦ୍ଧାରକାରୀ ଦଳ ବୋରୱେଲରୁ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରିଥିଲେ। ତେବେ ଏହି ଅପ୍ରୀତିକର ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲ।

# ପତ୍ନୀହନ୍ତାକୁ ଫାଶୀ ...

ଫେରାର ହୋଇଯାଇଥିଲା। ଦ୍ୱିତୀୟ ପତ୍ନୀ ବନିତାଙ୍କୁ ଏସିଡ୍‌ରେ ଆକ୍ରମଣ କରିବା ପରେ ଚନ୍ଦନ ନିଜ ମୋବାଇଲ ଭାଙ୍ଗି ଫେରାର ହୋଇଯାଇଥିଲା। ସେ କୋଲକାତାରେ ଲୁଚିଥିଲା। ବାଲେଶ୍ୱର ପୁଲିସ ଏହି ଘଟଣାରେ ଚନ୍ଦନ ରଣା ସମେତ ୭ ଜଣଙ୍କୁ ଗିରଫ କରିଥିଲା। ଦୀର୍ଘ ତିନି ବର୍ଷ ପରେ ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜିଲ୍ଲା ସ୍ୱତନ୍ତ୍ର ଏସସି-ଏସଟି କୋର୍ଟର ମାନ୍ୟବର ବିଚାରପତି ୬ ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରି ଦେଇଥିବା ବେଳେ ଅଭିଯୁକ୍ତ ଚନ୍ଦନ ରଣାଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଭାରତୀୟ ପିଙ୍ଗଳ କୋର୍ଡ଼ର ଦଫା ୩୦୨ ସମେତ ଅନ୍ୟାନ୍ୟ ଦଫାରେ ମାନ୍ୟବର କୋର୍ଟ ଚନ୍ଦନଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଅନ୍ୟପକ୍ଷରେ ଏହି ରାୟ ବିରୁଦ୍ଧରେ ଉପର ଅଦାଲତରେ ପୁନର୍ବିଚାର ପାଇଁ ଦୋଷୀଙ୍କ ପାଇଁ ବିକଳ୍ପ ମଧ୍ୟ ରହିଛି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି. ଆଡଭୋକେଟ ସଞ୍ଜୟ କୁମାର ମହାନ୍ତି ମୋକଦ୍ଦମା ପରିଚାଳନା କରୁଥିଲେ।

## ବଳଙ୍ଗା ଥାନାରେ ନୂତନ ଅଧିକାରୀ

**ବଳଙ୍ଗା, ୧୩।୨/ଏନ୍ଏନ୍ଏସ୍:** ବୁଧବାର ଦିନ ପୂର୍ବାହ୍ନରେ ବଳଙ୍ଗା ଥାନାରେ ନୂତନ ଥାନା ଆଇଆଇସି ଭାବେ ସସ୍ମିତା ସାହୁଙ୍କୁ ପୁରୀ ଏସପି ପ୍ରତୀକ ସିଂ ନିଯୁକ୍ତ କରିଛନ୍ତି। ସୂଚନା ଅନୁଯାୟୀ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ଥାନାରେ ଆଇଆଇସି ଭାବେ କାର୍ଯ୍ୟ କରିଆସୁଥିବା ଦିବ୍ୟରଞ୍ଜନ ପଣ୍ଡାଙ୍କ ଚନ୍ଦନପୁରୁ ଥାନାକୁ ବଦଳି ହୋଇଥିବା ବେଳେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନାରେ ଥିବା ଥାନା ଅଧିକାରୀ ସସ୍ମିତା ସାହୁଙ୍କ ବଳଙ୍ଗା ଥାନାରେ ଯୋଗଦାନ କରିବା ପରେ ଥାନା ତରଫରୁ ସ୍ୱାଗତ କାରାଯାଇଥିଲା। ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ ଲଗାଇବା ସହିତ ଆଗାମୀ ଦିନରେ ଆଇନ୍ ଶୃଙ୍ଖଳା ସ୍ଥିତିକୁ ସୁଚାର ରୂପେ ତୁଲାଇବା ସହ ଥାନାକୁ ଅଭିଯୋଗ ନେଇ ଆସୁଥିବା ସାଧାରଣ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ସହ ନିଆଯାଇ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ ବୋଲି ନୂତନ ଥାନା ଅଧିକାରୀ ସସ୍ମିତା ସାହୁ ପ୍ରକାଶ କରିଛନ୍ତି।

# ଇ-ଲୋକଭବନ ଓଡ଼ିଶା ...

କରୁଥିବା କ୍ୟାମ୍ପସକୁ ଏକ ନେଟ୍-ଜିରୋ ସୁବିଧାରେ ପରିଣତ କରାଯାଇଛି ଏବଂ ରାଜ୍ୟପାଳଙ୍କ ସରକାରୀ କାରକେଡରେ ବୈଦ୍ୟୁତିକ ଯାନ ସାମିଲ କରାଯାଇଛି ଓ ଏହା ସ୍ୱଚ୍ଛ ଶକ୍ତି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିଛି। ଏହା ସହିତ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମ୍ମାନାର୍ଥେ ଲୋକଭବନ ପରିସରରେ ବିକଶିତ ଏକ ପରିବେଶ ପାର୍କ 'ଅଟଳ ବନ' ଲୋକଭବନରେ ସ୍ଥାୟୀତ୍ୱ, ଐତିହ୍ୟ ଏବଂ ନବସୃଜନର ମିଶ୍ରଣର ପ୍ରତୀକ ସାଜିଛି। ନୂତନ ଡିଜିଟାଲ୍ ପଦକ୍ଷେପ ଆଧୁନିକ, ନାଗରିକ-କୈନ୍ଦ୍ରିକ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏପର୍ଯ୍ୟନ୍ତ ଲୋକଭବନରେ ସାକ୍ଷାତ, ଅଭିଯୋଗ ଏବଂ ପରିଦର୍ଶକଙ୍କ ପ୍ରବେଶ ପରିଚାଳନା ପାଇଁ ପ୍ରାୟତଃ ଅନେକ କାଗଜପତ୍ର କାର୍ଯ୍ୟ ଏବଂ ବହୁବାର ଆସିବା ଆବଶ୍ୟକ ହେଉଥିଲା। 'ଇ-ଲୋକ ଭବନ ଓଡ଼ିଶା' ଆରମ୍ଭ ହେବା ସହିତ ଏହି ପ୍ରକ୍ରିୟାଗୁଡ଼ିକୁ ସରଳୀକୃତ କରାଯାଇଛି ଏବଂ ଏକକ, ବ୍ୟବହାରକାରୀ ଅନୁକୂଳ ଡିଜିଟାଲ୍ ଇଣ୍ଟରଫେସ୍ ଅଧୀନକୁ ଅଣାଯାଇଛି। ଏହି ଡିଜିଟାଲ ପ୍ଲାଟଫର୍ମ ସାକ୍ଷାତ ପାଇଁ ଅନଲାଇନ୍ ବୁକିଂ, ବାସ୍ତବ ସମୟ ସ୍ଥିତି ଅନୁସନ୍ଧାନ( ରିଅଲ ଟାଇମ୍ ଷ୍ଟାଟସ ଟ୍ରାକିଂ), ହ୍ୱାଟ୍ସଆପ୍ ଏବଂ ଏସଏମଏସ ଆଲର୍ଟ, ଡିଜିଟାଲ୍ ଛଜ-ଆଧାରିତ ଇ-ଗେଟ୍ ପାସ୍ ଏବଂ ସୁରକ୍ଷିତ ପ୍ରବେଶ ଯାଞ୍ଚକୁ ସୁଗମ କରିବ। ଏହା ଅଧିକାରୀଙ୍କ ପାଇଁ କେନ୍ଦ୍ରୀକୃତ (ସେଣ୍ଟ୍ରାଲାଇଜଡ଼) ଡ୍ୟାସବୋର୍ଡ, ୱେବସାଇଟ୍ ଇଣ୍ଟିଗ୍ରେସନ ଏବଂ ଲୋକଭବନର ୩୬୦-ଡିଗ୍ରୀ ଭର୍ଚୁଆଲ୍ ଟୁର୍ ର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଅନୁରୋଧ କ୍ଷେତ୍ରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦ୍ରୁତ ନିଷ୍ପତ୍ତି ଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହା ଏକ ସଂରଚିତ, ଭୂମିକା-ଆଧାରିତ କାର୍ଯ୍ୟପ୍ରଣାଳୀ ଅନୁସରଣ କରେ। ନାଗରିକମାନେ ସେମାନଙ୍କର ମୋବାଇଲ୍ ନମ୍ବର ବ୍ୟବହାର କରି ସାକ୍ଷତ ପାଇଁ ପଞ୍ଜିକରଣ କରିପାରିବେ, ଅନୁମୋଦନ ଅନୁଯାୟୀ ସାକ୍ଷାତ ପାଇପାରିବେ ଏବଂ ସ୍ଥିତି ଜାଣି ପାରିବେ। ଅନୁରୋଧ ଅନୁମୋଦିତ ହେବା ପରେ ଅନୁରୋଧ କରିଥିବା ବ୍ୟକ୍ତି ହ୍ୱାଟସଆପ୍ ଓ ଏସ୍ଏମ୍ଏସ୍ ଜରିଆରେ ନିଶ୍ଚିତକରଣ ଜାଣିପାରିବେ ଏବଂ କ୍ୟୁଆର୍ ଆଧାରିତ ଇ-ଗେଟ୍ ପାସ୍ ଏବଂ ନିର୍ଦ୍ଧାରିତ ସମୟରେ ପହଂଚିବା ପାଇଁ ସ୍ମରଣ ପତ୍ର (ରିମାଇଣ୍ଡର) ପାଇପାରିବେ। ସାକ୍ଷାତ ପରେ ଡିଜିଟାଲ୍ ଡକ୍ୟୁମେଣ୍ଟେସନ୍ ସୁନିଶ୍ଚିତ କରି ଅନୁମୋଦିତ ଫଟୋଗ୍ରାଫ୍ ହ୍ୱାଟ୍ସଆପ୍ ମାଧ୍ୟମରେ ପରିଦର୍ଶକମାନଙ୍କ ସହିତ ସୁରକ୍ଷିତ ଭାବରେ ପ୍ରଦାନ କରାଯିବ। ରାଜ୍ୟପାଳ କହିଛନ୍ତି ଯେ, 'ଇ-ଲୋକ ଭବନ ଓଡ଼ିଶା'ର ପ୍ରଚଳନ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ନାଗରିକ-କୈନ୍ଦ୍ରିକ ଶାସନ ଦିଗରେ ଏକ ପ୍ରଗତିଶୀଳ ପଦକ୍ଷେପକୁ ସୂଚତ କରେ। ସାକ୍ଷତ ଏବଂ ପରିଦର୍ଶକ ପରିଚାଳନାକୁ ସୁଗମ କରିବା ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏହି ବ୍ୟବସ୍ଥା ଦକ୍ଷତା ବୃଦ୍ଧି କରିବ ଏବଂ ପ୍ରକ୍ରିୟାଗତ ବିଳମ୍ବ ହ୍ରାସ କରିବ। ଏହି ପଦକ୍ଷେପ ସହିତ, ଲୋକ ଭବନ ଓଡ଼ିଶା ପରମ୍ପରାକୁ ପ୍ରଯୁକ୍ତିବିଦ୍ୟା ସହିତ ସମନ୍ୱିତ କରିଛି ଏବଂ ସ୍ୱଚ୍ଛ, ଦକ୍ଷ ଏବଂ ଡିଜିଟାଲ୍ ସଶକ୍ତ ଶାସନ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ ଏବଂ ଲୋକ ଭବନର ବରିଷ୍ଠ ଅଧିକାରୀମାନେ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମୟରେ ଉପସ୍ଥିତ ଥିଲେ।

# ଓଡ଼ଗାଁରେ ମଧ୍ୟପ୍ରଦେଶ ହାଇକୋର୍ଟ ବିଚାରପତି



**ଓଡ଼ଗାଁ, ୧୩।୨/ଏନ୍ଏନ୍ଏସ୍:** ମଧ୍ୟପ୍ରଦେଶ ହାଇକୋର୍ଟ ବିଚାରପତି ବି.ଡ଼ି.ରଥୀ ଆଜି ଓଡ଼ଗାଁ ଗସ୍ତରେ ଆସି ପ୍ରଥମେ ବାର୍ ଆସୋସିଏସନରେ ପହଞ୍ଚିଥିଲେ। ସେଠାରେ ଆଇନଜୀବୀମାନେ ତାଙ୍କୁ ଫଲତୋଡ଼ା ଦେଇ ସ୍ୱାଗତ କରିଥିଲେ। କିଛି ସମୟ କୋର୍ଟରେ ବିତାଇବା ପରେ ଓଡ଼ଗାଁ ବ୍ଲକ୍ ପଛପାଖ ତୋଟାସାହିରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଓଁ ଶାନ୍ତିରେ ପହଞ୍ଚି ଭଉଣୀମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଓଁଶାନ୍ତି ପରିସରରେ କିଛିସମୟ ବିତାଇବା ପରେ ଫେରି ଯାଇଥିବା ଜଣାପଡିଛି। ଓଁ ଶାନ୍ତିର ଭଉଣୀ ବ୍ରହ୍ମାକୁମାରୀ ବାସନ୍ତୀ, ଆଇନଜୀବୀ ବ୍ରଜବନ୍ଧୁ ପରିଡ଼ା, ହଜାରି ସାହୁ, ଲକ୍ଷ୍ମୀଧର ସାହୁ ଓ ବ୍ରହ୍ମାକୁମାରୀ ଲକ୍ଷ୍ମୀ ଉପସ୍ଥିତ ଥିଲେ।

# ଆଚାର୍ଯ୍ୟ ହରିହରଙ୍କ ୧୪୭ତମ ଜୟନ୍ତୀ

**ପୁରୀ, ୧୩।୨/ଏନ୍ଏନ୍ଏସ୍:** ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣାଦାୟୀ। ଆଚାର୍ଯ୍ୟଙ୍କ ଜୀବନ ସେବା, ସମର୍ପଣ ଓ ତ୍ୟାଗର ଶିକ୍ଷା ଦିଏ ବୋଲି ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ମତବ୍ୟକ୍ତ କରିଛନ୍ତି। ଆଜି ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକସମ୍ପର୍କ ବିଭାଗ, ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ, ସର୍ବୋଦୟ ମେଳା ସମିତି ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଥିଲା। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଟିକାୟତରାୟ ଆଚାର୍ଯ୍ୟ ହରିହରଙ୍କ ଜୀବନ ଓ ଜୀବନଚର୍ଯ୍ୟା ଅତ୍ୟନ୍ତ ସରଳ ଓ ନିରାଡମ୍ବର ରହିଥିଲା ସତ ହେଲେ ତାଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧ ର ପ୍ରତୀକ ଥିଲା ବୋଲି କହିଥିଲେ। ସର୍ବୋଦୟ ମେଳା ସମିତିର ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଅତିଥିମାନେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସମ୍ପାଦକ ଶିବପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ଛାତ୍ର ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ମୋ ମନ ମୋର ମନ୍ଦିର । ମୁଁ କୌଣସି ଲୋକକୁ ଅପରିଷ୍କାର ପାଦରେ ମୋ ମନରୂପୀ ମନ୍ଦିରରେ ପ୍ରବେଶ କରିବାକୁ ଦେବି ନାହିଁ ।
- ଗାନ୍ଧୀ ବାଣୀ



ନିତିଦିନ NITIDIN

## ଆମେ ଟିକିତାରା


ଡ. ରଜନୀ ରଞ୍ଜନ

ଆମେ ଟିକିଟିକି ତାରା
ନୀଳ ଆକାଶରେ ପରା
ମେଘ ପାଲିଙ୍କି ଚଢ଼ି
ଆମେ ଯାଉଛୁ ଉଡ଼ି
କୁନିକୁନି ହାତେ ଆମ
ଲୁଚିଲୁଚି ଜହ୍ନ ଆସି ଦିଏ ଧରା,
ଆମେ ଟିକିଟିକି ତାରା ।
ଚୁନିଚୁନି ଫୁଲ ଆମେ
ଏଇ ବଗିଚାରେ
ନାଚି ନାଚି ଖେଳି ବୁଲୁ
ଏଇ ପବନରେ
ଛପି ଛପି ପ୍ରଜାପତି
କହିଯାଏ କାନେ
ଭାଙ୍ଗିବାନି କାହାମନ
ରଖିଥାଅ ମନେ ।
ଫୁଲଫୁଟି ଝରେ ନାହିଁ
ଖାଲି ଗୋଟେ ରାତି ପାଇଁ
ଭରିଦିଏ ମହକରେ
ଏ ଦୁନିଆ ସାରା,
ଆମେ ଟିକିଟିକି ତାରା ।
ଭଲ ଲାଗେ ଦୁନିଆଟା
ଓଠେ ଥିଲେ ହସ
ଭଲ ଲାଗେ ଯଦିଥାଏ
ଟିକେ ରାଗରୋଷ
ଦୁନିଆରେ କେହି ନୁହେଁ
ସାନ ପୁଣି ବଡ଼
କେହି ନୁହେଁ ପର ଏଠି
ସଭିଏଁ ନିଜର
କେବେ ଆମେ ଡରିବାନି
କେବେ ଆମେ ହାରିବାନି
ଦୁନିଆରେ ଖୋଲି ଦେବା
ଖୁସିର ପସରା,
ଆମେ ଟିକିଟିକି ତାରା ।
**ବାଲକାଟି, ଖୋର୍ଦ୍ଧା**
**ମୋ: ୯୩୩୭୨୬୧୦୭୫**

## ଆହେ ପଶୁପତି


ରାଜ କିଶୋର ସ୍ୱାଇଁ

ଆହେ ପଶୁପତି ଆଜି ଶିବରାତ୍ରି
ଧରାବତରଣ ତିଥି ତୁମର
କରୁଛୁ ସ୍ୱାଗତ ସଭିଏଁ ତୁମକୁ
ଗାଇ ତୁମ ପଞ୍ଚାକ୍ଷରୀ ମନ୍ତର ।
ବସନ ଭୂଷଣ ତେଜି ସବୁ ତୁମେ
ଭୁଜଙ୍ଗ ଗଳାରେ କଲ ଧାରଣ
ତଇଳ ନଲେପି ଦେହରେ ତୁମର
ଶମଶାନ ଭସ୍ମ କଲ ଲେପନ ।
ସବୁ ଦୁଃଖ ତୁମେ ହରିନିଅବୋଲି
ନାଆଁଟି ତୁମର ହୋଇଛି ହର
ଜଗତ ଉଦ୍ଧାର ପାଇଁ କଲ ପାନ
ସାଗର ମନ୍ଥନୁ ଜାତ ଜହର ।
ଉଣା ହୋଇବାରୁ ତୁମରି କରୁଣା
ଅଶାନ୍ତ ଅନଳେ ଜଳେ ଦୁନିଆଁ
ତୁମେ ଆମ ସାହା ତୁମେହିଁ ଭରସା
କୃପାଜଳେ ଦିଅ ଲିଭେଇ ନିଆଁ ।
ଯୁଦ୍ଧ ପାଇଁ ଆଜି ସାରା ଜଗତରେ
ଶାନ୍ତିଟି ହୋଇଛି ସାତ ସପନ
ତୁମ ସୁଦୟାରୁ ଦୂରହେଉ ହିଂସା
ହସିଉଠୁ ପୁଣି ବିଶ୍ୱଭୁବନ ।
ଦୋଷାଦୋଷ ଆମ କରିଦେଇ କ୍ଷମା
ଆପଣାର କରିନେବାକୁ ଅଳି
କାଣିଚେ ମିଳିଲେ ତୁମ କରୁଣାରୁ
ଜୀବନ ଆମର ଯିବ ବଦଳି ।
**ଶାନ୍ତିନଗର, ନୂଆବଜାର, କଟକ**
**ମୋ: ୯୪୩୭୪୪୨୦୪୧**

## ସଫେଇବାଲା


ମନୋରମା ମିଶ୍ର

ସଫେଇବାଲା ସେ ସଫେଇବାଲା
ଦିନେ ଛୁଟି ନାହିଁ ନାହିଁ ତ ଢିଲା ।
ଝଡ଼ି ବରଷା କି ଶୀତ କାକର
ଖରା ଗରମକୁ ନଥାଏ ଡର ।
ରଜ ଦଶହରା ପୂଜା ପାର୍ବଣ
ପରବ ପର୍ବାଣି ଯେତେଟି ଜାଣ ।
କେଉଁଦିନ ତାଙ୍କ ନାହିଁ ତ ଛୁଟି
ଅଳିଆ ନେବାରେ ହୁଏ ନା ତ୍ରୁଟି ।
ସତରେ ଅଳିଆ ନନେଲେ ଦିନେ
ସହିବା କି ଆମେ ଭାବ ହେ ମନେ ।
ଆମରି ପରବ ଆମରି ଖୁସି
ଆମ ଘର ସଫା ଯତନ ବେଶି ।
ଅଳିଆକୁ ଆମେ ବାହାରେ ଥୋଇ
ନିଶ୍ଚିନ୍ତରେ ଘରେ ଥାଉ ଯେ ରହି ।
ସଫେଇବାଲା ସେ' ବଡ଼ କି ସାନ
କେହି କେବେ ତାଙ୍କୁ ଦିଏନି ମାନ ।
ଏସବୁ ସେମାନେ ଲୋଡ଼ନ୍ତି ନାହିଁ
ଆସନ୍ତି କେବଳ ଅଳିଆ ପାଇଁ ।
ନାହିଁ ଘୃଣା ନାହିଁ ହେଳା ତାଙ୍କର
ତାଙ୍କ ପାଇଁ ସଫା ଆମ ସହର ।
**ନୀଳାଦ୍ରିବିହାର,**
**ଭୁବନେଶ୍ୱର-୨୧**
**ମୋ: ୯୮୬୧୫୬୭୮୫୩୨**



## ସବୁଜ ସୁନ୍ଦର ମୋ ଗାଆଁ ଭୂଇଁ


କୁନ୍ତଳା ମହାପାତ୍ର

ସବୁଜ ସୁନ୍ଦର ମୋ ଗାଆଁ ଭୂଇଁ,
ଫୁଲ ଫଳରେ ଭରିଛି ରହି ।
ବେଢ଼ି ରହିଛି ଗହଳ ଛାଇ,
ଖରାର ତାପ ବାଧଇ ନାହିଁ ।
ଧାନକ୍ଷେତ ମୋର ଦିଶେ ସୁନ୍ଦର,
ଫଗୁଣ ଜହ୍ନର ହସ ମଧୁର ।
ସକାଳ ସୂରୁଯ ଯେବେ ଆସଇ,
ପକ୍ଷୀ କଳରବ ଗୀତ ଶୁଭଇ ।
ସତେକି ଗାଆନ୍ତି ବେଦର ଗାଥା,
ନଇଁଯାଏ ଆପେ ମୋଓରି ମଥା ।
ଫଳ ଯେବେ ପାଚେ ବାସଇ ଗାଆଁ,
ଭୋକ ବଢ଼ିଯାଏ ଛାଆଁକୁ ଛାଆଁ ।
ମୋ ଗାଆଁ ମୋ ପାଇଁ ସରଗ ପରି,
ରଖିବି ଯତନେ ତାହାର ଶିରୀ ।
**ହନୁମନ୍ତ ବ୍ରହ୍ମପୁର,**
**ମଧ୍ୟଶାସନ,**
**ଜଗତସିଂହପୁର**
**ମୋ: ୮୧୪୪୪୧୩୭୪୯**

# ବସ୍ ଓ କାର୍

ଗପ





ରମେଶ ଚନ୍ଦ୍ର ଦାଶ

ବସ୍‌ଟିଏ ରାସ୍ତାରେ ଯାଉଥିଲା । ତା ପଛେ ପଛେ କାର୍‌ଟିଏ ମଧ ଯାଉଥିଲା । କାର୍‌ଟି ବସ୍‌ର ପାଖାପାଖି ହେବା ପରେ ଡାକ ପକାଇଲା, 'ହେ ବସ୍ ଭାଇ, ମୋତେ ରାସ୍ତା ଛାଡ଼ । ମୋର ଜରୁରୀ କାମ ଅଛି ।' ବସ୍ କିନ୍ତୁ ପାଖେଇଲା ନାହିଁ । ସେ ସେହିପରି ରାସ୍ତା ମଝିରେ ଚାଲୁଥାଏ । କିଛିବାଟ ଯିବା ପରେ ତାର ଦେହ ଖରାପ ହେବାରୁ ସେ ଅଟକିଲା । ସେତିକିବେଳେ କାର୍ ତାକୁ ଡେଇଁ ଚାଲିଗଲା ।

କାର୍ ବସ୍‌କୁ ଡେଇଁଲା ବେଳେ ବସ୍ ଡାକ ପକାଇଲା, 'ହେ କାର୍ ଭାଇ, ମୋ କଥା ଟିକେ ଶୁଣ । ମୋର ଦେହ ବହୁତ ଖରାପ । ଏହି ଖବରଟା ଟିକେ ସହରରେ ଥିବା ମୋ ଡାକ୍ତରଖାନାରେ ଜଣାଇଦେବ । ସେ ଆସିଲେ ମୁଁ ତାକୁ ତାର ମଜୁରୀ ଦେବି ।' ତା କଥା ଶୁଣି କାର୍ କହିଲା, 'ତୋର ଦେହ କାହିଁକି ଖରାପ ହେଲା, ଜାଣିନୁ ? ତୁ ମୋ ସହିତ ବାଦ କରି ଜୋର୍‌ରେ ଦୌଡୁଥିଲୁ । ସେଥିରେ ତୋର ଦେହ ଖରାପ ହେବନି ତ ଆଉ କାହାର ଦେହ ଖରାପ ହେବ ।' ବସ୍ କହିଲା, 'ସତକଥା, ତୁ ତ ଛୋଟିଆଟିଏ ଜୋର୍‌ରେ ଦୌଡ଼ିପାରିବୁ । ମୁଁ ତୋ ସାଥିରେ ଦୌଡ଼ି ଏବେ ହଇରାଣରେ ପଡ଼ିଛି । ମୋ ଦୋଷ ମୁଁ ବୁଝିଗଲେଣି । ଆଉ କେବେ ତୋ ସହିତ ଏମିତି ଦଉଡ଼ିବି ନାହିଁ ।'

କାର୍ ସହରରେ ତାର ଡାକ୍ତରଖାନାରେ ଜଣାଇବା ପରେ ସେମାନେ ଧାଇଁଯାଇ ତାକୁ ସୁସ୍ଥ କରି ଆଣିଲେ । ବସ୍ ବୁଝିଗଲା ଯେ କ୍ଷମତାଠାରୁ ଅଧିକ କାମ କଲେ ରୋଗରେ ପଡ଼ିବା ନିଶ୍ଚିତ । ସେହିଦିନଠାରୁ ସେମାନେ ଦୁହେଁ କେବେ ବି ପ୍ରତିଯୋଗିତା କଲେ ନାହିଁ ।
**ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ**
**ମୋ: ୯୭୭୬୨୩୮୫୨୨**

## ଦେଶର ସୁଯୋଗ୍ୟ ସନ୍ତାନ ହେବି


ସୁଦ୍ରୁମା ପଣ୍ଡା

ଆହେ ଦୟାମୟ ଜଗତ ନାଥ,
ପ୍ରାର୍ଥନା କରୁଛି ଯୋଡ଼ିକି ହାତ ।
ମଣିଷ ଜନମ ଦେଇଛ ଯେବେ,
ଦିଅ ହେ ମଣିଷପଣିଆ ତେବେ ।
ହୃଦୟକୁ ମୋର ନିର୍ମଳ କରି,
ଶ୍ରଦ୍ଧା ଭକ୍ତି ସମବେଦନା ଭରି ।
ଦୁଃଖୀ ରଙ୍କୀ ସେବା କରିବା ପାଇଁ,
ହସ୍ତ ପଦ ରହୁ ସଜାଗ ହୋଇ ।
କୁଭାବନା କେବେ ନଆସୁ ମନେ,
କୁଭାଷ କୁସଙ୍ଗ ନକରେ କ୍ଷଣେ ।
ଜୀବେ ଦୟା ଭାବ ହୃଦୟେ ବହି,
କାହାରିକୁ ହିଂସା କରିବି ନାହିଁ ।
ଗୁରୁ ଗୁରୁଜନେ କରିବି ଭକ୍ତି,
ପିତାମାତାଙ୍କୁ ତ ପ୍ରଣମି ନିତି ।
ସନ୍ଥ ସେବା ହେବ ଜୀବନ ବ୍ରତ,
ପ୍ରଭୁ ଗୁଣଗାନେ ହୋଇବି ରତ ।
ଦେଶ ଜାତି ହିତେ ଜୀବନ ଦେବି,
ଦେଶର ସୁଯୋଗ୍ୟ ସନ୍ତାନ ହେବି ।
**ଭଟଲି, ବରଗଡ଼**
**ମୋ: ୮୭୬୩୩୨୪୪୪୫**

## ଆମର ଦେଶ ଭାରତ


ଦଶରଥ ମାଝୀ

ହିମାଳୟଠାରୁ କୁମାରିକା ଯାଏ
ଆମର ଦେଶ ଭାରତ
ଆର୍ଯ୍ୟମାନଙ୍କର ବାସଭୂମି ରୂପେ
ଆର୍ଯ୍ୟବର୍ତ୍ତ ନାମେ ଖ୍ୟାତ ।
ଜାତି ଧର୍ମ ଭାଷା ସଂସ୍କୃତି ଆଦିରେ
ବହୁ ବିବିଧତା ଥାଇ
ପ୍ରାଚୀନ କାଳରୁ ଭାରତ ବରଷ
ନାମେ ପରିଚିତ ହୋଇ ।
ଉତ୍ତର ଦିଗରେ ପ୍ରାଚୀର ସଦୃଶ
ରହିଅଛି ହିମାଳୟ
ତିନୋଟି ଦିଗରେ ସାଗର ଧୁଅଇ
ଭାରତ-ମାତାର ପୟ ।
ସବୁ ଜାତିଙ୍କର ବାସସ୍ଥଳୀ ଭାବେ
ଏହି ଦେଶ ପରିଚିତ
ସବୁ ସଂସ୍କୃତିର ମିଳନ ସ୍ଥଳୀ ଯେ
କରେ ସଭିଙ୍କର ହିତ ।
ବ୍ରିଟିଶମାନଙ୍କ ପାଇଁ ହୋଇଅଛି
ଭାରତ ନାଆଁ ଇଣ୍ଡିଆ
ଏସିଆ କୋଳରେ ଆମର ଭାରତ
ଲାଗେରେ ଭାରି ବଢ଼ିଆ ।
**କୁରୁମାରୁଆଁ, ଭବାନୀପାଟଣା, କଳାହାଣ୍ଡି**
**ମୋ :୮୨୪୯୨୧୨୪୭୨**

# ବଜ୍ରପାତରେ ଜିରାଫଙ୍କ ମୃତ୍ୟୁ ଅଧିକ

ଅନେକ ସମୟରେ ବଜ୍ରପାତରେ କିଛି କିଛି ଲୋକ ଆହତ ହୋଇଥାନ୍ତି ବା ପ୍ରାଣ ହରାଇଥାନ୍ତି । ସେଥିପାଇଁ ବର୍ଷା ଘଡ଼ଘଡ଼ି ବେଳେ ଲୋକେ ସାଧାରଣତଃ ଘରୁ ବାହାରକୁ ବାହାରନ୍ତି ନାହିଁ । କେବଳ ମଣିଷ ନୁହନ୍ତି ଅନ୍ୟ ପ୍ରାଣୀ ମଧ ବଜ୍ରାଘାତରେ ଶିକାର ହୋଇଥାନ୍ତି । କିନ୍ତୁ ମଣିଷ ତୁଳନାରେ ବଜ୍ରପାତରେ ଜିରାଫଙ୍କ ମୃତ୍ୟୁ ଆଶଙ୍କା ୩୦ ଗୁଣ ଅଧିକ । ବଜ୍ରପାତରେ ଜିରାଫଙ୍କ ବାର୍ଷିକ ମୃତ୍ୟୁ ଅନୁପାତ ୦.୦୦୩ ପ୍ରତିଶତ । ଏହା ମଣିଷଙ୍କ ବଜ୍ରପାତ ମୃତ୍ୟୁ ତୁଳନାରେ ପ୍ରାୟ ୩୦ ଗୁଣ ବୋଲି ଗବେଷଣାରୁ ଜଣାଯାଇଛି ।





## Word power

**HYENA**
**Male- Male hyena**
**Female- Female hyena**
**Baby- Cub**
**Group- Clan/Cackle**
**Sound- Bark/Groan/Grunt/Growl**



## ଶବ୍ଦଧନ୍ଦା

ଏଥିରେ ୩ ଅକ୍ଷର ବିଶିଷ୍ଟ ଛଅଟି ଶବ୍ଦ ଓ ତାହାର ଅର୍ଥ ଦିଆଯାଇଛି । ତେବେ ମଝି ଅକ୍ଷର ନାହିଁ । ସେହି ଅକ୍ଷରଟି କ'ଣ ହେବ ଖୋଜି ବାହାର କର ।
୧- ନା...କ (ମଇଁଷି), ୨- ଜେ...ନ (ଭୋଜନ), ୩- ଗା...ଆ (ଟଙ୍କାରଖା ମୁଣି), ୪- ବି...ଧ (ପଣ୍ଡିତ), ୫- ପୋ...ଡ଼ (ଗର୍ତ୍ତ), ୬- ନା...ତ (ଭଣ୍ଡାରି)






## ଚିତ୍ର ଧନ୍ଦା

କୁମ୍ଭୀରଟି କେଉଁ ବାଟେ ଗଲେ ଚିଡ଼ିଆଖାନା (Zoo)ରେ ପହଞ୍ଚିବ ?

## ତୁମ ପାଇଁ ବହି




### କବିତାରେ ଆରାଧନା

**ଲେଖକ: ପୂର୍ଣ୍ଣଚନ୍ଦ୍ର ସେଠୀ**
**ପ୍ରକାଶକ: ମନୋରମା ସେଠୀ, ସାହାଡା, ସୁନହଟ, ଜି: ବାଲେଶ୍ୱର**
**ମୂଲ୍ୟ: ୫୦ ଟଙ୍କା**

ବହିଟି ଭଗବାନ ଶ୍ରୀ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସମର୍ପିତ । ଭକ୍ତଙ୍କ ସହ ଭଗବାନଙ୍କ ସଂପର୍କକୁ ସରଳ ତରଳ ଭାଷାରେ କବି ବର୍ଣ୍ଣନା କରିଛନ୍ତି । ଗୀତଗୁଡ଼ିକ ଏତେ ସରଳ ଯେ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ସହଜରେ ବୁଝିପାରିବେ । ସେଗୁଡ଼ିକର ଛନ୍ଦ ବେଶ୍ ସୁଲଳିତ ଓ ଭାବ ଖୁବ୍ ସାରଗର୍ଭକ । ଏହି ଭକ୍ତି ସଂଗୀତ ସଂକଳନଟି ପାଠକମାନଙ୍କୁ ମୁଗ୍ଧ କରିବ ନିଶ୍ଚୟ ।

## କୁନାକୁନିଙ୍କ ଚିତ୍ର




ଶୁଭମ ମିଶ୍ର, କ୍ଲାସ୍-୪, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିମାପଡ଼ା, ପୁରୀ


ସୋନାଲି ବାରିକ, କ୍ଲାସ୍-୭, ସରକାରୀ ବିଦ୍ୟାଳୟ, ବିସିପୁର, ଧନାପନା, ମୟୂରଭଞ୍ଜ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ୬୪ ତୀର୍ଥଯାତ୍ରୀଙ୍କ ପୁରୀ ଯାତ୍ରା



**ବାରିପଦା,୧୩।୨/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟିତ କରିଥିଲେ। ଏହିକ୍ରମେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରିପଦାସ୍ଥିତ କଲେଜ ପଡ଼ିଆରେ ଏକ ସଭା ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜଗନ୍ନାଥ ଦର୍ଶନ ଯୋଜନା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ଉପଲବ୍ଧି ହେବାସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଏହା ଏକ ଯୁଗାନ୍ତକାରୀ ଯୋଜନା ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥିଭାବେ ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓ ବାରିପଦା ବିଧାୟକ ପ୍ରକାଶ ସୋରେନ୍ ଯୋଗଦେଇ ଏହି ଯୋଜନା ଦ୍ୱାରା ଜଗନ୍ନାଥ ଦର୍ଶନର ଅଧୁରା ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ ଜିଲ୍ଲାରୁ ୬୪ ଜଣ ତୀର୍ଥଯାତ୍ରୀ ୨ଟି ବସ୍ ମାଧ୍ୟମରେ ପୁରୀ ଯାତ୍ରା କରିଥିବାବେଳେ ୪ ଜଣ ଏସକୋର୍ଟ ଅଧିକାରୀ ଓ ୨ ଜଣ ମେଡିକାଲ୍ ଅଫିସର୍ ମଧ୍ୟ ତୀର୍ଥଯାତ୍ରୀଙ୍କ ଯାତ୍ରାର ସୁଗମତା ପାଇଁ ନିୟୋଜିତ ଅଛନ୍ତି। ଏହି ଅବସରରେ ଉପସ୍ଥିତ ଅତିଥିମାନେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ୍ ପ୍ରଦାନ କରିବା ସହ ସବୁଜ ପତାକା ଦେଖାଇ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାଉଥିବା ବସ୍‌ର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଖବନ୍ଧୁ ନାୟକ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶିର ମୁଦୁୟା ଜିଲ୍ଲା ଲୋକସମ୍ପର୍କ ଅଧିକାରୀ

**ବାରିପଦା,୧୩।୨/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ଭାବେ ଶିଶିର କୁମାର ମୁଦୁୟା ଦାୟିତ୍ୱ ନେଇଛନ୍ତି। ଏହାସହ ଶ୍ରୀ ମୁଦୁୟା ବାରିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଏନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ୨୦୨୪ ବ୍ୟାଚ୍‌ର ଓଡ଼ିଶା



ସୂଚନା ସେବା (ଓଆଇଏସ୍) ଅଧିକାରୀ ଶିଶିର କହିଛନ୍ତି ଯେ ସରକାରଙ୍କ ପ୍ରତିଟି ଯୋଜନାକୁ ଗଣମାଧ୍ୟମ ମାଧ୍ୟମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିବେ। ସେହିପରି ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପ ସହିତ ଲୋକଙ୍କୁ ଯୋଡ଼ିବେ। ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ଅଭିନବ ଶୈଳୀରେ ସୁଦୂରପ୍ରସାରୀ କରିବାକୁ ମନୋନିବେଶ କରିବେ ବୋଲି ଶିଶିର କହିଛନ୍ତି।

ତିହିଡ଼ି ମହୋତ୍ସବ

# 'ଗୁରୁ ଆଶୀର୍ବାଦ ଓ ଆତ୍ମଚିନ୍ତନ ମାନବକୁ ଶୂନ୍ୟତାରୁ ପୂର୍ଣ୍ଣତାକୁ ନେଇଯାଏ'

**ତିହିଡ଼ି,୧୩।୨/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା 'ତିହିଡ଼ି ମହୋତ୍ସବ'ର ପଞ୍ଚମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ମାଟିର ଅନ୍ୟତମ ଦାୟାଦ ଶିକ୍ଷାବିତ୍ ତଥା ତିହିଡ଼ି ଶ୍ୟାମା କ୍ଲବ୍‌ର ପ୍ରାକ୍ତନ ସଭାପତି ସ୍ୱର୍ଗତ ସନାତନ ବେହେରାଙ୍କ ମଞ୍ଚରେ ଅନୁଷ୍ଠିତ ସଭାରେ ମହୋତ୍ସବ କମିଟିର ସଭାପତି ସୋମନାଥ ପାଢ଼ୀ ପୌରୋହିତ୍ୟ କରିଥିଲେ। ଏଥିରେ ବେଦାନ୍ତ ଦର୍ଶନର ପ୍ରଜ୍ଞାବାନ ସାଧକ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗଦେଇ ଗୁରୁ ଆଶୀର୍ବାଦ ଓ ଆତ୍ମଚିନ୍ତନ ମାନବକୁ ଶୂନ୍ୟତାରୁ ପୂର୍ଣ୍ଣତାକୁ ନେଇଯାଏ ବୋଲି କହିଥିଲେ। ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ତିହିଡ଼ି ହାଇସ୍କୁଲ୍‌ର ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ତିହିଡ଼ି ବ୍ଲକ୍‌ର ପ୍ରଥମ ଓସିଏ ଅମ୍ପାୟାର ସତ୍ୟନାରାୟଣ ସାବତ, ସମାଜସେବୀ ଲମ୍ବୋଦର ପୃଷ୍ଟି ଓ ତିହିଡ଼ି ଅଞ୍ଚଳର ୧୫ଟି





ସାମାଜିକ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ହାସ୍ୟ ଅଭିନେତା ପ୍ରଜ୍ଞା ଖଟୁଆ, ଶଙ୍କର ପ୍ରଧାନ ଓ ସାଥୀଙ୍କ କମେଡ଼ି ସହିତ ଚଳଚ୍ଚିତ୍ର ନାୟକ ସ୍ୱରାଜ ଓ ନାୟିକା ଭୂମିକାଙ୍କ କଳା ପ୍ରଦର୍ଶନ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଖୋର୍ଦ୍ଧା କଳାକାରଙ୍କ ପାଇକ ଆଖଡ଼ା ଓ ସିଦ୍ଧାର୍ଥଙ୍କର ମହୋତ୍ସବ ସଙ୍ଗୀତ ଗାନ ଉପସ୍ଥିତ ହଜାର ହଜାର ଦର୍ଶକଙ୍କ ମନ ଜିଣିଥିଲା। ସେହିପରି ବୁଧବାର ଚତୁର୍ଥ ସନ୍ଧ୍ୟା ତିହିଡ଼ି ମାଟିର ବରପୁତ୍ର ବିଶିଷ୍ଟ କବି ସ୍ୱର୍ଗତ ବିଷ୍ଣୁ ସେଠୀ ମଞ୍ଚରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଗୀତିକାର ଡ. ପଞ୍ଚାନନ ନାୟକ ଅତିଥିଭାବେ ଯୋଗଦେଇ ମାଟିର ବିଶେଷତ୍ୱ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଗୀତିକବି ଗୋଲକ ପ୍ରସାଦ ବୈୟାରୀ, ଯୁବ ଗାଳ୍ପିକ ବିପ୍ଳବ ରଞ୍ଜନ ପତି, ଶ୍ରେଷ୍ଠ ପ୍ରକାଶକ ଭାବେ 'ରଙ୍ଗ ପ୍ରକାଶନୀ'ର ପ୍ରକାଶକ ରାଜେଶ କୁମାର ସେଠୀ ଓ ଯୁବ ପ୍ରକାଶକ ମା' ପବ୍ଲିଶର୍ସର ସତ୍ତ୍ୱାଧିକାରୀ ବିକାଶ ରଞ୍ଜନ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପଞ୍ଚାନନ ନାୟକଙ୍କ ତତ୍ତ୍ୱାବଧାନରେ ବିଶିଷ୍ଟ କଣ୍ଠଶିଳ୍ପୀ ଓ ନୃତ୍ୟଶିଳ୍ପୀଙ୍କ ନୃତ୍ୟ ଓ ସଙ୍ଗୀତରେ ଉପସ୍ଥିତ ଦର୍ଶକମାନେ ଝୁମିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଉପସଭାପତି ଡକ୍ଟର ଲକ୍ଷ୍ମୀଧର ତ୍ରିପାଠୀ, ସମ୍ପାଦକ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି, ବିଶ୍ୱଜିତ୍ ବେହେରା, ଧୀରେନ୍ଦ୍ର ସାହୁ, ଗିରିଜା ରମଣ ଜେନା, ପ୍ରଭାତ ଜେନା, ମନୋଜ ସେନାପତି, ସଚ୍ଚିକାନ୍ତ ନାୟକ, ପ୍ରିୟବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ପ୍ରତାପ ଜେନା, ବସନ୍ତ ମହାପାତ୍ର, ନୀଳମଣି ସାବତ, ମୃତ୍ୟୁଞ୍ଜୟ ଦାସ, ସଞ୍ଜୟ ଦାସ, ଶୁଭମ୍ ସାର୍ଥକ ଜେନା ଓ ମିଡିଆ ସଂଯୋଜକ ନିରଞ୍ଜନ ବାରିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ତଥା ତିହିଡ଼ି ବ୍ଲକ୍‌ର ସମସ୍ତ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## 'ପ୍ରକୃତି ଓ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର

**ଧାମନଗର,୧୩।୨/ଏନ୍ଏନ୍ଏସ୍:** ଧାମନଗର ବ୍ଲକ୍ ଅନ୍ତର୍ଗତ ପାଳସାହିସ୍ଥିତ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ସାହିତ୍ୟ ସଂସଦ ଦ୍ୱାରା 'ପ୍ରକୃତି ଓ ସାହିତ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ପୌରୋହିତ୍ୟ ଏବଂ ଦର୍ଶନ ବିଭାଗର ମୁଖ୍ୟ ଅଧ୍ୟାପକ ନିକୁଞ୍ଜ କିଶୋର ଜେନାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ରିସୋର୍ସ ପର୍ସନ୍ ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର୍ ଶୈଳେନ୍ଦ୍ର ମହାପାତ୍ର ଯୋଗଦେଇ 'ପ୍ରକୃତି ଓ ସାହିତ୍ୟ' କିପରି ମାନବ ଜୀବନର ମଙ୍ଗଳ ପାଇଁ ଅପରିହାର୍ଯ୍ୟ ଏବଂ ଏହାର ସୁରକ୍ଷା ନିମିତ୍ତ ଜ୍ଞାନର ସୌନ୍ଦର୍ଯ୍ୟ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟ ସଂସଦର ଅନ୍ୟ ଦୁଇ ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ





କୁମାର ନାୟକ, ବିଜୟ କୁମାର ଦାଶ ଓଡ଼ିଆ ଓ ସଂସ୍କୃତ ଭାଷାରେ 'ପ୍ରକୃତି ଓ ସାହିତ୍ୟ' ବିଷୟରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ବାବାମଣୀ ମହାବିଦ୍ୟାଳୟ ଏବଂ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସମେତ ସାହିତ୍ୟ ସଂସଦର ଓଡ଼ିଆ ଇଂରାଜୀ ସଂସ୍କୃତ ବିଭାଗର ସମସ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ରିସୋର୍ସ ପର୍ସନ୍ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ରାଉତ ଧନ୍ୟବାଦ ଦେଇଥିଲେ।

## ଆଜି ଏକବାର, ରବିବାର ଜାଗର

**ଭଦ୍ରକ,୧୩।୨/ଏନ୍ଏନ୍ଏସ୍:** ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଜାଗର ଯାତ୍ରା ପାଇଁ ଆରଡ଼ି ପୀଠ ଉତ୍ସବମୁଖର ହୋଇଉଠିଛି। ଶନିବାର ମନ୍ଦିରର ରୀତିନୀତି ଅନୁଯାୟୀ ଏକବାର ନୀତି ଅନୁଷ୍ଠିତ ହେବ। ଭୋର୍ ୪ଟା ୩୦ରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତୀ ସମ୍ପନ୍ନ ହେବା ପରେ ଘର୍ଷଣଲାଗି, ଜଳାଭିଷେକ ନୀତି ସମ୍ପନ୍ନ କରାଯାଇ ମଣିବାବାଙ୍କୁ ଦିଗମ୍ବର ବେଶରେ ପହିଲି ବାଲ୍ୟଭୋଗ ଲାଗି କରାଯିବ। ପରେ ସକାଳ ୫ଟାରୁ ମଧ୍ୟାହ୍ନ ୧ଟା ଯାଏଁ ଆଗନ୍ତୁକ ଶ୍ରଦ୍ଧାଳୁ ସାହଣମେଳା ଦର୍ଶନ କରିବେ। ଅପରାହ୍ଣ ୪ଟା ସୁଧା ମଣିବାବାଙ୍କ ସମସ୍ତ ସକାଳ ଧୂପ ସରିବା ପରେ ଗର୍ଭଗୃହ ମାର୍ଜନା କରାଯାଇ ନୂଆ ଚାନ୍ଦୁଆ ଲାଗି ହେବାସହ ମନ୍ଦିର ଚୂଡ଼ାରେ ନୂଆନେତ ଲାଗି କରାଯିବ। ପରେ ମଣିବାବାଙ୍କ ବଡ଼ସିଂହାର ବେଶ ସହ ସଂଧ୍ୟାରେ ଏକବାର ଅନ୍ନଭୋଗ ନୀତି ଲାଗି କରାଯିବ। ଏହାସହ ଜାଗର ଯାତ୍ରା ପାଇଁ ମଧ୍ୟ ନୀତି ନିର୍ଘଣ୍ଟ ଘୋଷଣା କରାଯାଇଛି। ଭୋର୍ ୪ଟା ଦ୍ୱାର ଫିଟା ଓ ମଙ୍ଗଳ ଆଳତି, ସକାଳ ୫ଟା କନିକାରାଜାଙ୍କ ପହିଲି ଘର୍ଷଣଲାଗି ଓ ଜଳାଭିଷେକ, ୫ଟା ୩୦ରେ ପାଳିଆ ସ୍ୱୋୟତ ପକ୍ଷରୁ ପହିଲି ବଢ଼ାଭାତ ଅନ୍ନନୀତି ଭୋଗ ଲାଗି, ସକାଳ ୫ଟାରୁ ରାତ୍ର ୧୨ଟା ଯାଏଁ ଶ୍ରଦ୍ଧାଳୁଙ୍କ ସାହାଣମେଳା ଦର୍ଶନ, ସଂଧ୍ୟା ୬ଟାରେ ପ୍ରଥମ ପ୍ରହର ରୁଦ୍ରାଭିଷେକ, ଜଳଲାଗି, ମଧୁ, କ୍ଷିର ସ୍ନାନ, ପଞ୍ଚ ଉପଚାର ପୂଜା, ସଂଧ୍ୟା ୭ଟା ୩୦ରେ ଦ୍ୱିତୀୟ ପ୍ରହର ରୁଦ୍ରାଭିଷେକ, ପଞ୍ଚ ଉପଚାର ପୂଜା, ସଂଧ୍ୟା ଆଳତୀ, ରାତ୍ର ୯ଟାରେ ତୃତୀୟ ପ୍ରହର ମହାସ୍ନାନ, ରୁଦ୍ରାଭିଷେକ, ଜଳଲାଗି, ପଞ୍ଚ ଉପଚାର ପୂଜା, ରାତ୍ର ୧୦ଟା ୩୦ରେ ଚତୁର୍ଥ ପ୍ରହର ରୁଦ୍ରାଭିଷେକ, କ୍ଷିର, ମଧୁ, ପଞ୍ଚାମୃତ ସ୍ନାନ, ୧୦୮ କଳସ ଜଳଲାଗି, ପଞ୍ଚ ଉପଚାର ପୂଜା, ବଡ଼ ଆଳତୀ, ରାତ୍ର ୧ଟାରେ ସୁନାବେଶ ଦର୍ଶନ, ରାତ୍ର ୩ଟାରେ ମହାଦୀପ ପ୍ରସ୍ତୁତି, ଗୁପ୍ତ ଷୋଡ଼ଶ ଉପଚାର ପୂଜା, ମହାଦୀପ ପ୍ରତିଷ୍ଠା ଓ ଅଗ୍ନି ସଂଯୋଗ, ଭୋର୍ ୪ଟାରେ ମହାଦୀପ ବେଢ଼ା ପରିକ୍ରମା, ଭୋର୍ ୪ଟା ୩୦ରେ ମହାଦୀପ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ମନ୍ଦିର ଚୂଡ଼ାରେ ସ୍ଥାପନ ଓ ସକାଳ ୫ଟାରୁ ୬ଟା ଯାଏ ପୁର୍ନବାର ସୁନାବେଶ ଦର୍ଶନ ହେବ।

## ଅବକାରୀ ବିଭାଗର ମିଳିତ ଚଢ଼ଉ, ୪ ଗିରଫ

**ସୋର,୧୩।୨/ଏନ୍ଏନ୍ଏସ୍:** ସୋର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରାଯାଇ ୪ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏବଂ ବାଲେଶ୍ୱର ଭ୍ରାମ୍ୟମାଣ ଅବକାରୀ ଆଇଆଇସି ହରିହର ସିଂ ସୋର ଥାନା ବେଲଦା, ତେନ୍ତୁଳିଆପଡ଼ା, ଷୋଳଗାଁ ଓ ଦୟାନିଧିପୁର ଗ୍ରାମରେ ଚଢ଼ଉ କରି ଏକ ଟାଟା ଏସି, ୨ ବାଇକ୍ ସମେତ ୬୫ ଲିଟର୍ ଦେଶୀମଦ ଏବଂ ୩୦୫ ଲିଟର୍ ଜିଞ୍ଜର ଜବତ କରିଥିଲେ। ଏହାସହ ବେଲଦା ଗ୍ରାମର ଅଭିମନ୍ୟୁ ବେହେରା, ତେନ୍ତୁଳିଆପଦାର ସପନ କୁମାର ମଲ୍ଲିକ, ଷୋଳଗାଁର ଜ୍ୟୋତି ରଞ୍ଜନ ବିଶ୍ୱାଳ, ଦୟାନିଧିପୁରର ରଜତ କୁମାର ନାୟକଙ୍କୁ ଗିରଫ କରିଥିଲେ। ଅନ୍ୟପଟେ ଦୟାନିଧିପୁରର କାହ୍ନୁ ଚରଣ ନାୟକ ଫେରାର୍ ହୋଇଯାଇଥିଲେ। ଅପରାହ୍ନରେ ସୋର ମେଡିକାଲ୍‌ରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ଉରେ ସବ୍‌ଇନ୍ସପେକ୍ଟର୍ ଭବେଶ ଦାସ, ଏଏସ୍ଆଇ ବସନ୍ତ କୁମାର ବାରିକ, ଲମ୍ବୋଦର ମହନ୍ତଙ୍କ ସମେତ ସୋର ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗର କର୍ମଚାରୀମାନେ ସାମିଲ୍ ଥିଲେ।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ, ଡ୍ରାଇଭର୍ ମୃତ

**ବାହାନଗା,୧୩।୨/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ବାହାନଗା ଛକ ନିକଟରେ ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ସକାଳ ୫ଟା ୧୫ ମିନିଟ୍‌ରେ କଲିକତାରୁ ପୁରୀ ଅଭିମୁଖେ ଯାଉଥିବା ଶ୍ରୀ ଭେଙ୍କେଟଲକ୍ଷ୍ମୀ ନାମକ ଏକ ତୀର୍ଥଯାତ୍ରୀ ବସ୍ ଭାରସାମ୍ୟ ହରାଇ ଡିଭାଇଡର୍ ଉପରକୁ ଚଢ଼ି ଯାଇଥିଲା। ଫଳରେ ବସ୍‌ରେ ଥିବା ଡ୍ରାଇଭର୍ ପୋଲକୁ ବାଡ଼େଇ ହୋଇ ପୋଲତଳକୁ ଖସି ପଡ଼ିଥିବାବେଳେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ତେବେ ବସ୍‌ଟି ୪୦ ଯାତ୍ରୀ ନେଇ ଯାଉଥିବାବେଳେ ୧୦ରୁ ଅଧିକ ଗୁରୁତରଙ୍କୁ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନିଆଯାଇଛି। ଘଟଣାସ୍ଥଳରେ ଖନ୍ତାପଡ଼ା ପୁଲିସ୍, ବାହାନଗା ଅଗ୍ନିଶମ ବିଭାଗ ଓ ଜାତୀୟ ରାଜପଥ ପୁଲିସ୍ ମିଳିତଭାବେ ଆହତ ଯାତ୍ରୀଙ୍କୁ



ଉଦ୍ଧାର କରି ତଦନ୍ତ ଚଳାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରି ନଥିଲା। ଏମାନେ ସମସ୍ତେ ଆନ୍ଧ୍ରପ୍ରଦେଶ ଜେନାଲୁରମ୍ ଜିଲ୍ଲାରୁ ଆସିଥିବା ସୂଚନା ମିଳିଛି।

## ତହସିଲଦାରଙ୍କ ଜବରଦଖଲ ଉଚ୍ଛେଦ



**ସୋର,୧୩।୨/ଏନ୍ଏନ୍ଏସ୍:** ସୋର ତହସିଲ୍ ଅଧୀନ ଗୋବିନ୍ଦପୁର ଗ୍ରାମରେ ସରକାରୀ ଜାଗାରେ ହୋଇଥିବା ଏକ ଜବରଦଖଲକୁ ତହସିଲ୍ ପକ୍ଷରୁ ଉଚ୍ଛେଦ କରାଯାଇଛି। ମାର୍କୋଣା କେନାଲ୍ ଡିଭିଜନ୍ ପକ୍ଷରୁ ସାଳନ୍ଦୀ କେନାଲ୍ କାମ ଚାଲିଥିବାବେଳେ ଏହି କେନାଲ୍ ସୋର ଥାନା ଗୋବିନ୍ଦପୁର ଗ୍ରାମ ଦେଇ ଯାଇଛି। କେନାଲ୍ ନିର୍ମାଣ ରାସ୍ତାରେ ଜଣେ ବ୍ୟକ୍ତି ଏକ ସରକାରୀ ଜାଗାରେ ଦୀର୍ଘଦିନ ଧରି ଏକ ୱାଚ୍ ଟାୱାର୍ କରି ସେଠାରେ ବିସ୍ଫୋରକ ଥିବା କହି ଲୋକଙ୍କୁ ଭୟଭୀତ କରୁଥିଲେ। ଫଳରେ ଏ ବାବଦରେ ସୋର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ସୋର ତହସିଲଦାର୍ ଦୈତାରୀ ମଲ୍ଲିକ କୌଣସି କଥାକୁ ଖାତିର୍ ନକରି ବମ୍ ସ୍କ୍ୱାଡ୍, ଅଗ୍ନିଶମ ବିଭାଗ ଓ ସୋର ପୁଲିସ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଘରକୁ ଯାଞ୍ଚ କରିଥିଲେ। କିନ୍ତୁ ସେଠାରୁ କିଛି ବିସ୍ଫୋରକ ନ ମିଳିବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରି ଜବରଦଖଲ ଉଚ୍ଛେଦ କରିଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର୍ କୃଷ୍ଣ ମୋହନ ସିଂହ ଓ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅଗ୍ନିଶମ କେନ୍ଦ୍ର ଅଧିକାରୀ ଯମୁନା ପ୍ରସାଦ ମହନ୍ତଙ୍କ ସମେତ କେନାଲ୍ ଡିଭିଜନ୍‌ର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

କଲେଜ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ

## କାର୍‌ରୁ ଉଦ୍ଧାର କଲେ ଗ୍ରାମବାସୀ, ୨ ଅଟକ

**ତିହିଡ଼ି,୧୩।୨/ଏନ୍ଏନ୍ଏସ୍:** ତିହିଡ଼ି କଲେଜକୁ ଫର୍ମପୂରଣ କରିବାକୁ ଆସିଥିବା ଜନୈକା +୩ ଶେଷବର୍ଷର ଛାତ୍ରୀଙ୍କୁ କାର୍‌ରେ ଅପହରଣ କରିନିଆଯାଉଥିବା ବେଳେ ଗ୍ରାମବାସୀ ଉଦ୍ଧାର କରିଛନ୍ତି। କାର୍‌କୁ ଭଙ୍ଗାରୁଜା କରିବା ସହ ୨ ଜଣ ଯୁବକଙ୍କୁ ତିହିଡ଼ି ପୁଲିସ୍‌କୁ ହସ୍ତାନ୍ତର କରାଯାଇଛି। ସଂପୃକ୍ତା ଛାତ୍ରୀ ଜଣକ କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କୁ ତାଙ୍କ ବାପା ଶୁକ୍ରବାର ତିହିଡ଼ି କଲେଜରେ ଛାଡ଼ି ଚାଲିଯାଇଥିଲେ। ତେବେ ପରୀକ୍ଷା ଫର୍ମପୂରଣ ପାଇଁ ସେ ଜେରକ୍ସ ଦୋକାନକୁ ଯାଇଥିବାବେଳେ ୪ ଜଣ ଯୁବକ ତାଙ୍କୁ କାର୍‌ରେ ଟେକିନେଇ ଦ୍ରୁତ ଗତିରେ ଚାଲିଯାଇଥିଲେ। କାର୍‌ଟି ଦ୍ରୁତ ଗତିରେ ବାଉଁଶବାଗ ଗ୍ରାମ ଭିତରେ ପଶିଯାଇଥିଲା। ରାସ୍ତାରେ କେତେକ ସ୍ଥାନରେ କାଁଭାଁ ଦୁର୍ଘଟଣା ମଧ୍ୟ ଘଟାଇଥିବା ପୁଲିସ୍ କହିଛି। ତେବେ ଗ୍ରାମବାସୀ କାର୍‌ଟିକୁ ଅଟକାଇବା ପରେ ୨ ଜଣ ଯୁବକ କୌଶଳକ୍ରମେ ଖସିଯାଇଥିବା ବେଳେ ୨ ଜଣ ଯୁବକ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଥିଲେ। କିଛି ଉତ୍ତ୍ୟକ୍ତ ଲୋକେ କାର୍ ଭଙ୍ଗାରୁଜା କରିଥିଲେ। ପୁଲିସ୍ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଘଟଣାରେ ନିରୁ ଓ ଅନ୍ୟଜଣେ ଯୁବକ ଥାନାରେ ଅଟକ ଥିବା ଜଣାପଡ଼ିଛି। ପୁଲିସ୍ ବିଭିନ୍ନ ଦଫାରେ ମାମଲା ରୁ କରିଛି।

## ସାରଡ଼ାଙ୍ଗ-ରାଇକୁଳା ଭାୟା ଅରଖପଦା ରାସ୍ତାର ଭିତ୍ତିପ୍ରସ୍ତର



**ଖଇରା,୧୩।୨/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ ସାରଡ଼ାଙ୍ଗ ପଞ୍ଚାୟତ ଅଧୀନ ସାରଡ଼ାଙ୍ଗ ଆରଡ଼ି ରାସ୍ତାରୁ ରାଇକୁଳା ଭାୟା ଅରଖପଦା ରାସ୍ତାର ଭିତ୍ତିପ୍ରସ୍ତର ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ସ୍ଥାପନା କରାଯାଇଛି। ଝିଙ୍କିରିଆ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ କୈଳାସ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାମନ୍ତ, ସ୍ଥାନୀୟ ସରପଞ୍ଚ ପ୍ରଣତିବାଳା ମାଝୀ, ପ୍ରାକ୍ତନ ମଣ୍ଡଳ ସଭାପତି ବୁଲୁ ଲେଙ୍କା, ସରପଞ୍ଚ ପ୍ରତିନିଧି ସୁରେଶ କୁମାର ମାଝୀ, ପୂର୍ବତନ ସମିତିସଭ୍ୟ କୈଳାଶ ଚନ୍ଦ୍ର ମାଝୀ ଓ ଦିଲ୍ଲୀପ ବେହେରା, ସୁଦାମ ପୃଷ୍ଟି, ବାବୁଲି ପଣ୍ଡା ଓ ଠିକାଦାର ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀମାନେ ମିର୍ଜାପୁର ସମିତିରେ ଚାଲିଥିବା ବିଭିନ୍ନ ଅବ୍ୟବସ୍ଥା ଯଥା ମିଲର୍ ଧାର୍ଯ୍ୟ ଦିବସରେ ଧାନ କିଣିବାକୁ ନଆସିବା, ଧାନକିଣା ସରିବା ପରେ ମଧ୍ୟ ମିଲର୍ ପରିବହନ ପାଇଁ ଗାଡ଼ି ନପଠାଇବା ଏବଂ ୮ରୁ ୧୦ ପ୍ରତିଶତ କଟ୍‌ନି ଛଟନି କରିବା ସମ୍ପର୍କିତ ଅଭିଯୋଗ ଉତ୍ଥାପନ କରାଯାଇଥିଲା। ଚାଷୀଙ୍କ ସମସ୍ତ ଅଭିଯୋଗ ଶୁଣିବା ପରେ ବିଧାୟକ ପଣ୍ଡା ଫୋନ୍ ଯୋଗେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମିର୍ଜାପୁରକୁ ଅତିରିକ୍ତ ମିଲର୍ ଏଜେଣ୍ଟ ଟ୍ୟାଗ୍ କରିବା ସହ ନିଯୁକ୍ତ ମିଲର୍ ଏଜେଣ୍ଟଙ୍କୁ ଧାର୍ଯ୍ୟ ଦିବସରେ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିଲେ।

# ବୈଦ୍ୟୁତିକ ସୁରକ୍ଷା ସଚେତନତାକୁ ଟିପିଏନ୍‌ଓଡିଏଲ୍‌ର ଅଗ୍ରାଧିକାର

**ବାଲେଶ୍ୱର,୧୩।୨/ଏନ୍ଏନ୍ଏସ୍:** ଆଗାମୀ ଗ୍ରୀଷ୍ମ ଋତୁରେ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତାକୁ ଟିପିଏନ୍‌ଓଡିଏଲ୍ ଅଗ୍ରାଧିକାର ଦେଇ କାର୍ଯ୍ୟ କରିବାକୁ ବିଭିନ୍ନ ପ୍ରତିଶେଧମୂଳକ ପଦକ୍ଷେପ ଗ୍ରହଣ କରିଥିବା କମ୍ପାନୀ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି। ବିଦ୍ୟୁତ୍ ତାର ଓ ଟ୍ରାନ୍ସଫର୍ମର୍ ନିକଟରେ ନିର୍ମାଣ କାର୍ଯ୍ୟ, ବୈଦ୍ୟୁତିକ ଯନ୍ତ୍ରପାତିରେ ଅଣକୁଶଳୀ ମରାମତି କାର୍ଯ୍ୟ, ହୁକିଂ ଓ ଛିଣ୍ଡା ତାରର ବ୍ୟବହାର ଆଦି ପାଇଁ ଦୁର୍ଘଟଣା ଘଟୁଥିବା ସୂଚନାକୁ ଭିତ୍ତିକରି ଜନସଚେତନତା ବୃଦ୍ଧି କରିବାକୁ ଟିପିଏନ୍‌ଓଡିଏଲ୍ ଗୁରୁତ୍ୱ ଦେଇଛି। ଏଥିଲାଗି ଏକ ସ୍ୱତନ୍ତ୍ର କମିଟି ମଧ୍ୟ ଗଠନ କରାଯାଇ ସୁରକ୍ଷା ସଚେତନତା ସମ୍ପର୍କିତ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ବିଦ୍ୟାଳୟ ତଥା କଲେଜରେ ଶିକ୍ଷାର୍ଥୀଙ୍କୁ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ପଥପ୍ରାନ୍ତ ନାଟକ, କାନ୍ଥରେ ସଚେତନତା ବାର୍ତ୍ତା, ଉପଭୋକ୍ତା ସମ୍ମିଳନୀ, ଡାକବାଜି ଯନ୍ତ୍ର ତଥା



ବିଭିନ୍ନ ଗଣମାଧ୍ୟମ ଜରିଆରେ ସଚେତନତା ଅଭିଯାନ ବ୍ୟାପକ କରିବା ସହ ଧନଜୀବନ ହାନିକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ଟିପିଏନ୍‌ଓଡିଏଲ୍‌ର ଏହି କାର୍ଯ୍ୟଧାରା ବଳବତ୍ତର ରହିଛି। ସେହିପରି ଆଗନ୍ତୁକ ଗ୍ରୀଷ୍ମ ଋତୁରେ ଏସି, ଫ୍ରିଜ୍, କୁଲର୍ ଓ ପାଣିପମ୍ପ ଆଦି ଉଚ୍ଚକ୍ଷମତାଯୁକ୍ତ ବିଦ୍ୟୁତ୍ ଉପକରଣର ବ୍ୟବହାର ପୂର୍ବରୁ ଏହାକୁ ଅଧିକୃତ ଇଲେକ୍ଟ୍ରିସିଆନ୍‌ଙ୍କ ଦ୍ୱାରା ଯାଞ୍ଚ କରାଇନେବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ବିଜୁଳିର ଅଯଥା ଅପଚୟକୁ ରୋକିବା ସହ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମର୍‌ରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ମରାମତି କରିବା ପାଇଁ ଚେଷ୍ଟା ନକରି ଟିପିଏନ୍‌ଓଡିଏଲ୍ କାର୍ଯ୍ୟାଳୟ ଅଥବା ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବା ପାଇଁ ମଧ୍ୟ ସମସ୍ତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ କର୍ମଚାରୀଙ୍କ ସୁରକ୍ଷା ଦିଗରେ ହେଲମେଟ୍, ହାର୍ନେସ୍, ସୁରକ୍ଷା ଜୋତା, ଗ୍ଲୋବ୍ସ ଓ ନିଅନ୍ ଟେଷ୍ଟର୍ ଆଦି ସୁରକ୍ଷା ଉପକରଣର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିବା ସହ ସୁରକ୍ଷା ପ୍ରଣାଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ବାର୍ତ୍ତା ଜାରି ହୋଇଛି। ଏ ଦିଗରେ ସଂସ୍ଥା ଏକ ଅଭିନବ ଉପାୟରେ ଜନସାଧାରଣଙ୍କୁ ଏହାର ତଦାରଖ ଦାୟିତ୍ୱ ଦେଇ ସହାୟତା କାମନା କରିଛି। ଟିପିଏନ୍‌ଓଡିଏଲ୍ କର୍ମଚାରୀ ବୈଦ୍ୟୁତିକ କାର୍ଯ୍ୟ କରୁଥିବା ସମୟରେ ଯଦି ସୁରକ୍ଷା ଉପକରଣ ବ୍ୟବହାର ନକରନ୍ତି ଅବା ଅସୁରକ୍ଷିତ ଉପାୟରେ କାର୍ଯ୍ୟ ସମ୍ପାଦନ କରୁଥିବା ଦେଖିବାକୁ ମିଳେ ତା'ହେଲେ ସାଧାରଣ ଲୋକେ ଏହାର ଫଟୋ କିମ୍ବା ଭିଡିଓ ଉତ୍ତୋଳନ କରି ୯୧୨୪୨-୫୪୦୧୧ ନମ୍ବରକୁ ହ୍ୱାଟ୍ସଆପ୍ ଯୋଗେ ପଠାଇ ଟିପିଏନ୍‌ଓଡିଏଲ୍‌କୁ ଏ ଦିଗରେ ସୂଚନା ଦେଇପାରିବେ। ଏଥିଲାଗି ଟିପିଏନ୍‌ଓଡିଏଲ୍ ପକ୍ଷରୁ ସୂଚନାଦାତାଙ୍କୁ ପୁରସ୍କୃତ ମଧ୍ୟ କରାଯିବାର ଯୋଜନା ରହିଛି।

# ବିଜୟ ଖାତା ଖୋଲିଲା ୟୁଏଇ

**ଅନ୍ତିମ ଓଭରରେ କାନାଡାକୁ ହରାଇଲା**

**ଆର୍ଯ୍ୟାଂଶ ଶର୍ମା ଓ ସୋହେବ୍ ଖାନ୍‌ଙ୍କ ଅର୍ଦ୍ଧଶତକ**

**ଜୁନୈଦ ସିଦ୍ଦିକିଙ୍କୁ ୫ ଓ୍ୱିକେଟ୍**



**ନୂଆଦିଲ୍ଲୀ,୧୩।୨/ଏଜେନ୍ସି:** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଚଳିତ ବିଶ୍ୱକପ୍‌ରେ ବିଜୟ ଖାତା ଖୋଲିଛି। ଶୁକ୍ରବାର ସ୍ଥାନୀ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଡି' ମ୍ୟାଚ୍‌ରେ ଟିମ୍ କାନାଡାକୁ ୫ ଓ୍ୱିକେଟ୍‌ରେ ହରାଇଛି। କାନାଡା ୭ ଓ୍ୱିକେଟ୍ ବିନିମୟରେ ୧୫୦ ରନ୍ କରିଥିବା ବେଳେ ୟୁଏଇ ୧୯.୪ ଓଭର୍‌ରେ ଲକ୍ଷ୍ୟ ହାସଲ କରିନେଇଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ୟୁଏଇର ପ୍ରଥମ ବିଜୟ ହୋଇଥିବା ବେଳେ କାନାଡା ଖାତା ମଧ୍ୟ ଖୋଲିପାରି ନାହିଁ।

ରନ୍ ଚେଜ୍‌ରେ ୟୁଏଇ ପାଇଁ ଓପ୍ନର୍ ବ୍ୟାଟର୍ ଆର୍ଯ୍ୟାଂଶ ଶର୍ମା ପ୍ରମୁଖ ଭୂମିକା ତୁଲାଇଥିଲେ। ସେ ୬ ଚୌକା ଓ ତିନି ଛକା ସହାୟତାରେ ୫୩ ବଲ୍‌ରେ ଅପରାଜିତ ୭୪ ରନ୍ କରିଥିଲେ। ସେହିପରି ସୋହେବ୍ ଖାନ୍ ମାତ୍ର ୨୯ ବଲ୍‌ରେ ଚାରିଟି ଲେଖାଏଁ ଛକା ଓ ଚୌକା ଦମ୍‌ରେ ୫୧ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ଦୁହିଁଙ୍କ ମଧ୍ୟରେ ପଞ୍ଚମ ଓ୍ୱିକେଟ୍ ପାଇଁ ୮୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା, ଯାହା ମ୍ୟାଚ୍‌ର ମୋଡ଼ ବଦଳାଇଥିଲା। କାନାଡା ପାଇଁ ସାଦ୍ ବିନ୍ ଜାଫର୍ ସର୍ବାଧିକ ୩ଟି ଓ୍ୱିକେଟ୍ ନେଇଥିଲେ। କଲିମ୍ ସନା ଓ ଜସ୍‌କରନ୍ ସିଂହଙ୍କୁ ୧-୧ ସଫଳତା ମିଳିଥିଲା। ଏହା ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା କାନାଡା ୭ ଓ୍ୱିକେଟ୍‌ରେ ୧୫୦ ରନ୍ କରିଥିଲା। ହର୍ଷ ଠାକେର୍ ୩ ଛକା ଓ ଦୁଇ ଚୌକା ବଳରେ ୪୧ ବଲ୍‌ରେ ୫୦ ରନ୍‌ର ଯୋଗଦାନ ଦେଇଥିଲେ। ସେହିପରି ନବନୀତ ଧାଲିଓ୍ୱାଲ୍ ଚମତ୍କାର ପ୍ରଦର୍ଶନ କରି ଚାରି ଚୌକା ସହାୟତାରେ ୨୮ ବଲ୍‌ରେ ୩୪ ରନ୍‌ର ଇନିଂସ୍ ଖେଳିଥିଲେ। ଓ୍ୱିକେଟ୍‌କିପର୍ ବ୍ୟାଟର୍ ଶ୍ରେୟସ୍ ମୋଭା ମଧ୍ୟ ଉପଯୋଗୀ ୨୧ ରନ୍ କରିଥିଲେ। କ୍ୟାପ୍ଟେନ୍ ଦିଲ୍‌ପ୍ରୀତ୍ ବାଜ୍‌ଓ୍ୱାଙ୍କ ବ୍ୟାଟ୍‌ରୁ ୧୧ ରନ୍ ବାହାରିଥିଲା। ୟୁଏଇ ପକ୍ଷରୁ ଫାଷ୍ଟ ବୋଲର୍ ଜୁନୈଦ ସିଦ୍ଦିକି ଚମତ୍କାର ବୋଲିଂ କରି ୫ଟି ଓ୍ୱିକେଟ୍ ନେଇଥିଲେ।

**ମୁକମଲ୍ଲାଙ୍କ ଅର୍ଦ୍ଧଶତକ, ଗୁରମିତ୍‌ଙ୍କୁ ୪ ଓ୍ୱିକେଟ୍**

# ନେଦରଲାଣ୍ଡ୍‌ସକୁ ମାତ୍ ଦେଲା ଆମେରିକା



**ଚେନ୍ନାଇ,୧୩।୨/ଏଜେନ୍ସି:** ନେଦରଲାଣ୍ଡ୍‌ସକୁ ୯୩ ରନ୍‌ରେ ମାତ୍ ଦେଇ ଆମେରିକା ଚଳିତ ଟି-୨୦ ବିଶ୍ୱକପ୍‌ରେ ବିଜୟ ସ୍ୱାଦ ଚାଖିଛି। ଶୁକ୍ରବାର ସ୍ଥାନୀୟ ଏମ୍ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଏ' ମ୍ୟାଚ୍‌ରେ ନେଦରଲାଣ୍ଡ୍‌ସକୁ ଆମେରିକା ୧୯୭ ରନ୍‌ର ଲକ୍ଷ୍ୟ ଦେଇଥିଲା। ଜବାବରେ ଡଚ୍ ଟିମ୍ ୧୫.୫ ଓଭରରେ ୧୦୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଏହା କୌଣସି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ନେଦରଲାଣ୍ଡ୍‌ସ ବିପକ୍ଷରେ ଆମେରିକାର ପ୍ରଥମ ବିଜୟ। ସେହିପରି ଟି-୨୦ ବିଶ୍ୱକପ୍‌ରେ କୌଣସି ଆସୋସିଏଟ୍ ଟିମ୍‌ର ରନ୍ ହିସାବରେ ସବୁଠୁ ବଡ଼ ବିଜୟ।

ଲକ୍ଷ୍ୟର ପିଛା କରୁଥିବା ନେଦରଲାଣ୍ଡ୍‌ସ ଟିମ୍ ପ୍ରଥମରୁ ହିଁ ଓ୍ୱିକେଟ୍ ହରାଇଥଲା। ବାସ୍ ଡି ଲିଡେ ଟିମ୍ ପକ୍ଷରୁ ସର୍ବାଧିକ ୨୩ ରନ୍ କରିଥିଲେ। ଏହା ବ୍ୟତୀତ କ୍ୟାପ୍ଟେନ୍ ସ୍କଟ୍ ଏଡ୍‌ଓ୍ୱାର୍ଡ୍ସ (୨୦ ରନ୍), ମ୍ୟାକ୍ସ ଓ'ଡାଉ୍ (୧୩ ରନ୍) ଏବଂ ରୁଲୋଫ୍ ଭାନ୍ ଡର୍ ମର୍ୱ (୧୦ ରନ୍) ଦୁଇଅଙ୍କରେ ପହଞ୍ଚିବାରେ ସଫଳ ହୋଇଥିଲେ। ଆମେରିକା ପକ୍ଷରୁ ସ୍ପିନର୍ ହରମିତ୍ ସିଂହ ୪ ଓ୍ୱିକେଟ୍ ଅକ୍ତିଆର କରିଥିଲେ। ଫାଷ୍ଟ ବୋଲର୍ ଶେଡ୍‌ଲି ଭାନ୍ ଶକ୍‌ଓ୍ୱିକ୍ ମଧ୍ୟ ତିନିଟି ସଫଳତା ହାସଲ କରିଥିଲେ। ମହମ୍ମଦ ମୋହସିନ୍‌ଙ୍କୁ ଦୁଇଟି ଓ୍ୱିକେଟ୍ ମିଳିଥିବା ବେଳେ ନୋସ୍ଥୁଶ କେଞ୍ଜିଗେ ଗୋଟିଏ ଓ୍ୱିକେଟ୍ ପାଇଥିଲେ।

ଏହା ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଆମେରିକା ୬ ଓ୍ୱିକେଟ୍‌ରେ ୧୯୬ ରନ୍ କରିଥିଲା। ସୈତେଜା ମୁକମଲ୍ଲା ୫ ଚୌକା ଓ ୪ ଛକା ସହାୟତାରେ ୫୧ ବଲ୍‌ରେ ୭୯ ରନ୍‌ର ଇନିଂସ୍ ଖେଳିଥିଲେ। ସେହିପରି ଶୁଭମ ରଞ୍ଜନେ ୨୪ ବଲ୍‌ରେ ଅପରାଜିତ ୪୮ ରନ୍‌ର ଯୋଗଦାନ ଦେଇଥିଲେ। ଏଥିରେ ତାଙ୍କର ୩ ଚୌକା ଓ ୨ ଛକା ସାମିଲ ଥିଲା। କ୍ୟାପ୍ଟେନ୍ ମୋନାଙ୍କ ପଟେଲ୍ (୩୬ ରନ୍) ଓ ଶାୟନ୍ ଜାହାଙ୍ଗୀର (୨୦ ରନ୍) ମଧ୍ୟ ଉପଯୋଗୀ ଇନିଂସ୍ ଖେଳିଥିଲେ। ନେଦରଲାଣ୍ଡ୍‌ସ ପକ୍ଷରୁ ବାସ୍ ଡି ଲିଡେ ସର୍ବାଧିକ ୩ଟି ଓ୍ୱିକେଟ୍ ନେଇଥିବା ବେଳେ ଫ୍ରେଡ୍ କ୍ଲାସେନ୍, କାଇଲ୍ କ୍ଲେନ୍ ଓ ଲୋଗାନ୍ ଭାନ୍ ବିକ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

**ଟି-୨୦ ବିଶ୍ୱକପ୍ ୨୦୨୬ର ପ୍ରଥମ ବିପର୍ଯ୍ୟୟ**

# ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ହରାଇଲା ଜିମ୍ବାୱେ

**କଲମ୍ବୋ,୧୩।୨/ଏଜେନ୍ସି:** ଚଳିତ ବିଶ୍ୱକପ୍‌ରେ ଶୁକ୍ରବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଜିମ୍ବାୱେ ୨୩ ରନ୍‌ର ପୂର୍ବତନ ଚାମ୍ପିଅନ୍ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ସ୍ଥାନୀୟ ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଜିମ୍ବାୱେ ୨୦ ଓଭର୍‌ରେ ୨ ଓ୍ୱିକେଟ୍ ହରାଇ ୧୬୯ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆର ପୂରା ଟିମ୍ ୧୯.୩ ଓଭର୍‌ରେ ୧୪୬ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ଏହା ଅଷ୍ଟ୍ରେଲିଆ ବିପକ୍ଷରେ ଜିମ୍ବାୱେର ଦ୍ୱିତୀୟ ବିଜୟ। ପୂର୍ବରୁ ୨୦୦୭ ଟି-୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆକୁ ପାଞ୍ଚ ଓ୍ୱିକେଟ୍‌ରେ ହରାଇଥିଲା।

- ▶ **୧୭୦ ରନ୍ ଚେଜ୍ କରିପାରିଲାନି କଙ୍ଗାରୁ ଟିମ୍**
- ▶ **୨୦୦୭ ବିଶ୍ୱକପ୍‌ରେ ମଧ୍ୟ ହରାଇ ସାରିଛି ଜିମ୍ବାୱେ**

ଏହି ବିପର୍ଯ୍ୟୟ ସହ ଗ୍ରୁପ୍-ବି'ରେ ସୁପର୍-୮ରେ ପହଞ୍ଚିବା ଲଢ଼େଇ ମଧ୍ୟ ରୋଚକ ହୋଇଛି। ଏହି ପରାଜୟ ସହ ଅଷ୍ଟ୍ରେଲିଆର ସୁପର-୮ ଦୌଡ଼ରୁ ବାଦ୍ ପଡ଼ିବା ବିପଦ ସୃଷ୍ଟି ହୋଇଛି। ଏବେ ଟିମ୍‌କୁ ସମସ୍ତ ମ୍ୟାଚ୍ ଜିତିବାକୁ ପଡ଼ିବ। ଗୋଟିଏ ପରାଜୟ ଟିମ୍‌ର ଆଶାରୁ ଧୂଳିସାତ୍ କରିଦେବ। ଦୁଇଟି ମ୍ୟାଚ୍ ପରେ ଅଷ୍ଟ୍ରେଲିଆ ଏବେ ତୃତୀୟ ସ୍ଥାନରେ ରହିଛି। ଟିମ୍ ନିଜର ପରବର୍ତ୍ତୀ ମ୍ୟାଚ୍ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଯଦି ଏହି ମ୍ୟାଚ୍‌ରେ ପରାଜିତ ହୁଏ, ତେବେ ବାହାର ହୋଇଯିବ। ଜିମ୍ବାୱେ କିମ୍ବା ଶ୍ରୀଲଙ୍କା ଗୋଟିଏ ଲେଖାଏଁ ମ୍ୟାଚ୍ ହାରିବା ସହ ଅଷ୍ଟ୍ରେଲିଆ ବାକି ମ୍ୟାଚ୍ ବଡ଼ ବ୍ୟବଧାନରେ ଜିତିଲେ ହିଁ ସୁପର୍-୮ରେ ପହଞ୍ଚିପାରିବ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ ପ୍ରଥମରୁ ଉନ୍ନତ ଆରମ୍ଭ କରିଥିଲା। ଟିମ୍‌କୁ ୬୧ ରନ୍‌ର ସ୍କୋର୍‌ରେ ପ୍ରଥମ ଝଟ୍‌କା ଲାଗିଥିଲା। ତାଦିଓ୍ୱାନାଶେ ମରୁମାନୀ ୨୧ ବଲ୍‌ରେ ୩୫ ରନ୍ କରିଥିବା ବେଳେ ମାର୍କସ ଷ୍ଟୋଇନିସ୍ ତାଙ୍କୁ ଜୋଶ୍ ଇଙ୍ଗଲିସ୍‌ଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହାପରେ ର୍ୟାନ୍ ବର୍ଲ (୩୦)ଙ୍କୁ ଆଉଟ୍ କରି କାମେରନ୍ ଗ୍ରୀନ୍ ଟିମ୍‌କୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ। ଓପ୍ନର୍ ବ୍ରାୟନ୍ ବେନେଟ୍ ୫୬ ବଲ୍‌ରେ ସାତ ଚୌକା ସହାୟତାରେ ୬୪ ରନ୍ କରି ଅପରାଜିତ ରହିଥିଲେ। ସେହିପରି କ୍ୟାପ୍ଟେନ୍ ସିକନ୍ଦର ରଜା ୧୩ ବଲ୍‌ରେ ଦୁଇ ଚୌକା ଓ ଗୋଟିଏ ଛକା ବଳରେ ଅପରାଜିତ ୨୫ ରନ୍ କରିଥିଲେ। ଦୁହିଁଙ୍କ ମଧ୍ୟରେ ତୃତୀୟ ଓ୍ୱିକେଟ୍ ପାଇଁ ୨୪ ବଲ୍‌ରେ ୩୮ ରନ୍‌ର ପାର୍ଟନରଶିପ୍ ହୋଇଥିଲା।




୧୭୦ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଅଷ୍ଟ୍ରେଲିଆକୁ ୧୩ ରନ୍‌ର ସ୍କୋର୍‌ରେ ପ୍ରଥମ ଝଟ୍‌କା ଲାଗିଥିଲା। ଓପ୍ନର୍ ଜୋଶ୍ ଇଙ୍ଗଲିସ୍ (୮ରନ୍)ଙ୍କୁ ବ୍ଲେସିଙ୍ଗ୍ ମୁଜରବାନୀ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ କାମେରନ୍ ଗ୍ରୀନ୍ ଓ ଟିମ୍ ଡେଭିଡ୍ ଖାତା ଖୋଲିବା ପୂର୍ବରୁ ଯଥାକ୍ରମେ ବ୍ରାଡ୍ ଇଭାନ୍ସ ଓ ମୁଜରବାନୀଙ୍କ ଶିକାର ହୋଇଥିଲେ। ଟ୍ରେଭିସ୍ ହେଡ୍ ୧୭ ରନ୍‌ରେ ବ୍ରାଡ୍ ଇଭାନ୍ସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେତେବେଳକୁ ଅଷ୍ଟ୍ରେଲିଆ ସ୍କୋର୍ ୪ ଓ୍ୱିକେଟ୍‌ରେ ୨୯ ରନ୍ ହୋଇଥିଲା। ଏହାପରେ ଗ୍ଲେନ୍ ମାକ୍ସୱେଲ୍ ଓ ମ୍ୟାଟ୍ ରେନ୍‌ସାଁ ଇନିଂସ୍ ସମ୍ଭାଳି ପଞ୍ଚମ ଓ୍ୱିକେଟ୍ ପାଇଁ ୫୯ ବଲ୍‌ରେ ୭୭ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୦୦ ରନ୍ ପାର୍ କରାଇଥିଲେ। ମାକ୍ସୱେଲ୍ (୩୧ ରନ୍)ଙ୍କୁ ବୋଲ୍ଡ ଆଉଟ୍ କରି ର୍ୟାନ୍ ବର୍ଲ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଏହାପରେ ମାର୍କସ୍ ଷ୍ଟୋଇନିସ୍ (୬ ରନ୍) ଓ୍ୱେଲିଂଟନ୍ ମଦାକାଦ୍‌ଜାଙ୍କ ଶିକାର ହୋଇଥିଲେ। ମୁଜରବାନୀ ଏହାପରେ ମ୍ୟାଟ୍ ରେନ୍‌ସାଁ ଏବଂ ଆଦାମ୍ ଜାମ୍ପାଙ୍କ ଓ୍ୱିକେଟ୍ ଅକ୍ତିଆର କରିଥିଲେ। ରେନ୍‌ସାଁ ୪୪ ବଲ୍‌ରେ ପାଞ୍ଚ ଚୌକା ଓ ଗୋଟିଏ ଛକା ବଳରେ ୬୫ ରନ୍ କରିଥିଲେ। ମାଥ୍ୟୁ କୁହ୍ନେମନ୍ ରନ୍‌ଆଉଟ୍ ହେବାପରେ ଜିମ୍ବାୱେ ଇତିହାସ ରଚିଥିଲା। ଟିମ୍ ପକ୍ଷରୁ ମୁଜରବାନୀ ସର୍ବାଧିକ ୪ଟି, ବ୍ରାଡ୍ ଇଭାନ୍ସ ୩ଟି ଓ୍ୱିକେଟ୍ ନେଇଥିବା ବେଳେ ମସାକାଦ୍‌ଜା ଓ ବର୍ଲଙ୍କୁ ୧-୧ ସଫଳତା ମିଳିଥିଲା।

# ଆହତ ପଲ୍ ଷ୍ଟର୍ଲିଂ ଓ ବ୍ରେଣ୍ଡନ୍ ଟେଲର୍ ବାଦ୍

**ନୂଆଦିଲ୍ଲୀ,୧୩।୨/ଏଜେନ୍ସି:** ଚଳିତ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଓ ଜିମ୍ବାୱେ ଟିମ୍‌କୁ ଝଟ୍‌କା ଲାଗିଛି। ଆୟର୍ଲାଣ୍ଡ ଟିମ୍‌ର କ୍ୟାପ୍ଟେନ୍ ତଥା ଅନୁଭବୀ ଓପ୍ନର୍ ପଲ୍ ଷ୍ଟର୍ଲିଂ ଆଣ୍ଠୁ ଲିଗାମେଣ୍ଟ ଆଘାତ କାରଣରୁ ବାକି ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ସେହିପରି ଜିମ୍ବାୱେର ୪୦ ବର୍ଷୀୟ ଅନୁଭବୀ ଓ୍ୱିକେଟ୍‌କିପର୍ ବ୍ୟାଟର୍ ବ୍ରେଣ୍ଡନ୍ ଟେଲର୍ ମଧ୍ୟ ଆଘାତ କାରଣରୁ ବାକି ଟୁର୍ଣ୍ଣାମେଣ୍ଟରୁ ବାହାର ହୋଇଛନ୍ତି। ଆମେରିକା ବିପକ୍ଷ ମ୍ୟାଚ୍‌ରେ କ୍ୟାଚ୍ ନେବା ସମୟରେ ପଲ୍ ଷ୍ଟର୍ଲିଂଙ୍କୁ ଆଘାତ ଲାଗିଥିଲା ଏବଂ ପରେ ବ୍ୟାଟିଂ ବେଳେ ଏହା ଗୁରୁତର ହୋଇଥିଲା। ସ୍କାନ୍ କରାଯିବା ପରେ ଲିଗାମେଣ୍ଟ ଡ୍ୟାମେଜ୍ ହୋଇଥିବା ଜଣାପଡ଼ିଥିଲା। ଷ୍ଟର୍ଲିଂଙ୍କ ସ୍ଥାନରେ ବାମହାତୀ ଓପ୍ନର୍ ସାମ୍ ଟପିଂଙ୍କୁ ଆୟର୍ଲାଣ୍ଡ ଟିମ୍‌ରେ ସାମିଲ କରାଯାଇଛି। ତାଙ୍କ ସାମିଲ ଟିମ୍‌କୁ ନୂଆ ଆରମ୍ଭ ଦେଇପାରେ। ମାତ୍ର ନେତୃତ୍ୱ ବୋଝ ଏବେ ଅନ୍ୟ ଖେଳାଳିଙ୍କୁ ଉପରେ ପଡ଼ିବ। ଯାହା ଟିମ୍‌ର ରଣନୀତି ଓ ଖେଳ ଉପରେ ପ୍ରଭାବ ପକାଇପାରେ। ଅନ୍ୟପକ୍ଷରେ ଓମାନ୍ ବିପକ୍ଷ ମ୍ୟାଚ୍‌ରେ ଟେଲର୍‌ଙ୍କୁ ଆଘାତ ଲାଗିଥିଲା। ଏହି ମ୍ୟାଚ୍‌ରେ ଜିମ୍ବାୱେ ବିଜୟୀ ହୋଇଥିଲା ଏବଂ ଟେଲର୍ ୩୦ ବଲ୍‌ରେ ୩୧ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଓ୍ୱିକେଟ୍‌କିପିଂ ବେଳେ ସେ ତିନିଟି କ୍ୟାଚ୍ ମଧ୍ୟ ନେଇଥିଲେ। ମାତ୍ର ହାମ୍‌ଷ୍ଟ୍ରିଙ୍ଗ୍ ଇନ୍‌ଜୁରୀ ତାଙ୍କୁ ଆଗକୁ ଖେଳିବାରୁ ରୋକିଛି। ତାଙ୍କ ସ୍ଥାନରେ ବେନ୍ କରନ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ବେନ୍ କରନ୍ ଜଣେ ଟପ୍ ଅର୍ଡର ବ୍ୟାଟର୍। ତେବେ ଟି-୨୦ ଅନ୍ତର୍ଜାତୀୟରେ ଏହା ତାଙ୍କର ପ୍ରଥମ ସୁଯୋଗ ହେବ।



# ଭାରତ-ପାକିସ୍ତାନ ମ୍ୟାଚ୍‌ରେ ବର୍ଷା ଆଶଙ୍କା

**● କଲମ୍ବୋରେ ପହଞ୍ଚିଲା ଭାରତୀୟ ଟିମ୍ ● ରବିବାର ୨୪ ଘଣ୍ଟା ବର୍ଷା ଅନୁମାନ**

**ନୂଆଦିଲ୍ଲୀ,୧୩।୨/ଏଜେନ୍ସି:** ବର୍ଷା ଭାରତ-ପାକିସ୍ତାନ ବିଶ୍ୱକପ୍ ମ୍ୟାଚ୍‌ର ମଜା ବିଗାଡ଼ିପାରେ। ଚଳିତ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଦୁଇ ଟିମ୍ ଫେବୃଆରୀ ୧୫ରେ (ରବିବାର) ମୁହାଁମୁହିଁ ହେବେ। ମାତ୍ର ସେହିଦିନ କଲମ୍ବୋର ୬୦ ପ୍ରତିଶତ ଭାଗରେ ବର୍ଷା ହେବାର ସମ୍ଭାବନା ରହିଛି। ଯଦି ଏପରି ହୁଏ, ତେବେ ପ୍ରଶଂସକ କ୍ରିକେଟ୍‌ର ଏକ ମହାମୁକାବିଲା ହରାଇବେ। ଟିମ୍ ଇଣ୍ଡିଆ ଶୁକ୍ରବାର ରାତି ସାଢ଼େ ୯ଟାରେ କଲମ୍ବୋ ପହଞ୍ଚିସାରିଛି। ଅନ୍ୟପକ୍ଷରେ ପାକିସ୍ତାନ ଟିମ୍ ନିଜର ସମସ୍ତ ମ୍ୟାଚ୍ କଲମ୍ବୋରେ ହିଁ ଖେଳୁଛି। ଟିମ୍ ଆମେରିକା ଓ ନେଦରଲାଣ୍ଡ ବିପକ୍ଷରେ ପ୍ରାରମ୍ଭିକ ମ୍ୟାଚ୍ ଜିତିସାରିଛି। ସେହିପରି ଭାରତ ନିଜର ପ୍ରଥମ ଦୁଇଟି ଗ୍ରୁପ୍ ମ୍ୟାଚ୍‌ରେ ଆମେରିକା ଓ ନାମିବିଆକୁ ମାତ୍ ଦେଇଛି।



ରବିବାର କଲମ୍ବୋରେ ପୂରା ୨୪ ଘଣ୍ଟା ବର୍ଷା ସମ୍ଭାବନା ରହିଛି। ସକାଳ ୯ଟାରୁ ଅପରାହ୍ଣ ତିନିଟା ପର୍ଯ୍ୟନ୍ତ ୬୦%ରୁ ୫୦% ବର୍ଷା ହେବାର ଅନୁମାନ କରାଯାଇଛି। ସେହିପରି ମ୍ୟାଚ୍ ଅବସରରେ ସନ୍ଧ୍ୟା ୭ରୁ ରାତି ୧୨ ପର୍ଯ୍ୟନ୍ତ ୧୦ରୁ ୨୦ ପ୍ରତିଶତ ବର୍ଷା ସମ୍ଭାବନା ରହିଛି। ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ଶନିବାର ମଧ୍ୟ କଲମ୍ବୋରେ ଦିନବେଳା ୩୫% ବର୍ଷାର ସମ୍ଭାବନା ରହିଛି। ଯଦି ଏହି ମ୍ୟାଚ୍ ଫଳାଫଳଶୂନ୍ୟ ରୁହେ, ତେବେ ଉଭୟ ଟିମ୍‌କୁ ୧-୧ ପଏଣ୍ଟ ମିଳିବ। ଗ୍ରୁପ୍ ପର୍ଯ୍ୟାୟର ଏହି ମ୍ୟାଚ୍ ପାଇଁ ରିଭର୍ଜ ଡେ' ନାହିଁ। ତେଣୁ ରବିବାର ମ୍ୟାଚ୍ ହୋଇନପାରିଲେ ଏହାକୁ ଫଳାଫଳ ଶୂନ୍ୟ ଘୋଷଣା କରାଯିବ।

# ଷ୍ଟିଭ୍ ସ୍ମିଥ୍ ପିଏସ୍ଏଲ୍ ଇତିହାସର ସବୁଠୁ ଦାମୀ ଖେଳାଳି

**୫ ଲକ୍ଷ ଡଲାରରେ ଚୁକ୍ତିକଲା ସିୟାଲ୍‌କୋଟ୍ ଷ୍ଟାଲିୟନ୍ସ**

**ନସୀମ୍ ଶାହ ଦାମୀ ପାକିସ୍ତାନୀ**



**ଲାହୋର,୧୩।୨/ଏଜେନ୍ସି:** ପାକିସ୍ତାନ ସୁପର୍ ଲିଗ୍ (ପିଏସ୍ଏଲ୍)ର ଏକାଦଶ ସିଜନ୍ ପୂର୍ବରୁ ହୋଇଥିବା ମେଗା ଅକ୍ସନ୍ କ୍ରିକେଟ୍ ଜଗତରେ ହଇଚଇ ସୃଷ୍ଟି କରିଛି। ଅଷ୍ଟ୍ରେଲିଆର ଷ୍ଟାର୍ ବ୍ୟାଟ୍ ଷ୍ଟିଭ୍ ସ୍ମିଥ୍ ପିଏସ୍ଏଲ୍ ଇତିହାସରେ ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ସିୟାଲ୍‌କୋଟ୍ ଷ୍ଟାଲିୟନ୍ସ ତାଙ୍କୁ ୧୪ କୋଟି ପାକିସ୍ତାନୀ ମୁଦ୍ରାରେ (ପ୍ରାୟ ୫ ଲକ୍ଷ ଡଲାର) ଡାଇରେକ୍ଟ ସାଇନିଂ କରିଛି। ଅନ୍ୟପକ୍ଷରେ ଷ୍ଟାର୍ ଫାଷ୍ଟ ବୋଲର୍ ନସୀମ୍ ଶାହ ଏହି ଅକ୍ସନ୍‌ରେ ସବୁଠୁ ଦାମୀ ପାକିସ୍ତାନୀ ଖେଳାଳି ହୋଇଛନ୍ତି। ତାଙ୍କୁ ଇସ୍ଲାମାବାଦ ୟୁନାଇଟେଡ୍ ୮.୬୫ କୋଟି ପାକିସ୍ତାନୀ ମୁଦ୍ରାରେ କିଣିଛି। ତାଙ୍କ ସହିତ ଅଲ୍‌ରାଉଣ୍ଡର୍ ଫିହିମ୍ ଅଶରଫ୍ ମଧ୍ୟ ସେହି ଟିମ୍‌ରେ ୮.୫୦ ଗୋଟି ପାକିସ୍ତାନୀ ମୁଦ୍ରାରେ ସାମିଲ ହୋଇଛନ୍ତି। ପେଶାଓ୍ୱାର୍ ଜାଲ୍‌ମୀ ୭ କୋଟି ପାକିସ୍ତାନୀ ମୁଦ୍ରାରେ ବାବର୍ ଆଜମ୍‌ଙ୍କୁ ରିଟେନ୍ କରିଛି। ତେବେ ରିଟେନ୍‌ସନ୍‌ରେ ସଇମ୍ ଅୟୁବ୍ (୧୨.୨ କୋଟି) ସବୁଠୁ ଦାମୀ ଖେଳାଳି ହୋଇଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଅନୁଭବୀ ବ୍ୟାଟର୍ ଉସ୍‌ମାନ୍ ଖ୍ୱାଜା ଏବଂ ସାଉଥ୍ ଆଫ୍ରିକାର ସ୍ପିନର୍ କେଶବ ମହାରାଜଙ୍କୁ କୌଣସି ଟିମ୍ କିଣିନାହାନ୍ତି। ସେହିପରି ଇଂଲଣ୍ଡର ଷ୍ଟାର୍ ବ୍ୟାଟର୍ ଡେଭିଡ୍ ମଲାନ୍ ଏବଂ ବିସ୍ଫୋରକ ଓପ୍ନର୍ ଜେସନ୍ ରୟଙ୍କ ସମେତ ବହୁ ଖେଳାଳି ମଧ୍ୟ ଖାଲି ହାତରେ ଫେରିଛନ୍ତି। ପିଏସ୍ଏଲ୍ ଚଳିତ ସିଜନ୍‌ରେ ଐତିହାସିକ ପରିବର୍ତ୍ତନ କରି ଡ୍ରାଫ୍ଟ ସିଷ୍ଟମ୍ ସ୍ଥାନରେ ଖେଳାଳି ଅକ୍ସନ୍ ମଡେଲ୍ ଲାଗୁ କରିଛି। ଗତ ୧୦ ବର୍ଷ ଧରି ଡ୍ରାଫ୍ଟ ସିଷ୍ଟମ୍‌ରେ ଚାଲୁଥିବା ଲିଗ୍ ଏବେ ଆଇପିଏଲ୍ ଢାଞ୍ଚାରେ ଅକ୍ସନ୍ ଜରିଆରେ ଖେଳାଳି ଚୟନ କରୁଛି। ଲିଗ୍‌ର ସମ୍ପ୍ରସାରଣ ମଧ୍ୟ ହୋଇଛି। ଏବେ ଟିମ୍ ସଂଖ୍ୟା ୬ରୁ ବୃଦ୍ଧି ପାଇ ୮ ହୋଇଛି। ସିୟାଲ୍‌କୋଟ୍ ଓ ହାଇଦ୍ରାବାଦ ଦୁଇଟି ନୂଆ ଫ୍ରାଞ୍ଚାଇଜି ଭାବେ ସାମିଲ ହୋଇଛନ୍ତି।

# ରିୟାନ୍ ପରାଗ ରାଜସ୍ଥାନ ରୟାଲ୍ସ କ୍ୟାପ୍ଟେନ୍

**ନୂଆଦିଲ୍ଲୀ,୧୩।୨/ଏଜେନ୍ସି:** ଆଇପିଏଲ୍ ୨୦୨୬ ପୂର୍ବରୁ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଅଲ୍‌ରାଉଣ୍ଡର୍ ରିୟାନ୍ ପରାଗଙ୍କୁ ଟିମ୍‌ର ନୂଆ କ୍ୟାପ୍ଟେନ୍ ନିଯୁକ୍ତ କରିଛି। ସଞ୍ଜୁ ସାମ୍‌ସନ୍ ଚେନ୍ନାଇ ସୁପର୍ କିଙ୍ଗସ (ସିଏସ୍‌କେ) ଚାଲିଯିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୬ ମିନି ଅକ୍ସନ୍ ପୂର୍ବରୁ ସଞ୍ଜୁ ଟ୍ରେଡ୍ ଓ୍ୱିଣ୍ଡୋ ଜରିଆରେ ସିଏସ୍‌କେ ଚାଲିଯାଇଥିଲେ। ସିଏସ୍‌କେ ଏହା ବଦଳରେ ରବୀନ୍ଦ୍ର ଜାଡ଼େଜା ଓ ସାମ୍ କରନ୍‌ଙ୍କ ପରି ଦୁଇଜଣ ଅଲ୍‌ରାଉଣ୍ଡର୍ ରାଜସ୍ଥାନ ରୟାଲ୍ସକୁ ଦେଇଥିଲା।



୨୪ ବର୍ଷୀୟ ରିୟାନ୍ ପରାଗ ଗତ ସାତ ସିଜନ୍ ଧରି ରାଜସ୍ଥାନର ସଦସ୍ୟ ରହିଆସିଛନ୍ତି। ଗତ ସିଜନ୍ ପରେ ସଞ୍ଜୁ ଫ୍ରାଞ୍ଚାଇଜି ଛାଡ଼ିବାକୁ ଇଚ୍ଛାପ୍ରକାଶ କରିଥିଲେ। ଫଳରେ ଟିମ୍ ମ୍ୟାନେଜମେଣ୍ଟ ଭବିଷ୍ୟତକୁ ଦୃଷ୍ଟିରେ ରଖି ପରାଗଙ୍କ ଉପରେ ଭରସା କରିଛି। ରିୟାନ୍‌ଙ୍କ ପାଇଁ ନେତୃତ୍ୱ ଅନୁଭବ ନୂଆ ନୁହେଁ। ଆଇପିଏଲ୍ ୨୦୨୫ ଅବସର ଆଘାତ କାରଣରୁ ସଞ୍ଜୁ ସାମ୍‌ସନ୍ ୮ ମ୍ୟାଚ୍‌ରୁ ବାଦ୍ ପଡ଼ିଥିଲେ। ସେତେବେ ସେ ଟିମ୍‌ର ଦାୟିତ୍ୱ ସମ୍ଭାଳିଥିଲେ। ଅବଶ୍ୟ ସେ ଟିମ୍‌କୁ ମାତ୍ର ଦୁଇଟି ମ୍ୟାଚ୍‌ରେ ବିଜୟୀ କରାଇପାରିଥିଲେ। କିନ୍ତୁ ବ୍ୟାଟର୍ ଭାବେ ପରାଗ ପ୍ରଭାବିତ କରିଥିଲେ। ସେ ନେତୃତ୍ୱ ଅବସରରେ ୩୮.୫୭ ହାରାହାରିରେ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ୯୫ ରନ୍‌ର ଇନିଂସ୍ ତାଙ୍କ କ୍ୟାରିୟର୍‌ର ସର୍ବଶ୍ରେଷ୍ଠ ସ୍କୋର୍ ଥିଲା। ରିୟାନ୍ ୨୦୧୯ରେ ରାଜସ୍ଥାନ ପକ୍ଷରୁ ଡେବ୍ୟୁ କରିଥିଲେ। ପ୍ରାରମ୍ଭିକ ଖରାପ ଫର୍ମ କାରଣରୁ ତାଙ୍କୁ ବହୁ ଟ୍ରୋଲ୍ ମଧ୍ୟ କରାଯାଇଥିଲା। କିନ୍ତୁ ୨୦୨୪ ସିଜନ୍ ତାଙ୍କ ପାଇଁ ଗେମ୍ ଚେଞ୍ଜର୍ ସାବ୍ୟସ୍ତ ହୋଇଥିଲା।

ରିପୋର୍ଟ ଅନୁସାରେ ଆର୍‌ଆର୍ ମୁଖ୍ୟ କୋଚ୍ କୁମାର ସଙ୍ଗାକାରା କ୍ୟାପ୍ଟେନ୍ ଚୟନ ପାଇଁ କେତେକ ଖେଳାଳିଙ୍କୁ ସାକ୍ଷାତକାର ନେଇଥିଲେ। ଦୀର୍ଘ କଥାବାର୍ତ୍ତା ଏବଂ ନେତୃତ୍ୱ କ୍ୱାଲିଟିକୁ ପରଖିବା ପରେ ରିୟାନ୍ ପରାଗଙ୍କ ନାମରେ ମୋହର ଲଗାଯାଇଛି। ପରାଗଙ୍କ ଆଗରେ ଏବେ ବଡ଼ ଆହ୍ୱାନ ରହିବ। କାରଣ ରାଜସ୍ଥାନ ଗତ ସିଜନ୍‌ରେ ୧୪ ମ୍ୟାଚ୍‌ରୁ ମାତ୍ର ୪ଟି ଜିତି ପଏଣ୍ଟ ଟେବଲ୍‌ରେ ନିମ୍ନରୁ ଦ୍ୱିତୀୟ ସ୍ଥାନରେ ରହିଥିଲା।

# ପାରା ସ୍ୱିମର୍ ସତ୍ୟେନ୍ଦ୍ର ସିଂହ ଲୋହିୟାଙ୍କ କୀର୍ତ୍ତିମାନ



**ନୂଆଦିଲ୍ଲୀ,୧୩।୨/ଏଜେନ୍ସି:** ଭାରତର ସତ୍ୟେନ୍ଦ୍ର ସିଂହ ଲୋହିୟା ନ୍ୟୁଜିଲାଣ୍ଡରେ କୁକ୍ ଷ୍ଟ୍ରେଟ୍ ପାର୍ କରିବାରେ ଏସିଆର ପ୍ରଥମ ପାରା ସ୍ୱିମର୍ ହୋଇଛନ୍ତି। ୩୮ ବର୍ଷୀୟ ଲୋହିୟା ୯ ଘଣ୍ଟା ୨୨ ମିନିଟ୍‌ରେ ୨୩.୬ କିଲୋମିଟର ପହଁରି ଏହି ଉପଲବ୍ଧି ହାସଲ କରିଛନ୍ତି। ଆଧିକାରିକ ସୂଚନା ଅନୁସାରେ ସେ ଜାନୁଆରୀ ତୃତୀୟ ସପ୍ତାହରେ ନ୍ୟୁଜିଲାଣ୍ଡରେ ପହଞ୍ଚି ଭୀଷଣ ଥଣ୍ଡା ପାଣିରେ କଡ଼ା ଅଭ୍ୟାସ କରିଥିଲେ। ଏହି ଅସାଧାରଣ ଉପଲବ୍ଧି ପାଇଁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ତାଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ମଧ୍ୟପ୍ରଦେଶ ପାଇଁ ଏହି ଗୌରବଶାଳୀ କ୍ଷଣ ସତ୍ୟେନ୍ଦ୍ରଙ୍କୁ ଅଦମ୍ୟ ଭାବନା ଏବଂ ଅତୁଟ ଦୃଢ଼ ସଙ୍କଳ୍ପକୁ ଦର୍ଶାଉଛି। ଏହା ଆଗାମୀ ପିଢ଼ିକୁ ପ୍ରେରିତ କରିବ।

**କୁକ୍ ଷ୍ଟ୍ରେଟ୍ ପାର୍ କରିବାରେ ପ୍ରଥମ ଏସୀୟ**

ଡାଏରିଆର ଉଚିତ ଚିକିତ୍ସା ହୋଇନପାରିବାକୁ ସତ୍ୟେନ୍ଦ୍ର ପିଲାଦିନୁ ହିଁ ଦିବ୍ୟାଙ୍ଗ ହୋଇଯାଇଥିଲେ। ସେ ୨୦୧୭ରେ ସମୁଦ୍ର ପହଁରାଳି ଭାବେ ନିଜ ଯାତ୍ରା ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ ଇଂଲିଶ୍ ଚ୍ୟାନେଲ୍ ମଧ୍ୟ ପାର୍ କରିସାରିଛନ୍ତି। ସତ୍ୟେନ୍ଦ୍ରଙ୍କୁ ୨୦୨୪ରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହା ବ୍ୟତୀତ ସେ ତେନ୍‌ଜିଙ୍ଗ୍ ନୋର୍ଗେ ଜାତୀୟ ସାହିକ ପୁରସ୍କାର ମଧ୍ୟ ପାଇଛନ୍ତି।

# ୧୭ରୁ କଳାହାଣ୍ଡି କପ୍ କ୍ରିକେଟ୍

**କଟକ,୧୩।୨/ଏଜେନ୍ସି:** ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ର ସିନିୟର ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ଆସନ୍ତା ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ୩୮ ଟିମ୍‌କୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇଥିବା ପ୍ରାରମ୍ଭିକ ଲିଗ୍‌ର ପ୍ରଥମ ପର୍ଯ୍ୟାୟରେ ଏ, ବି, ଏବଂ ସି' ଗ୍ରୁପ ମ୍ୟାଚ୍ ୧୭ରୁ ବିଭିନ୍ନ ଭେନ୍ୟୁ ଖେଳାଯିବ। ପ୍ରାରମ୍ଭିକ ଲିଗ୍ ଦିନିକିଆ ଫର୍ମାଟ୍ (୫୦ ଓଭର୍)ରେ ଖେଳାଯିବ। ପ୍ରଥମ ପର୍ଯ୍ୟାୟ ଫେବୃଆରୀ ୨୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏ ନେଇ ଶୁକ୍ରବାର ଓସିଏ ପକ୍ଷରୁ କାର୍ଯ୍ୟସୂଚୀ ଘୋଷିତ ହୋଇଛି। କାର୍ଯ୍ୟସୂଚୀ ଅନୁସାରେ ଫେବୃଆରୀ ୨୦ ତାରିଖକୁ ବିଶ୍ରମ ଦିବସ ଭାବେ ରଖାଯାଇଛି।

# ଚିନ୍ନାସ୍ୱାମୀରେ ଆଇପିଏଲ୍ ମ୍ୟାଚ୍‌କୁ ଅନୁମତି

**ବେଙ୍ଗାଲୁରୁ,୧୩।୨/ଏଜେନ୍ସି:** ବେଙ୍ଗାଲୁରୁର ଏମ୍.ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆଇପିଏଲ୍ ମ୍ୟାଚ୍ ଆୟୋଜନ ପାଇଁ କର୍ଣ୍ଣାଟକ ସରକାରଙ୍କ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। କେତେକ ସର୍ତ୍ତ ସହ ଆଇପିଏଲ୍ ମ୍ୟାଚ୍ କରାଯିବ। ଟିକେଟିଂ, ଭିଡ଼ ନିୟନ୍ତ୍ରଣ ଏବଂ ଷ୍ଟାଡିୟମ୍‌ରେ ପ୍ରବେଶକୁ ନେଇ ନିୟମର କଡ଼ାକଡ଼ି ପାଳନ କରାଯିବ। ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର 'ଏକ୍ସ'ରେ ଏହାର ସୂଚନା ଦେଇଛନ୍ତି। ଏଥିରେ ସେ ଲେଖିଛନ୍ତି, ଖେଳ ଏବଂ ପ୍ରଶଂସକଙ୍କ ହିତରେ ଆଇପିଏଲ୍ ମ୍ୟାଚ୍ ଆୟୋଜନ ପାଇଁ ଅନୁମତି ଦେବାକୁ କ୍ୟାବିନେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ତେବେ ସାର୍ବଜନିକ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଜଷ୍ଟିସ୍ ଜନ୍ ମାଇକେଲ୍ ଡି'କୁହ୍ନା ରିପୋର୍ଟର ସୁପାରିସକୁ କଡ଼ାକଡ଼ି ଲାଗୁ କରାଯିବ। ଦାୟିତ୍ୱ ଏବଂ ଉତ୍ତରଦାୟୀ ସହିତ ଆମେ ଆଗକୁ ବଢ଼ୁଛୁ। ରିପୋର୍ଟର ସୁପାରିସରେ ସର୍ବାଧିକ ୩୫ ହଜାର ଦର୍ଶକ ସୀମା ଏବଂ ଅନ୍ୟ ସୁରକ୍ଷା ଦିଶାନିର୍ଦ୍ଦେଶ ସାମିଲ। ଟି-୨୦ ବିଶ୍ୱକପ୍ କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିର ହୋଇସାରିଥରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ନିଜର ସମସ୍ତ ୭ ଘରୋଇ ମ୍ୟାଚ୍ ଖେଳିପାରେ।



Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra